ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଅଗଷ୍ଟ ୧୦/୨୦୨୨ (୧୪ ପୃଷ୍ଠା) Sambalpur, Wednesday, August 10/2022 Page 14 ₹ 7.00 ★★
୧୮ଶ ଭାଗ ୨୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଛେତ୍ରୀ ଫୁଟ୍‌ବଲର ଅଫ୍ ଦି ଇୟର**

ସୁନୀଲ ଛେତ୍ରୀ ୭ମ ଥର ଫୁଟ୍‌ବଲର ଅଫ୍ ଦି ଇୟର ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି।

୧୪

୧୦

**ଆଇଏଫ୍‌ଏଫ୍‌ଏମ୍‌ର ଜଜ୍ ତମନ୍ନା**

ଫିଲ୍ମ ଅଭିନେତ୍ରୀ ତମନ୍ନା ଭାଟିଆ ଚଳିତ ବର୍ଷ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ନରେ ଜଜ୍ ଭାବେ ଦେଖାଯିବେ।



# ମୋଦିଙ୍କୁ ଛାଡ଼ିଲେ ନୀତୀଶ

- ବିହାରରେ ଏନ୍‌ଡିଏ ଭାଙ୍ଗିଲା
- ଆର୍‌ଜେଡିକୁ ଧରି ମହାମେଣ୍ଟ ସରକାର
- ତେଜସ୍ୱୀ ପୁଣି ଉପମୁଖ୍ୟମନ୍ତ୍ରୀ ହେବେ
- ଆଜି ଅପରାହ୍ଣ ୨ଟାରେ ଶପଥ ଗ୍ରହଣ

ପାଟନା/ନୂଆଦିଲ୍ଲୀ,୯।୮(ପି.ଟି./ଆଇଏଏନ୍‌ଏସ୍)

କିଛି ମାସ ତଳୁ ଯାହା ଆକଳନ କରାଯାଉଥିଲା, ଏବେ ତାହା ସତ ପ୍ରମାଣିତ ହୋଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତ ଛାଡ଼ିଦେଇଛନ୍ତି। ସେ ଭାଜପା ସହ ସମ୍ପର୍କ ଛିନ୍ନ କରି ପୁରୁଣା ସାଥୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମର୍ଥନରେ ପୁଣି ଥରେ ସରକାର ଗଢ଼ିବାକୁ ଯାଉଛନ୍ତି। କ୍ଷମତାସୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ଦୁର୍ବଳ କରିବା ପାଇଁ ଭାଜପା ଉଦ୍ୟମ ଚଳାଇଥିଲା ଏବଂ ତାଙ୍କୁ ବାରମ୍ବାର ଅପମାନିତ କରିଥିଲା। ଏଥିଯୋଗୁ ଜେଡିୟୁ ନେତାମାନେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ପରାମର୍ଶକ୍ରମେ ଏନ୍‌ଡିଏରୁ ଓହରିଯାଇଥିବା ନେଇ ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ପ୍ରଦାନ ପରେ ଗଣମାଧ୍ୟମକୁ ନୀତୀଶ କହିଛନ୍ତି। ନୀତୀଶ ମଙ୍ଗଳବାର ମହାମେଣ୍ଟର ନେତା ନିର୍ବାଚିତ ହେବା ପରେ ରାଜ୍ୟପାଳ ଫାଗୁ ଚୌହାନଙ୍କୁ ଭେଟି ୧୬୪ ବିଧାୟକଙ୍କ ☞ପୃଷ୍ଠା-୪




**ସପ୍ତମ ଥର ମୁଖ୍ୟମନ୍ତ୍ରୀ ହେବେ ନୀତୀଶ**

- ପ୍ରଥମ ପାଳି: ୩ ମାର୍ଚ୍ଚ ୨୦୨୦-୧୦ ମାର୍ଚ୍ଚ ୨୦୨୦
- ଦ୍ୱିତୀୟ ପାଳି: ୨୪ ନଭେମ୍ବର ୨୦୦୫-୨୬ ନଭେମ୍ବର ୨୦୧୦
- ତୃତୀୟ ପାଳି: ୨୬ ନଭେମ୍ବର ୨୦୧୦-୨୦ ମେ' ୨୦୧୪
- ଚତୁର୍ଥ ପାଳି: ୨୨ ଫେବୃୟାରୀ ୨୦୧୫-୨୦ ନଭେମ୍ବର ୨୦୧୫
- ପଞ୍ଚମ ପାଳି: ୨୦ ନଭେମ୍ବର ୨୦୧୫-୧୬ ନଭେମ୍ବର ୨୦୨୦
- ଷଷ୍ଠ ପାଳି: ୧୬ ନଭେମ୍ବର ୨୦୨୦-୯ ଅଗଷ୍ଟ ୨୦୨୨



ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଓ ତେଜ ପ୍ରତାପଙ୍କ ଗହଣରେ ନୀତୀଶ କୁମାର।

## ପ୍ରଧାନମନ୍ତ୍ରୀ ପଦ ଉପରେ ଆଖି

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷା ସମ୍ପର୍କରେ ଊଣା ଅଧିକେ ସମସ୍ତେ ଅବଗତ। ୬ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଜେଡିୟୁ ନେତା ନୀତୀଶ ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିବା ନେଇ ଅନେକ ସମୟରେ ତାଙ୍କ ରାଜନୈତିକ ପଦକ୍ଷେପକୁ ଭିତ୍ତିକରି ଖବର ପ୍ରକାଶ ପାଇଥାଏ। ଏଭଳି ଖବରକୁ ନୀତୀଶଙ୍କ ଦଳ ଜେଡିୟୁ କେବେ ଖଣ୍ଡନ କରିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଳ୍ପ ଭାବେ ବିରୋଧୀ ଦଳଗୁଡ଼ିକ ଜଣେ ମଜଭୁତ ନେତାଙ୍କ ଆବଶ୍ୟକତା ଅନୁଭବ କରୁଥିବାବେଳେ ନୀତୀଶ ଏନ୍‌ଡିଏ ଛାଡ଼ି ଆର୍‌ଜେଡି ସମର୍ଥନରେ ପୁନର୍ବାର ସରକାର ଗଢ଼ିବା ଜାତୀୟ ରାଜନୀତିରେ ନୂଆ ସମୀକରଣକୁ ଜନ୍ମ ଦେଇଛି। ଏନେଇ ଜେଡିୟୁ ସଂସଦୀୟ ଦଳ ନେତା ଉପେନ୍ଦ୍ର କୁଶୱାହ ଟୁଇଟ୍ କରିଛନ୍ତି, ନୀତିଶ ଆଗକୁ ବଢ଼ନ୍ତୁ। ଆପଣଙ୍କୁ ସାରା ଦେଶ ଅପେକ୍ଷା କରିଛି। କେନ୍ଦ୍ରମନ୍ତ୍ରୀ ଗିରିରାଜ କିଶୋର କହିଛନ୍ତି, ପ୍ରଧାନମନ୍ତ୍ରୀ ହେବା ପାଇଁ ନୀତୀଶଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷା ତାଙ୍କୁ ଏନ୍‌ଡିଏରୁ ଓହରିବା ପାଇଁ ବାଧ କରିଛି। ପଲ୍‌ଟୁ ରାମ ପୁଣି ପଲଟିଗଲେ।

## ଭାରତ ଛାଡ଼ ଆନ୍ଦୋଳନ ଭଳି ଶୁଭାରମ୍ଭ



ଅଖିଳେଶ ଯାଦବ

ବିହାରର ରାଜନୈତିକ ଘଟଣାକ୍ରମକୁ ଦେଖି ସମାଜବାଦୀ ପାର୍ଟି (ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବ କହିଛନ୍ତି, ଆଜିର ଦିନରେ 'ବ୍ରିଟିଶ ଭାରତ ଛାଡ଼' ଡାକରା ଦିଆଯାଇଥିଲା। ଏବେ ନୀତୀଶ କୁମାର ବିହାରରେ 'ଭାଜପା ଛାଡ଼' ଡାକରା ଦେଇଛନ୍ତି। ଏହା ଏକ ଶୁଭାରମ୍ଭ। ଅନ୍ୟ ରାଜ୍ୟଗୁଡ଼ିକରେ ମଧ କେତେକ ଦଳ ଭାଜପାକୁ ଛାଡ଼ି ନୂଆ ସମୀକରଣ ଆରମ୍ଭ କରିବେ। ଭାଜପା ଦେଶର ଇତିହାସକୁ ବଦଳାଇବା ପାଇଁ ଷଡ଼ଯନ୍ତ୍ର ରଚୁଛି। ଆର୍‌ଏସ୍‌ଏସ୍ ଲୋକେ ସ୍ୱାଧୀନତା ସଂଗ୍ରାମରେ ସାମିଲ ନ ଥିଲେ। ଭାଜପା କ୍ଷମତାକୁ ଆସିବା ପରେ ସ୍ୱାଧୀନତାର ମୂଲ୍ୟ ଭୁଲିଯାଇଛି ବୋଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳେଶ ସମାଲୋଚନା କରିଛନ୍ତି।

## ବିଶ୍ୱାସଘାତ ହୋଇଛି: ଭାଜପା

ନୀତୀଶ ୮ ବର୍ଷରେ ୨ୟ ଥର ପାଇଁ ଭାଜପାକୁ ଛାଡ଼ିଛନ୍ତି। ନୀତୀଶ ବିହାରବାସୀଙ୍କ ସହ ବିଶ୍ୱାସଘାତ କରିଛନ୍ତି। ଏହାକୁ ରାଜ୍ୟବାସୀ ବରଦାସ୍ତ କରିବେ ନାହିଁ। ସେମାନେ ଏହାର ଉଚିତ ଜବାବ ଦେବେ ବୋଲି ଭାଜପା ରାଜ୍ୟ ସଭାପତି ସଞ୍ଜୟ ଜୟସ୍ୱାଲ କୋର୍ କମିଟି ବୈଠକ ପରେ କହିଛନ୍ତି।

### ମେଣ୍ଟ ଭାଙ୍ଗିବାରେ ଭାଜପା କୁଖ୍ୟାତ: ତେଜସ୍ୱୀ

ସମସ୍ତ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ଅନ୍ୟ କୌଣସି ମେଣ୍ଟ ସହଯୋଗୀ ନାହିଁ। ଏହି ଦଳ ମେଣ୍ଟ ଭାଙ୍ଗିବାରେ କୁଖ୍ୟାତ୍ ବୋଲି ଇତିହାସ ରହିଛି। ମହାରାଷ୍ଟ୍ର ଏହାର ଦୃଷ୍ଟାନ୍ତ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି।

## ସାନି ନିର୍ବାଚନ ହେଉ



ଚିରାଗ ପାଶ୍ୱାନ

ଆଜି ନୀତୀଶ କୁମାରଙ୍କ ବିଶ୍ୱସନୀୟତା ହେଉଛି ଶୂନ। ବିହାରରେ ରାଷ୍ଟ୍ରପତି ଶାସନ ଜାରି ହେଉ ଏବଂ ରାଜ୍ୟରେ ସାନି ନିର୍ବାଚନ କରାଯାଉ ବୋଲି ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ରାମବିଳାସ ଗୋଷ୍ଠୀ ମୁଖ୍ୟ ଚିରାଗ ପାଶ୍ୱାନ ଦାବି କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନୀତୀଶଙ୍କ କୌଣସି ଆଦର୍ଶ ନାହିଁ। ଆଗାମୀ ନିର୍ବାଚନରେ ତାଙ୍କ ଦଳ ଜେଡିୟୁ ଗୋଟିଏ ହେଲେ ଆସନ ପାଇବ ନାହିଁ। ଅନ୍ୟପକ୍ଷେ ୨୦୨୦ ବିଧାନସଭା ନିର୍ବାଚନ ବେଳେ ଜେଡିୟୁର ଭୋଟ କାଟିବା ପାଇଁ ଭାଜପା ଚିରାଗଙ୍କୁ ବ୍ୟବହାର କରିଥିବା ନେଇ ହେଉଥିବା ଅଭିଯୋଗକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ସ୍ୱୀକାର କରିଛନ୍ତି। ଏହାକୁ ଚିରାଗ ନିଜର ଏକ ଉଲ୍ଲେଖନୀୟ ସଫଳତା ବୋଲି ଅଭିହିତ କରିଛନ୍ତି।

# ଯୁକ୍ତ୩ ନାମଲେଖା: ନିଅଣ୍ଟ ପଡ଼ିବ ସିଟ୍

ଭୁବନେଶ୍ୱର, ୯।୮(ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟରେ ଯୁକ୍ତ୩ରେ ନାମଲେଖା ପାଇଁ ସିଟ୍ ନିଅଣ୍ଟ ପଡ଼ିପାରେ। କାରଣ ଚଳିତବର୍ଷ ଯୁକ୍ତ୨ ପାସ୍ ହାର ତୁଳନାରେ ରାଜ୍ୟର ପ୍ରମୁଖ ଡିଗ୍ରୀ କଲେଜଗୁଡିକରେ ସିଟ୍ କମ୍ ରହିଛି। ତେଣୁ ଯୁକ୍ତ୩ରେ ସିଟ୍ ସଂଖ୍ୟାକୁ ବୃଦ୍ଧି କରା ନ ଗଲେ ନାମଲେଖାରେ ସମସ୍ୟା ଦେଖାଦେଇପାରେ। ଫଳରେ ଏଥର ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା

### ଉଚ୍ଚଶିକ୍ଷାରୁ ଛାତ୍ରୀଛାତ୍ର ବଞ୍ଚିତ ହେବା ଆଶଙ୍କା

କରାଯାଉଛି। ରାଜ୍ୟରେ ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ମୋଟ ୨,୬୬,୫୬୮ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ମୋଟ ୨ଲକ୍ଷ ୪୯ହଜାର ୪୫୩ ସିଟ୍ ରହିଛି। ସିଟ୍ ସଂଖ୍ୟା ଠାରୁ ଉତ୍ତୀର୍ଣ୍ଣ ହୋଇଥିବା ପିଲାଙ୍କ ସଂଖ୍ୟା ୧୭,୧୧୫ ଅଧିକ। ତେଣୁ ନାମଲେଖାରେ ସମସ୍ୟା ଉପୁଜିପାରେ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିକଳ୍ପ ଦିଶିଲାଣି**

## ବର୍ଷକରେ ୨୬ ଲକ୍ଷ ବଢ଼ିଛି ମୋଦିଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୯।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜସ୍ୱ ସମ୍ପତ୍ତି ପରିମାଣ ବର୍ଷକ ମଧ୍ୟରେ ୨୬.୧୩ ଲକ୍ଷ ଟଙ୍କା ବୃଦ୍ଧି ପାଇ ୨ କୋଟି ୨୩ ଲକ୍ଷ ୮୨ ହଜାର ୫୦୪ ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ପାଖରେ ନଗଦ ୩୫,୨୫୦ ଟଙ୍କା ରହିଥିବାବେଳେ ପୋଷ୍ଟ ଅଫିସରେ ନ୍ୟାଶନାଲ ସେଭିଙ୍ଗ୍‌ସ ସାର୍ଟିଫିକେଟରେ ସେ ୯,୦୫,୧୦୫ ଟଙ୍କା ଜମା ରଖିଛନ୍ତି। ତାଙ୍କର ୧,୮୯,୩୦୫ ଟଙ୍କାର ଏକ ଜୀବନ ବୀମା ପଲିସି ଏବଂ ୧.୭୩ ଲକ୍ଷ ଟଙ୍କାର ୪ଟି ସୁନା ମୁଦି ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ୱେବ୍‌ସାଇଟରେ ଦିଆଯାଇଥିବା ୨୦୨୧-୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପତ୍ତି ଘୋଷଣାନାମା ଅନୁଯାୟୀ ଗାନ୍ଧୀନଗରରେ ଥିବା ଏକ ଜମିରେ ☞ପୃଷ୍ଠା-୪

DIRECTORATE OF TECHNICAL EDUCATION & TRAINING, ODISHA, CUTTACK-753001

DSPL-133 **Phase-II Admission into Govt. & Pvt. ITIs for 2022-23**

Trained Craftsmen through ITIs are the backbone of Industries and Technical establishments. In order to equip youth with desired skills, Phase-II admission into Govt. & Pvt. ITIs for 2022-23 are now open as per the following schedule.

**Eligibility of candidates for admission in Phase-II**

1. Fresh eligible applicants of any district can apply against the vacant seat in own or other district.
2. Registered applicants submitted CAF in Phase-I but not paid CAF fee can exercise choice & pay fee by pre existing "Student Login".
3. Registered applicants submitted CAF & paid CAF fee in Phase-I but not validated can exercise their choice by pre existing Student Login & report to NCC for validation.
4. Applicants exercised choices but not allotted seat in Phase-I can exercise their choice by pre existing Student Login at NCC.
5. Applicants allotted seat in Phase-I but not reported can exercise their choice by pre existing Student Login.
6. Applicants auto slided for upper choice but not reported can exercise their choice by pre existing Student Login.

*In case of further assistance you can contact Sanjog Help Line Toll Free No.155335 or 1800-345-6770 or nearest NCCs (Govt. ITIs)*

**IMPORTANT DATES**

- Availability of online Common Application Form (CAF) in the website- http://dtetodisha.gov.in or http://samsodisha.gov.in – **08.08.2022 to 18.08.2022 (11:45 PM)**
- Validation of submitted CAF (in case not verified online) by the Nodal Center-10.08.2022 to 20.08.2022
- Last date of submitting printout copy of online CAF at any Nodal Center-20.08.2022
- Publication of selection list & downloading of intimation letter-25.08.2022 (11AM)
- Reporting of the selected applicants for admission and admission data updation at selected ITIs-25.08.2022 to 30.08.2022

➢ *It is important to note that for improving Girls enrollment in Govt. ITIs under Sudakshiya Scheme 30% seats have been reserved across all trades irrespective of Categories.*
➢ *New Govt. ITIs have been setup with modern infrastructure at Bhandaripokhari, Paradeep, Kutra, Krushnaprasad, Birmaharajpur, Kantabanjhi, Kotagarh, Daringbadi, Parjang, Nandapur & Koida (open category) with demand trades.*
➢ *Seats are now open for Phase-II admission.*

Interested applicants are requested to avail the opportunity to apply at SAMS Portal for registration and attend the admission process within the scheduled time line.

**For detailed information please visit : samsodisha.gov.in**

Sd/-
Director of Technical Education & Training, Odisha.

OIPR-44008/13/0009/2223

SIKSHA 'O' ANUSANDHAN

SAAT-2022

Empowering students for a brighter future

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2022

MHRD India Rankings (NIRF) 2022
- 16th Best in University Category
- 27th Best in Engineering Category

B.Tech Programmes Offered
- Civil Engineering
- Computer Science & Engineering
- Computer Science & Information Technology
- Electrical Engineering
- Electrical & Electronics Engineering
- Electronics & Communication Engineering
- Mechanical Engineering

To apply for admission through SAAT, Please visit : www.soa.ac.in

## ଅଟୋରିକ୍ସା-ବସ୍ ଧକ୍କା: ୯ ମୃତ

ପଶ୍ଚିମବଙ୍ଗ ବୀରଭୂମରେ ସଡ଼କ ଦୁର୍ଘଟଣାରେ ୯ଜଣଙ୍କ ମୃତ୍ୟୁ ହୋଇଛି। ବୀରଭୂମ ମଲ୍ଲାରପୁର ହାଇୱେରେ ସରକାରୀ ବସ୍ ଓ ଅଟୋରିକ୍ସା ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋରେ ବସିଥିବା ସମସ୍ତ ୮ ମହିଳା ଶ୍ରମିକଙ୍କ ସମେତ ଅଟୋରିକ୍ସା ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ବସ୍‌ଟି ଆରାମବାଘରୁ ଦୁର୍ଗାପୁର ଅଭିମୁଖେ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ବୀରଭୂମ ଡିସିପି ନଗେନ୍ଦ୍ର ନାଥ ତ୍ରିପାଠୀ କହିଛନ୍ତି।



### ସଂକ୍ଷେପରେ

## ବୁଷ୍ଟର ଡୋଜ୍ ଭାବେ କୋର୍ବେଭାକ୍ସ ଟିକାକୁ ଖୁବ୍‌ଶୀଘ୍ର ମଞ୍ଜୁରୀ

ନୂଆଦିଲ୍ଲୀ,୯।୮(ପି.ଟି.): ବୁଷ୍ଟର ଡୋଜ୍ ଭାବେ ବାୟୋଲୋଜିକାଲ-ଇ ପ୍ରସ୍ତୁତ କୋର୍ବେଭାକ୍ସ କୋଭିଡ୍ ଟିକାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ମଞ୍ଜୁରୀ ପ୍ରଦାନ କରିବାକୁ ଯାଉଛି। ପୂର୍ବରୁ କୋଭାକ୍ସିନ କିମ୍ବା କୋଭିଶିଲ୍ଡ ଟିକା ନେଇଥିବା ସାବାଳକମାନଙ୍କୁ କୋର୍ବେଭାକ୍ସ ପ୍ରିକଶନ ଡୋଜ୍ ଭାବେ ଦିଆଯାଇପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଟିକାକରଣ ଉପରେ ଗଠିତ ନ୍ୟାଶନାଲ ଟେକ୍‌ନିକାଲ ଆଡଭାଇଜରି ଗ୍ରୁପ୍ (ଏନ୍‌ଟିଏଜିଆଇ)ର କୋଭିଡ୍ -୧୯ ୱାର୍କିଂ ଗ୍ରୁପ୍ ଗତ ସପ୍ତାହରେ କୋର୍ବେଭାକ୍ସକୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବୁଷ୍ଟର ଡୋଜ୍ ଭାବେ ମଞ୍ଜୁରୀ ଲାଗି ସୁପାରିସ କରିଥିଲେ। ଉକ୍ତ ସୁପାରିସ ଆଧାରରେ ବାୟୋଲୋଜିକାଲ-ଇ'ର ଏହି ଟିକା ପ୍ରିକଶନ ଡୋଜ୍ ଭାବେ ଟିକାକରଣ ଅଭିଯାନରେ ସାମିଲ ହେବାକୁ ଯାଉଛି।

## ଭାଜପା ନେତା ଶ୍ରୀକାନ୍ତ ତ୍ୟାଗୀ ଗିରଫ



ନୋଏଡ଼ା,୯।୮: ନୋଏଡ଼ା ରେସିଡେନ୍ସିଆଲ ସୋସାଇଟିରେ ପଡୋଶୀ ମହିଳାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଅଭିଯୋଗରେ ଫେରାର ଥିବା ଭାଜପା ନେତା ଶ୍ରୀକାନ୍ତ ତ୍ୟାଗୀଙ୍କୁ ୪ ଦିନ ପରେ ମଙ୍ଗଳବାର ମୀରଟରୁ ଗିରଫ କରାଯାଇଛି। ତାଙ୍କର ୩ ଜଣ ସହଯୋଗୀଙ୍କୁ ମଧ୍ୟ ନୋଏଡ଼ା ପୋଲିସ ଗିରଫ କରିଛି। ମଙ୍ଗଳବାର ସକାଳେ ପୋଲିସ ତ୍ୟାଗୀଙ୍କ ସ୍ତ୍ରୀଙ୍କୁ ଅଟକ ରଖି ଜେରା କରିଥିଲା। ଫେରାର ତ୍ୟାଗୀଙ୍କ ବିରୋଧରେ ପୋଲିସ ଲୁକ୍ ଆଉଟ ନୋଟିସ ଜାରି କରିଥିଲା। ସୋମବାର ନୋଏଡ଼ା କର୍ତ୍ତୃପକ୍ଷ ତାଙ୍କର ଏକ ବେଆଇନ ନିର୍ମାଣକୁ ଭାଙ୍ଗିଦେଇଥିଲେ। ତ୍ୟାଗୀ ନିଜକୁ କିଷାନ ମୋର୍ଚ୍ଚା ସଦସ୍ୟ କହୁଥିବାବେଳେ ସେ ଦଳରେ ନ ଥିବା ଭାଜପା ପକ୍ଷରୁ କୁହାଯାଇଛି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର ନିର୍ଦ୍ଦେଶ ଦେଇଥିଲେ।

## ଖୁବ୍‌ଶୀଘ୍ର ଚାଇନା ଯିବେ ଭାରତୀୟ ଛାତ୍ର

ବେଜିଂ,୯।୮: ଭିଜା କଟକଣା ଯୋଗୁ କୋଭିଡ୍ ମହାମାରୀ ବେଳେ ଘରକୁ ପଳାଇଆସିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ଚାଇନା ଫେରାଇନେବା ପ୍ରକ୍ରିୟା ଆରମ୍ଭ କରିଛି। ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ର ଖୁବ୍‌ଶୀଘ୍ର ବେଜିଂରେ ପହଞ୍ଚିବେ ବୋଲି ମଙ୍ଗଳବାର ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ ୱେନ୍‌ବିନ ଗଣମାଧ୍ୟମକୁ କହିଛନ୍ତି। ଫଳରେ କଲେଜରେ ପୁନର୍ବାର ଯୋଗଦେବା ଲାଗି ଦୀର୍ଘଦିନ ହେଲା ଅପେକ୍ଷା କରି ରହିଥିବା ହଜାର ହଜାର ପିଲାଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। କୋଭିଡ୍ କଟକଣା ଯୋଗୁ ୨୩ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ର ଚାଇନା ଫେରି ନ ପାରି ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତରୀ ଛାତ୍ରୀଛାତ୍ର। ନିକଟରେ ନୂଆଦିଲ୍ଲୀ ବେଜିଂକୁ ଫେରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ଏକ ତାଲିକା ଦେଇଥିଲା। ଇତିମଧ୍ୟରେ ଶ୍ରୀଲଙ୍କା, ପାକିସ୍ତାନ, ରୁଷିଆ ଓ ଅନ୍ୟ କେତେକ ଦେଶର କେତେଜଣ ଛାତ୍ର ଚାଇନାରେ ପହଞ୍ଚିଛନ୍ତି।

## ବଳାତ୍କାର ଅଭିଯୋଗରେ ମିର୍ଚ୍ଚି ବାବା ଗିରଫ



ଭୋପାଳ,୯।୮: ଏକ ବଳାତ୍କାର ମାମଲାରେ ମଧ୍ୟପ୍ରଦେଶ ପୋଲିସ ମଙ୍ଗଳବାର ବାବା ବୈରାଗ୍ୟାନନ୍ଦ ଗିରି ଓରଫ ମିର୍ଚ୍ଚି ବାବାଙ୍କୁ ଗିରଫ କରିଛି। ପୋଲିସ ଆଇପିସିର ଧାରା ୩୭୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଆତ୍ମଘୋଷିତ ଗଡ୍‌ମ୍ୟାନ ମିର୍ଚ୍ଚି ବାବା ୨୦୧୯ରେ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଲୋକ ସଭା ନିର୍ବାଚନ ଜିତିବା ପାଇଁ ଯଜ୍ଞ କରିଥିଲେ। ଯଦି ଦିଗ୍‌ବିଜୟ ହାରିଯାନ୍ତି, ତେବେ ସେ ଜଳସମାଧି ନେବେ ବୋଲି ଘୋଷଣା କରିଥିଲେ। ତେବେ ପୋଲିସ ଉପସ୍ଥିତି ଯୋଗୁ ସେ ତାହା କରିପାରି ନ ଥିଲେ।



ପିପୁଲ୍ସ ଲିବରେଶନ ଆର୍ମିର ଏକ ନୌସେନା ହେଲିକପ୍ଟର ତାଇୱାନ ଚାରିପଟେ ଥିବା ଜଳସୀମା ନିକଟରେ ସମରାଭ୍ୟାସରେ ସାମିଲ ହୋଇଛି।

# ପ୍ରସ୍ତୁତ ହେଉଛି ତାଇୱାନ

ବେଜିଂ/ତାଇପେଇ, ୯।୮

ଆମେରିକା ସହ ରୁଷିଆର ତିକ୍ତତା ବୃଦ୍ଧି ଏବଂ ୟୁକ୍ରେନ୍‌କୁ ନାଟୋରୁ ଦୂରେଇ ରଖି ପଡୋଶୀ ରାଷ୍ଟ୍ର ଉପରେ ନିୟନ୍ତ୍ରଣ ରଖିବା ଉଦ୍ଦେଶ୍ୟରେ ମସ୍କୋ ଏହି ପୂର୍ବ ୟୁରୋପୀୟ ଦେଶରେ ଆକ୍ରମଣ ଜାରି ରଖିଛି। ଏବେ ଅନୁରୂପ ଭବିଷ୍ୟତ ଆଶଙ୍କାରେ ରହିଛି ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ର ତାଇୱାନ। ଏହି ଦ୍ୱୀପକୁ ନିଜର ବୋଲି ଚାଇନା ଦାବି କରୁଆସୁଥିବାବେଳେ ଗତ ୩ ତାରିଖରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ଗସ୍ତକୁ ନେଇ ବେଜିଂ ଆକ୍ରୋଶମୂଳକଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଛି। ତାଇୱାନ ଚାରିପଟେ ଚାଇନା ସେନା ଘେରି ରହିଥିବାବେଳେ ବେଜିଂ ଯୁଦ୍ଧ ସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ କରିଛି ତାଇପେଇ। ଏଥିସହ ନିଜ ଗଣତନ୍ତ୍ର ଏବଂ ସାର୍ବଭୌମତ୍ୱ ରକ୍ଷା ପାଇଁ ତାଇୱାନ ମଙ୍ଗଳବାର ଦେଶର ଦକ୍ଷିଣପ୍ରାନ୍ତରେ ଥିବା ପିଙ୍ଗ୍‌ଟଙ୍ଗ୍‌ଠାରେ ସମରାଭ୍ୟାସ ଆରମ୍ଭ କରିଛି।

ପୂରା ବିଶ୍ୱ ୟୁକ୍ରେନ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଚଳାଇଥିବା ଧ୍ୱଂସଲୀଳାକୁ ଦେଖୁଥିବାବେଳେ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ତାଇୱାନ ଦଖଲର ମହତ୍ତ୍ୱାକାଂକ୍ଷା ପୂରଣ ପାଇଁ ରଣନୀତି କାର୍ଯ୍ୟକାରୀ କରିବା ଯୋଜନା ଆରମ୍ଭ କରିଛନ୍ତି। ଆର୍ଥିକ ଓ ସାମରିକ ଦୃଷ୍ଟିରୁ ପୂର୍ବାପେକ୍ଷା ନିଜକୁ ଅଧିକ ମଜଭୁତ କରିଥିବା ଚାଇନା ଏବେ ତାଇୱାନ ଉପରେ ଚାପ ପକାଇ 'ଆର୍ଟ ଅଫ୍ ୱାର' ଢଙ୍ଗରେ ଆତ୍ମସମର୍ପଣ ପାଇଁ ବାଧ୍ୟ କରାଇବାକୁ ଉଦ୍ୟମ କରୁଛି। କିନ୍ତୁ ଚାଇନା ତାଇୱାନ ଉପରେ ଆକ୍ରମଣ କରିବା ଏକ ସମ୍ଭାବନାଠାରୁ ଅଧିକ। କାରଣ ଆବଶ୍ୟକ ପଡ଼ିଲେ ଏହି ଦ୍ୱୀପକୁ ଜୋରଜବରଦସ୍ତ ମୁଖ୍ୟ ଚାଇନା ଭୂମି ସହ ମିଶାଯିବ ବୋଲି ପୂର୍ବରୁ ଜିନ୍‌ପିଙ୍ଗ୍ କହିଆସିଛନ୍ତି। ତାଇପେଇ ଉପରେ ବେଜିଂ ଆକ୍ରମଣ କଲେ ଏହା ଆଗରେ ୟୁକ୍ରେନ୍ ଯୁଦ୍ଧ ଫିକା ପଡ଼ିଯିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଚାଇନା ଏହାର ସାମରିକ ଶକ୍ତିକୁ ଯଥେଷ୍ଟ ବଢ଼ାଇବା ସହ ସମୁଦ୍ରରେ ଖୁବ୍‌କମ୍ ସମୟ ମଧ୍ୟରେ ବହୁସଂଖ୍ୟାରେ ଯୁଦ୍ଧପୋତ ମୁତୟନ କରିପାରିଛି। ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍‌ଏ) କ୍ରମାଗତଭାବେ ତାଇୱାନ ନିକଟରେ ମିଶାଇଲ ପରୀକ୍ଷଣ ସହ ସମରାଭ୍ୟାସ ଜାରି ରଖିଛି। ବହୁବାର ଚାଇନାର ବାୟୁସେନା ବିମାନ ତାଇୱାନ ବାୟୁସୀମା ଭେଦ କରି ଉଡ଼ାଣ ଭରିଛି। ବିଗତ ଦଶନ୍ଧିରେ ଚାଇନାର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ନୌସେନା ଏବଂ ମିଶାଇଲ ଫୋର୍ସ ବଢ଼ାଇବା ଆଦି ଦିଗରେ ବେଜିଂ ବେଶ୍ ଆଗେଇଛି। ଏହାର ଟେକ୍ନୋଲୋଜିକୁ ଅଧିକ ସୁଦୃଢ଼ କରିଛି। ଚାଇନା ଲିଡରଙ୍କ ପ୍ରମୁଖ ସ୍ୱପ୍ନ ମଧ୍ୟରେ ତାଇୱାନ ଦଖଲ, ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସମ୍ପୂର୍ଣ୍ଣ କବ୍‌ଜା, ସବୁଠାରୁ ବଡ଼ ଅର୍ଥନୀତିର ଦେଶ ଆଦି ରହିଛି।

### ଆରମ୍ଭ କଲା ସମରାଭ୍ୟାସ



### ଚାଇନା ପାଇଁ ସହଜ ନୁହେଁ

ଅନ୍ୟପଟେ ଦେଖିବାକୁ ଗଲେ ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ଏକ ମହାଶକ୍ତି ରାଷ୍ଟ୍ର ଭଳି ପରିଲକ୍ଷିତ ହେଉଥିଲେ ହେଁ ବାସ୍ତବ ସ୍ଥିତି ବେଶ୍ ଜଟିଳ। କାରଣ ଚାଇନା ଏବେ ବି ଅନେକ ଘରୋଇ, ଆର୍ଥିକ ସମସ୍ୟା ଦେଇ ଗତିକରୁଛି। ଅନ୍ତର୍ଜାତୀୟ ସ୍ତରରେ ସୃଷ୍ଟି ଆହ୍ୱାନର ସାମ୍ନା କରିବା ମଧ୍ୟ ଚାଇନା ପାଇଁ ଏକ ଚ୍ୟାଲେଞ୍ଜ। କୋଭିଡ୍ ମହାମାରୀ ଏବେ ଚାଇନା ଛାଡ଼ିନାହିଁ। ଏବେ ବି ଦେଶର ଅନେକ ସହରରେ ଲକ୍‌ଡାଉନ କଟକଣା ଲାଗୁ ହେଉଛି। ଚାଇନାର ଜନସଂଖ୍ୟାର ବିରାଟ ଭାଗ ବୃଦ୍ଧାବସ୍ଥାରେ। ଆଗାମୀ ଦଶନ୍ଧିରେ ଚାଇନାରେ ୭୦ ନିୟୁତ କାର୍ଯ୍ୟକ୍ଷମ ବ୍ୟକ୍ତି ଅବସର ନେବେ। ଏଥିସହ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୨୦ ନିୟୁତ ବଢ଼ିବ। ଅତିରିକ୍ତ ଭାବେ ୬୦ କୋଟି ନାଗରିକ ସେନାରେ ସାମିଲ ହେଲେ ଦେଶରେ କାର୍ମିକ ଯୁବକଙ୍କ ଅଭାବ ଦେଖାଯିବ। ଯୁଦ୍ଧ ଯୋଗୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ଚାଇନା ଉପରେ କଟକଣା ଲଗାଇଲେ କିମ୍ବା ଏହାର ବଜାର ଛାଡ଼ିଲେ ବେଜିଂ ପାଇଁ ଅସୁବିଧା ଆହୁରି ବଢ଼ିଯିବ। ଅନ୍ୟପକ୍ଷେ ଚାଇନା ନିକଟରେ କୌଣସି ହେଲେ ପ୍ରକୃତ ଯୁଦ୍ଧ ଲଢ଼ି ନ ଥିବାରୁ ଏହାର ସୈନିକଙ୍କ ନିକଟରେ ଅଭିଜ୍ଞତା ଅଭାବ ଅନୁଭୂତ ହେବ।

## ସିଙ୍ଗାପୁରର ପଡାଙ୍ଗ୍ ଜାତୀୟ ସ୍ମାରକୀ

### ଐତିହ୍ୟସ୍ଥଳୀରୁ 'ଦିଲ୍ଲୀ ଚଲୋ' ନାରା ଦେଇଥିଲେ ନେତାଜୀ



ସିଙ୍ଗାପୁର, ୯।୮

ସିଙ୍ଗାପୁରର ୨ ଶହ ବର୍ଷ ପୁରୁଣା ପ୍ରସିଦ୍ଧ ଐତିହ୍ୟ ସ୍ଥଳୀ ପଡାଙ୍ଗକୁ ମଙ୍ଗଳବାର ସେଠାକାର ସରକାର ଜାତୀୟ ସ୍ମାରକୀ ଘୋଷଣା କରିଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୯୪୩ରେ ସେଠାରୁ 'ଦିଲ୍ଲୀ ଚଲୋ' ନାରା ଦେଇଥିଲେ। ସିଙ୍ଗାପୁର ନିଜର ୫୭ତମ ଜାତୀୟ ଦିବସ ପାଳିଥିବାବେଳେ ଏହି ଅବସରରେ ପଡାଙ୍ଗକୁ ୭୫ତମ ରାଷ୍ଟ୍ରୀୟ ସ୍ମାରକୀ ମାନ୍ୟତା ମିଳିଛି। କୌଣସି ଏକ ସବୁଜ, ଖୋଲା ପଡ଼ିଆ ଏପରି ତାଲିକାରେ ସାମିଲ ହେବାରେ ପଡାଙ୍ଗ ପ୍ରଥମ। ସିଙ୍ଗାପୁରରେ କେନ୍ଦ୍ରରେ ୪.୩ ହେକ୍ଟରରେ ପରିବ୍ୟାପ୍ତ ପଡାଙ୍ଗ ସହ ଦେଶର ଅନେକ ଇତିହାସ ଜଡ଼ିତ। ଅଷ୍ଟାଦଶ ଶତାବ୍ଦୀରୁ ଏଠାରେ କ୍ରିକେଟ, ଫୁଟ୍‌ବଲ, ହକି, ଟେନିସ୍, ଲନ୍ ବୋଲିଂ ଆଦି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଆସୁଛି। ଏହି ଐତିହ୍ୟସ୍ଥଳୀ ସହ ଭାରତର ଘନିଷ୍ଠ ସମ୍ପର୍କ ରହିଛି। ସିଙ୍ଗାପୁରରେ ବାସ କରୁଥିବା ଶିଖ, ହିନ୍ଦୁ, ମୁସଲମାନ ଆଦି ସମ୍ପ୍ରଦାୟର ଅନେକ ଲୋକ ସେତେବେଳେ ଇଣ୍ଡିଆନ୍ ନ୍ୟାଶନାଲ ଆର୍ମି (ଆଇଏନ୍‌ଏ)ରେ ସାମିଲ ହୋଇଥିଲେ।

## ଟ୍ରମ୍ପଙ୍କ ଘରେ ଏଫ୍‌ବିଆଇ



ୱାଶିଂଟନ୍, ୯।୮

ଆମେରିକାର ତଦନ୍ତକାରୀ ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘରେ ସୋମବାର ଚଢ଼ାଉ କରିଛି। ଫ୍ଲୋରିଡାସ୍ଥିତ ପାମ୍ ବିଚ୍‌ରେ ଥିବା ତାଙ୍କ ବାସଭବନ ଏବଂ ମାର୍-ଏ-ଲାଗୋ କ୍ଲବ୍‌ରେ ଏଫ୍‌ବିଆଇ ବିନା ସୂଚନାରେ ଚଢ଼ାଉ କରିଥିବା ଟ୍ରମ୍ପ ଏକ ବିବୃତିରେ କହିଛନ୍ତି। ଏହା ଆମ ଦେଶ ପାଇଁ ଏକ କଳା ସମୟ। ଏଫ୍‌ବିଆଇ ଏଜେଣ୍ଟମାନେ ଘର ଏବଂ କ୍ଲବରେ ଚଢ଼ାଉ କରି ଜବତ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ହୋଇଥିବା କୌଣସି ବ୍ୟକ୍ତିଙ୍କ ଘରେ ଏପରି କେବେ ହୋଇ ନ ଥିଲା ବୋଲି ୭୬ ବର୍ଷୀୟ ଟ୍ରମ୍ପ କହିଛନ୍ତି। ୨୦୨୪ ପାଇଁ ସେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ତାଙ୍କୁ ଏଥିରୁ ବାଦ୍ ପକାଇବା ନିମନ୍ତେ ଏପରି କରାଯାଉଥିବା ଏହି ରିପବ୍ଲିକାନ୍ ପାର୍ଟି ନେତା ଅଭିଯୋଗ କରିଛନ୍ତି। ଏହି ଚଢ଼ାଉ ୨୦୨୧ ଜାନୁୟାରୀ ୬ କ୍ୟାପିଟୋଲ ହିଂସା ସହ ଜଡ଼ିତ ହୋଇଥାଇପାରେ ବୋଲି କୁହାଯାଉଛି।

## ଚାଇନାରେ ନୂଆ ଭୂତାଣୁ

### କିଡ୍‌ନୀ, ଲିଭରକୁ ଅକାମୀ କରୁଛି ଲାଙ୍ଗ୍ୟା ଭାଇରସ୍

ବେଜିଂ, ୯।୮

ଚାଇନାରେ ଶାନ୍‌ଡୋଙ୍ଗ୍ ଏବଂ ହେନାନ ପ୍ରଦେଶରେ ନୂଆ ଭୂତାଣୁ ସଂକ୍ରମଣ ଚିହ୍ନଟ ହୋଇଛି। ଏହାର ନାଁ ଲାଙ୍ଗ୍ୟା ହେନିପାଭାଇରସ୍ (ଲେଭି)। ଏଥିରେ ଅଦ୍ୟାବଧି ୩୫ ଜଣ ସଂକ୍ରମିତ ହୋଇଛନ୍ତି। ଏ ନେଇ ତାଇୱାନ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ (ସିଡିସି) ପକ୍ଷରୁ ସୂଚନା ଦିଆଯାଇଛି। ଲାଙ୍ଗ୍ୟା ଭୂତାଣୁ ସଂକ୍ରମଣ ଆଶଙ୍କା ଥିବାରୁ ତାଇୱାନ ଏହି ଭାଇରସ୍‌କୁ ଚିହ୍ନଟ ପାଇଁ ନ୍ୟୁକ୍ଲିକ ଏସିଡ୍ ଟେଷ୍ଟିଂ ଆରମ୍ଭ କରିଛି। ଲାଙ୍ଗ୍ୟା ଭାଇରସ୍ ଯୋଗୁ ଯକୃତ ଏବଂ କିଡ୍‌ନୀ ଅଧିକ ଭାବେ ପ୍ରଭାବିତ ହେବା ଏପରିକି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବାର ଆଶଙ୍କା ରହିଛି। ଏହା ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମିତ ହୋଇପାରିବ। ସେରୋଲଜିକାଲ ସର୍ଭେ ଅନୁସାରେ ଏ ଯାଏ ୨% ଛେଳି, ୫% କୁକୁର ଓ ଅନ୍ୟ ପ୍ରାଣୀ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ତେବେ ମଣିଷରୁ ମଣିଷକୁ ସଂକ୍ରମିତ ହେବା ମାମଲା ଚିହ୍ନଟ ହୋଇନାହିଁ। ଆକ୍ରାନ୍ତଙ୍କଠାରେ ଜ୍ୱର, ହାଲିଆ ଲାଗିବା, କଫ, ଭୋକ ମରିଯିବା, ମାଂସପେଶୀରେ ଯନ୍ତ୍ରଣା, ବାନ୍ତି, ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଯାଉଛି। ଏଥିସହ ସେମାନଙ୍କ ଶ୍ୱେତ ରକ୍ତ କଣିକା ଓ ପ୍ଲେଟଲେଟ୍ ହ୍ରାସ ପାଇବା ସହ ବୃକକ୍ ଏବଂ ଯକୃତ କାମ ନ କରିବା ଆଦି ସମସ୍ୟା ଉପୁଜୁଛି।



## ୭ରୁ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

ନୂଆଦିଲ୍ଲୀ,୯।୮(ପି.ଟି.)

ଭୟ ଓ ଅସମାନତା ମୁକ୍ତ ରାଜନୀତି ଓ ଏକ ବିକଳ୍ପ ଶାସନ ଲାଗି ସେପ୍ଟେମ୍ବର ୭ରୁ କଂଗ୍ରେସ ଦଳ ଦେଶବ୍ୟାପୀ 'ଭାରତ ଯୋଡ଼ୋ ଯାତ୍ରା'ର ଆୟୋଜନ କରିବାକୁ ଯାଉଛି। କନ୍ୟାକୁମାରୀରୁ କଶ୍ମୀର ହେବାକୁ ଥିବା ଏହି ଯାତ୍ରାରେ ରାହୁଲ ଗାନ୍ଧୀଙ୍କ ସମେତ ଅନେକ କଂଗ୍ରେସ ନେତା ଓ କର୍ମୀ ସାମିଲ ହେବେ ବୋଲି ମଙ୍ଗଳବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ୩,୫୦୦ କିଲୋମିଟରର ଏହି ପଦଯାତ୍ରା ୧୨ଟି ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳ ଦେଇ ଯିବ ଓ ୧୫୦ ଦିନରେ ଶେଷ ହେବ। ଜନସାଧାରଣ ବହୁସଂଖ୍ୟାରେ ଉକ୍ତ ଯାତ୍ରାରେ ସାମିଲ ହେବାକୁ କଂଗ୍ରେସ ଆହ୍ୱାନ ଦେଇଛି।




ଜମ୍ମୁରେ ସ୍କୁଲ ଛାତ୍ରୀଛାତ୍ରମାନେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ମଙ୍ଗଳବାର ଆୟୋଜିତ ଏକ ରାଲିରେ ଜାତୀୟ ପତାକା ଉଡ଼ାଉଛନ୍ତି।

## ଅନ୍ତର୍ଜାତୀୟ ଯାତ୍ରୀଙ୍କ ବିବରଣୀ ସୀମା ଶୁଳ୍କ ବିଭାଗକୁ ଦେବେ ଏୟାରଲାଇନ୍ସ

ନୂଆଦିଲ୍ଲୀ,୯।୮(ପି.ଟି.)

ବିମାନ ଉଡ଼ାଣର ୨୪ ଘଣ୍ଟା ପୂର୍ବରୁ ଅନ୍ତର୍ଜାତୀୟ ଯାତ୍ରୀମାନଙ୍କ ସବିଶେଷ ବିବରଣୀ ସୀମା ଶୁଳ୍କ ବିଭାଗକୁ ଦେବା ଲାଗି କେନ୍ଦ୍ର ସରକାର ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଉଲ୍ଲଂଘନକାରୀଙ୍କୁ ଦେଶ ବାହାରକୁ ଯିବାରୁ ରୋକିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ସୋମବାର 'ଯାତ୍ରୀମାନଙ୍କ ନାମ ରେକର୍ଡ ସୂଚନା ନିୟମାବଳୀ, ୨୦୨୨' ଜାରି କରିଛି। ଆର୍ଥିକ ଓ ଅନ୍ୟାନ୍ୟ ଅପରାଧୀଙ୍କୁ ଦେଶ ଛାଡ଼ିବାକୁ ନ ଦେବା ଏବଂ ବେଆଇନ ବ୍ୟବସାୟ ଓ ଚୋରା ଚାଲାଣ ରୋକିବା ଲାଗି ସେମାନଙ୍କ ବ୍ୟକ୍ତିଗତ ବିବରଣୀର ଯାଞ୍ଚ କରାଯିବ। ଏଥିପାଇଁ ସିବିଆଇସି 'ନ୍ୟାଶନାଲ କଷ୍ଟମ୍ସ ଟାର୍ଗେଟିଂ ସେଣ୍ଟର-ପ୍ୟାସେଞ୍ଜର' ଗଠନ କରିଛି।

## ୬ ଗୁଣ ମୃତ୍ୟୁ ଆଶଙ୍କା ବଢ଼ାଇବ ରାତିର ତାତି

ନୂଆଦିଲ୍ଲୀ,୯।୮

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ରାତି ବେଳା ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ସ୍ୱାଭାବିକ ନିଦ୍ରାରେ ବ୍ୟାଘାତ ଘଟୁଛି। ରାତି ତାପମାତ୍ରା ବୃଦ୍ଧି ଯୋଗୁ ଭବିଷ୍ୟତରେ ଲୋକଙ୍କ ମୃତ୍ୟୁ ଆଶଙ୍କା ୬ ଗୁଣ ବଢ଼ାପାରେ ବୋଲି ଏକ ନୂତନ ଅଧ୍ୟୟନରେ ସତର୍କ କରିଦିଆଯାଇଛି।

ଲାନସେଟ୍ ପ୍ଲାନେଟାରୀ ହେଲ୍‌ଥ ନାମକ ପୁସ୍ତକରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ଯେତେବେଳେ ଆପଣ ନିଦ୍ରା ଯାଆନ୍ତି, ସେତେବେଳେ ଆପଣଙ୍କ ଶରୀର ଓ ମାଂସପେଶୀର ମରାମତି ହୋଇଥାଏ ଓ ଏହା ସେଗୁଡ଼ିକର ବୃଦ୍ଧିରେ ସହାୟକ ହୁଏ। ନିଦ୍ରା ସମୟରେ ଆପଣଙ୍କ ଶରୀର ପ୍ରୋଟିନ୍ ପ୍ରସ୍ତୁତ କରେ ଓ ଏହା କୋଷଗୁଡ଼ିକର ନିର୍ମାଣ ଓ ମରାମତିରେ ସାହାଯ୍ୟ କରିଥାଏ। ତେବେ ଜଳବାୟୁ ପରିବର୍ତ୍ତନ ଯୋଗୁ ରାତ୍ର ସମୟର ତାପମାତ୍ରା ବଢ଼ିବା ଉଦ୍‌ବେଗର କାରଣ ହୋଇଛି। ଆଗାମୀ ବର୍ଷଗୁଡ଼ିକରେ ରାତି ଅତ୍ୟଧିକ ଉତ୍ତପ୍ତ ହେବାକୁ ଯାଉଛି। ଏହାର ପରିଣାମରେ ସାରା ବିଶ୍ୱରେ ମାନବ ମୃତ୍ୟୁ ହାର ଚଳିତ ଶତାବ୍ଦୀ ଶେଷ ବେଳକୁ ୬୦ ପ୍ରତିଶତ ବଢ଼ିବା ପୂର୍ବାନୁମାନ କରାଯାଇଛି। ଚାଇନା, ଦକ୍ଷିଣ କୋରିଆ, ଜାପାନ, ଜର୍ମାନୀ ଏବଂ ଆମେରିକାର ବୈଜ୍ଞାନିକମାନେ ଗବେଷଣାରୁ ଏହା ଜାଣିବାକୁ ପାଇଛନ୍ତି।

ରାତି ତାପମାତ୍ରା ବୃଦ୍ଧି ଯୋଗୁ କମ୍ ନିଦ ଶରୀରର ରୋଗ ପ୍ରତିରୋଧ ଶକ୍ତିକୁ ନଷ୍ଟ କରିଦେଇପାରେ। ଏଥିସହିତ ହୃଦ୍‌ରୋଗ, ଦୀର୍ଘମିଆଦୀ ରୋଗ, ପ୍ରଦାହ, ମାନସିକ ସ୍ୱାସ୍ଥ୍ୟାବସ୍ଥା ଉପରେ ଅଧିକ ବିପଦ ଦେଖାଦେବ ବୋଲି ଅଧ୍ୟୟନରେ କୁହାଯାଇଛି। ରାତି ଉତ୍ତାପ ବଢୁଥିବା ନେଇ ସତର୍କ କରାଗଲେ ମଧ୍ୟ ଏହାକୁ କ୍ରମାଗତ ଭାବେ ଅଣଦେଖା କରାଯାଉଥିବା ଅଧ୍ୟୟନର ଅନ୍ୟତମ ଲେଖକ ତଥା ଉତ୍ତର କାରୋଲିନା ୟୁନିଭର୍ସିଟିର ଜଳବାୟୁ ବୈଜ୍ଞାନିକ ୟୁକିଆଙ୍ଗ ଝାଙ୍ଗ୍ କହିଛନ୍ତି।

ଆକଳନ ଅନୁଯାୟୀ ୨୦୯୦ ସୁଦ୍ଧା ରାତି ତାପମାତ୍ରା ପାଖାପାଖି ୨ ଗୁଣ ହୋଇଯିବ। ପୂର୍ବ ଏସିଆର ୨୮ଟି ସହରରେ ଏହି ସମୟରେ ରାତି ତାପମାତ୍ରା ୨୦.୪ରୁ ବୃଦ୍ଧି ପାଇ ୩୯.୭ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିଯୋଗୁ ବିଭିନ୍ନ ରୋଗ ମଧ୍ୟ ଦେଖାଦେବ। ଜଳବାୟୁ ପରିବର୍ତ୍ତନ ଓ ମୃତ୍ୟୁ ହାର ଉପରେ ଏହାର ପ୍ରଭାବ ନେଇ ହୋଇଥିବା ପ୍ରଥମ ଅଧ୍ୟୟନରେ ଏହା କୁହାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୦୫,୬୮,୩୭୨ | ୬୪,୩୯,୪୯୬ | ୫୬,୨୩,୭୬,୬୮୧ |
| ଭାରତ | ୪,୪୧,୭୪,୬୫୦ | ୫,୨୬,୭୭୨ | ୪,୩୫,୧୬,୦୭୧ |
| ଓଡ଼ିଶା | ୧୩,୨୦,୦୧୪ | ୯୧୫୧(+୫୩) | ୧୩,୦୬,୨୪୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମଙ୍ଗଳବାର କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଭିନ୍ନ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀମାନେ।

# ଲାଞ୍ଚ ନେଇ ସହକାରୀ କୃଷି ଅଧିକାରୀ ଗିରଫ

**ବରଗଡ଼ ଅଫିସ/ପାଇକମାଳ,୯।୮**

ବରଗଡ଼ ଜିଲା ପାଇକମାଳ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଚର୍ଦ୍ଦାପାଲି ପଞ୍ଚାୟତ ଅନ୍ତର୍ଗତ ଚଙ୍ଗରିଆ ଗ୍ରାମର ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀ ମିତ୍ରଭାନୁ ସାହୁଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କଠାରୁ ରାସାୟନିକ ପ୍ରଲେପଦିଆ ହୋଇଥିବା ଦେଢ଼ଲକ୍ଷ ଟଙ୍କା ଜବତ ହୋଇଛି। ତାଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ.୨୮/୨୨) ରୁଜୁ କରିଛି। ଏହାସହିତ ତାଙ୍କୁ ଗିରଫ କରି ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ସେହିପରି ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କ ପାଇକମାଳ ସ୍ଥିତ ଆବାସିକ ଗୃହ, ଭୁବନେଶ୍ୱର ଶୈଳଶ୍ରୀ ବିହାର ସ୍ଥିତ ଭଡ଼ାଘର ଏବଂ କଟକ ଜିଲା ତିରିରିଆ ଥାନା କୈଳକନ୍ୟା ସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା।



ପ୍ରଣୟ କୁମାର ମନ୍ତ୍ରୀ

ପ୍ରକାଶ ଯେ, ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀ ମିତ୍ରଭାନୁ ଲଖମରାରେ ଏକ ସାର ଦୋକାନ ଦେଇଛନ୍ତି। ଗତ କିଛିଦିନ ତଳେ କୃଷି ବିଭାଗର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ପରେ ସହକାରୀ କୃଷି ଅଧିକାରୀ ମନ୍ତ୍ରୀ କୁଆଡ଼େ ଦେଢ଼ ଲକ୍ଷ ଟଙ୍କା ନ ଦେଲେ ତାଙ୍କ ଲାଇସେନ୍ସ ରଦ୍ଦ କରିଦେବେ ବୋଲି ମିତ୍ରଭାନୁଙ୍କୁ ଧମକ ଦେଇଆସୁଥିଲେ। ଏ ନେଇ ମିତ୍ରଭାନୁ ସୋମବାର ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ଉକ୍ତ ମାମଲା ରୁଜୁ କରିବା ସହିତ ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ, ପାଇକମାଳ ସ୍ଥିତ ଏକ ବାଇକ୍ ଶୋ ରୁମ୍ ନିକଟରେ ମିତ୍ରଭାନୁ ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ଦେଉଥିଲେ। ଲାଞ୍ଚ ଗ୍ରହଣ କରୁଥିବାବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।






## ଦୋଳି ଖେଳୁଥିବା ବେଳେ ଜୀବନ ଗଲା

**କପ୍ତିପଦା,୯।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପେଡ଼ାଗଡ଼ି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଜଣେ ନାବାଳିକା ଦୋଳି ଖେଳୁଥିବା ବେଳେ ଲୁଗା ବେକରେ ଗୁଡ଼ାଇ ହୋଇଯିବାରୁ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ଗ୍ରାମର ଧୀରେନ୍ଦ୍ର ନାୟକଙ୍କ ୭ ବର୍ଷର ଝିଅ ଦିବ୍ୟଜ୍ୟୋତି (ମାମୁନ)। ପୋଲିସ ସୂଚନା ଅନୁଯାୟୀ, ମାମୁନ ଘର ଅଗଣାରେ ଶାଢ଼ିରେ ବନ୍ଧା ଯାଇଥିବା ଏକ ଦୋଳିରେ ଝୁଲୁଥିଲେ। ଅସାବଧାନତା ବଶତଃ ଶାଢ଼ି ତାଙ୍କ ବେକରେ ଗୁଡ଼ାଇ ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଉଦଳା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୨) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା କପ୍ତିପଦା ଥାନା ଆଇଆଇସି ମୀନତି ବିଶ୍ୱାଳ କହିଛନ୍ତି।

# ଅଣଦେଖାରେ ରହିଗଲା ଓଡ଼ିଶାର ଦାବି

**ସଂସଦର ମୌସୁମୀ ଅଧିବେଶନ**

**ନୂଆଦିଲ୍ଲୀ,୯।୮**

ଜୁଲାଇ ୧୮ରୁ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ଧାର୍ଯ୍ୟ ଦିବସର ୪ଦିନ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୮ରେ ଶେଷ ହୋଇଛି। ହେଲେ ଏହି ଅଧିବେଶନ ଓଡ଼ିଶା ପାଇଁ ଫଳପ୍ରଦ ହୋଇପାରିଲା ନାହିଁ। ଓଡ଼ିଶାର ଦାବିଗୁଡ଼ିକ ଅଣଦେଖା ହୋଇ ରହିଗଲା। ଅଧିବେଶନରେ ଓଡ଼ିଶା ବିଧାନ ପରିଷଦ ଗଠନ ଏବଂ ମହିଳା ସଂରକ୍ଷଣ ବିଲ୍ ପାସ୍ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ଏପରି କି ଅଧିବେଶନ ପୂର୍ବରୁ ବସିଥିବା ସର୍ବଦଳୀୟ ବୈଠକରେ ବିଜେଡି ଉଭୟ ପ୍ରସଙ୍ଗକୁ ଉଠାଇ ଗୃହରେ ପାରିତ କରିବାକୁ ଦାବି କରିଥିଲା। ହେଲେ କୌଣସି ଗୋଟିଏ ବିଲ୍ ମଧ୍ୟ ଆଲୋଚନାକୁ ଆସିପାରିଲା ନାହିଁ।

ମୌସୁମୀ ଅଧିବେଶନରେ ରାଜ୍ୟ ସଭାରେ ୭ ଏବଂ ଲୋକ ସଭାରେ ୫ଟି ବିଲ୍ ଗୃହୀତ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ସମସ୍ତ ବିଲ୍‌କୁ ବିଜେଡି ସମର୍ଥନ ଜଣାଇଥିଲା, ହେଲେ ବିଜେଡି ପକ୍ଷରୁ ଦାବି କରାଯାଇଥିବା ବିଧାନ ପରିଷଦ ଗଠନ ଏବଂ ମହିଳା ସଂରକ୍ଷଣ ବିଲ୍‌କୁ କେନ୍ଦ୍ର ସରକାର ଲୋକ ସଭାରେ ଉପସ୍ଥାପନ କରିପାରିଲେ ନାହିଁ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅପବ୍ୟବହାର ଏବଂ ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ବିରୋଧୀ ଉଭୟ ଗୃହରେ ହଟ୍ଟଗୋଳ କରିବା କାରଣରୁ ଅଧିକାଂଶ ସମୟରେ ଗୃହ ମୁଲତବୀ ରହିଲା। ଫଳରେ ବହୁ ବିଲ୍ ଉପସ୍ଥାପିତ ହୋଇପାରିଲା ନାହିଁ। ଦରଦାମ ବୃଦ୍ଧି ସମ୍ପର୍କିତ ଆଲୋଚନା ସମୟରେ ବିଜେଡି ଏମ୍‌ପି କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଏପରିକି ବିମୁଦ୍ରୀକରଣକୁ ନେଇ ମଧ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଥିଲା। ନଗଦ କାରବାରକୁ ହ୍ରାସ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିଥିଲେ। ହେଲେ ଏବେ ୩୦ଲକ୍ଷ କୋଟିର ନଗଦ କାରବାର ଚାଲିଛି, ଯାହାକି ୨୦୧୬ ପୂର୍ବଠାରୁ ୨ଗୁଣ ବୋଲି ପୁରୀ ଏମ୍‌ପି ପିନାକୀ ମିଶ୍ର କହିଥିଲେ। ତୈଳ ଦର ବୃଦ୍ଧି ପ୍ରସଙ୍ଗରେ ମଧ୍ୟ ସରକାର ଚିନ୍ତା କରିବାକୁ ମିଶ୍ର କହିଥିଲେ। ସସ୍ମିତ ପାତ୍ର ମହିଳା ସଂରକ୍ଷଣ ବିଲ ପାସ୍ କରିବାକୁ ଦାବି କରିଥିଲେ। ଏମ୍‌ପି ଚନ୍ଦ୍ରଶେଖର ସାହୁ ଭୁବନେଶ୍ୱରରୁ ଶିରିଡି ଏବଂ ଡେରାଡୁନ୍‌କୁ ସିଧା ସଳଖ ବିମାନ ଚଳାଚଳ ଦାବି ଉଠାଇଥିବାବେଳେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଜନଶୁଣାଣି ସମୟରେ ଜନପ୍ରତିନିଧିମାନଙ୍କୁ ଭାଗ ନେବାକୁ ଅନୁମତି ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ଅପରପକ୍ଷରେ ଭାଜପା ଏମ୍‌ପି ସୁରେଶ ପୂଜାରୀ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଚାହିଁଥିଲେ। ଏମ୍‌ପି ବସନ୍ତ ପଣ୍ଡା ତାଙ୍କ ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ରାଜ୍ୟର ବହୁ ମନ୍ଦିରକୁ ସଂରକ୍ଷିତ ଐତିହ୍ୟ ତାଲିକାରେ ସ୍ଥାନିତ କରିବାକୁ ଦାବି କରିଥିଲେ।

## ଲୁଟ୍‌ରେ ବିଫଳ ପରେ ଏଟିଏମ୍ ଜାଳିଦେଲେ ଦୁର୍ବୃତ୍ତ

**ଜଟଣୀ,୯।୮(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ମହାବିଦ୍ୟାଳୟ ମାର୍ଗରେ ଥିବା ୟୁକୋ ବ୍ୟାଙ୍କ ଶାଖାର ଏଟିଏମ୍‌ରେ ସୋମବାର ରାତିରେ କେତେଜଣ ଦୁର୍ବୃତ୍ତ ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହେବାରୁ ଏଟିମ୍‌କୁ ଜାଳିଦେଇଛନ୍ତି। ସୂଚନା ମୁତାବକ, ବିଳମ୍ବିତ ରାତିରେ ଦୁଇଜଣ ଲୁଟେରା ଉକ୍ତ ଏଟିଏମରେ ଲୁଟ ଉଦ୍ଦେଶ୍ୟରେ ପଶିଥିଲେ। ଗ୍ୟାସ କଟରରେ ଏଟିଏମ୍‌ର ସମ୍ମୁଖ ଭାଗକୁ କାଟିଥିଲେ। ମାତ୍ର ବିଫଳ ହେବାରୁ ଏଟିଏମ୍‌ରେ ନିଆଁ ଲଗାଇଦେଇଥିଲେ ବୋଲି ବ୍ୟାଙ୍କ ମ୍ୟାନେଜର ଦୀପ୍ତିକାନ୍ତ ନାୟକ କହିଛନ୍ତି। ଖବରପାଇ ଜଟଣୀ ପୋଲିସ ପହଞ୍ଚି ସସିଟିଭି ଆଧାରରେ ତଦନ୍ତ ଚଳାଇଛି। ଅନ୍ୟପଟେ ଉକ୍ତ ଏଟିମରେ କୌଣସି ସୁରକ୍ଷା କର୍ମୀ ନିୟୋଜିତ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଇଡି ଅଧିକାରୀଙ୍କ ପଛରେ ପଶ୍ଚିମବଙ୍ଗ ପୋଲିସ

**ଭୁବନେଶ୍ୱର,୯।୮(ବ୍ୟୁରୋ)**

**ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ ମାମଲା**

- ଗିରଫ ଅଭିଯୁକ୍ତ ଓକିଲଙ୍କ ହ୍ୱାଟ୍ସଆପ୍ ବାର୍ତ୍ତାଳାପରୁ ଜଣାପଡ଼ିଲା ଲିଙ୍କ୍
- ୨୦୧୬ରୁ ୨୦୨୨ ଝାଡ଼ଖଣ୍ଡ ଇଡିରେ ଥିଲେ ସୁବୋଧ କୁମାର

ପଶ୍ଚିମବଙ୍ଗରେ ଏକ ଶପିଂ ମଲ୍‌ର ମାଲିକଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ ମାମଲାରେ ଗିରଫ ହୋଇଥିବା ଝାଡ଼ଖଣ୍ଡ ରାଞ୍ଚିର ଜଣେ ଓକିଲଙ୍କ ସହ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଡେପୁଟି ଡାଇରେକ୍ଟର ସୁବୋଧ କୁମାରଙ୍କ ସମ୍ପର୍କକୁ ନେଇ ଆରମ୍ଭ ହୋଇଛି ତନାଘନା। ଏହି ମାମଲାରେ ସୁବୋଧଙ୍କୁ ଜେରା କରିବାକୁ ପଶ୍ଚିମବଙ୍ଗ ପୋଲିସ ଡିଟେକ୍ଟିଭ୍ ଡିପାର୍ଟମେଣ୍ଟର ଏକ ୨ଜଣିଆ ଟିମ୍ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ସୁବୋଧ ଗତ ଶୁକ୍ରବାରଠାରୁ ଛୁଟିରେ ଥିବା ସୂଚନା ମିଳିଛି। ତେଣୁ କୋଲ୍‌କାତା ପୋଲିସ ତାଙ୍କୁ ଜେରା କରିପାରି ନାହିଁ। ସେପଟେ ସୁବୋଧ କାର୍ଯ୍ୟରେ ଯୋଗ ଦେବା ପରେ ପଚରାଉଚରା ପାଇଁ ଆଉ ଏକ ତାରିଖ ଧାର୍ଯ୍ୟ କରିବାକୁ କୋଲ୍‌କାତା ପୋଲିସକୁ ଜଣାଇଥିବା କୁହାଯାଉଛି। ସୁବୋଧ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ରାଞ୍ଚିସ୍ଥିତ ଇଡି ଜୋନାଲ ଅଫିସ୍‌ର ଡେପୁଟି ଡାଇରେକ୍ଟର ଭାବେ ଦାୟିତ୍ୱରେ ଥିଲେ। ସେଠାରୁ ଭୁବନେଶ୍ୱରକୁ ସମାନ ପଦବୀରେ ବଦଳି ହୋଇଥିଲେ।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ସେଣ୍ଟ୍ରାଲ କୋଲ୍‌କାତାରେ ଥିବା ଏକ ଶପିଂ ମଲ୍‌ର ମାଲିକ ଅମିତ ଅଗ୍ରୱାଲଙ୍କ ବିରୋଧରେ ଓକିଲ ରାଜୀବ କୁମାର ରାଞ୍ଚି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ରୁଜୁ କରିଥିଲେ। ଉକ୍ତ ପିଆଇଏଲ୍‌ରୁ ଅମିତଙ୍କ ନାମ ହଟାଇବାକୁ ରାଜୀବ ତାଙ୍କୁ ବ୍ଲାକ୍‌ମେଲ କରି ୧୦ କୋଟି ଟଙ୍କା ଦାବି କରିଥିଲେ। ପରେ ଏହି ଡିଲ୍ ୧କୋଟିରେ ଛିଡ଼ିଥିଲା। ତେବେ ଅଗଷ୍ଟ ୧ରେ ରାଜୀବ ଉକ୍ତ ଶପିଂ ମଲ୍‌ର ମାଲିକ ଅମିତଙ୍କଠାରୁ ଅଗ୍ରୀମ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଉଥିବାବେଳେ କୋଲ୍‌କାତା ପୋଲିସ ଡିଟେକ୍ଟିଭ୍ ଡିପାର୍ଟମେଣ୍ଟର ଏକ ଟିମ୍ ତାଙ୍କୁ ଗିରଫ କରିଥିଲା। ଏହାପରେ ଅଭିଯୁକ୍ତ ରାଜୀବଙ୍କ ରାଞ୍ଚିସ୍ଥିତ ବାସଭବନରେ ପୋଲିସ ଟିମ୍ ଚଢ଼ାଉ କରି ବିଭିନ୍ନ ଦସ୍ତାବିଜ୍ ଜବତ କରିଥିଲା। ରାଜୀବ ଏକାଧିକ ବ୍ୟକ୍ତିଙ୍କ ବିରୋଧରେ କୋର୍ଟରେ ପିଆଇଏଲ୍ ରୁଜୁ କରିବା ପରେ ବ୍ଲାକମେଲ୍ କରି ଟଙ୍କା ଆଦାୟ କରିଥିବା ଉକ୍ତ ଦସ୍ତାବିଜ୍‌ରୁ ଜଣାପଡ଼ିଥିଲା। ସେହିପରି ରାଜୀବଙ୍କ ହ୍ୱାଟ୍ସଆପ୍ ଯାଞ୍ଚ ସମୟରେ ସେ ଅନେକ ଥର ଇଡି ଅଧିକାରୀ ସୁବୋଧଙ୍କ ସହ କଥା ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଉକ୍ତ ମାମଲାରେ ସୁବୋଧଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରି ତାଙ୍କୁ ପଚରାଉଚରା ପାଇଁ ପଶ୍ଚିମବଙ୍ଗ ପୋଲିସ ନୋଟିସ୍ ଜାରି କରିଥିଲା।






# ୫ କି.ମି ଭାସିବା ପରେ ଯୁବକ ଉଦ୍ଧାର



ଦମକଳ କର୍ମଚାରୀମାନେ ଯୁବକଙ୍କୁ ପାଣିରୁ ଉଦ୍ଧାର କରିଛନ୍ତି।

**ଋଷିକୁଲ୍ୟାର ପ୍ରଖର ସ୍ରୋତରେ ସାହାହେଲା କାଠଗଣ୍ଡି**

**ପୁରୁଷୋତ୍ତମପୁର,୯।୮(ଡି.ଏନ.ଏ.)**

କଥାରେ ଅଛି ଭାସିଯାଉଥିବା ଲୋକଙ୍କୁ କୁଟା ଖିଅ ବି ଭରସା। ଠିକ୍ ସେହିପରି ଘଟଣା ଦେଖିବାକୁ ମିଳିଛି ଋଷିକୁଲ୍ୟା ନଦୀରେ ଭାସିଯାଉଥିବା ଜଣେ ଯୁବକଙ୍କ କ୍ଷେତ୍ରରେ। ପାଣିର ପ୍ରଖର ସ୍ରୋତରେ ଭାସିଯାଉଥିବା ଜଣେ ଯୁବକଙ୍କୁ ସହାୟ ହୋଇଛି ଗୋଟିଏ କାଠଗଣ୍ଡି। ସେହି କାଠଗଣ୍ଡି ସାହାଯ୍ୟରେ ୫ କିମି ଭାସି ଭାସି ଯିବାପରେ ଉଦ୍ଧାର ହୋଇଛନ୍ତି ଯୁବକ। ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇଛି ଜୀବନ।

ପ୍ରକାଶ ଯେ, ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଜଳେଶ୍ୱରଖଣ୍ଡି ଗ୍ରାମର ସନ୍ତୋଷ ଦାସ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ ଖସିଯିବାରୁ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ପାଖରେ ଥିବା ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାରିନଥିଲେ। ଏହି ବିପଦ ସମୟରେ ସାହା ହୋଇଥିଲା ନଦୀରେ ଭାସିଯାଉଥିବା ଏକ କାଠଗଣ୍ଡି। ସନ୍ତୋଷ ଉକ୍ତ କାଠ ଗଣ୍ଡିକୁ ସାହାରା କରି ପ୍ରାୟ ୫ କିମି ଭାସିଯାଇଥିଲେ। ଲୋକେ ଦମକଳବାହିନୀକୁ ଖବର ଦେବାପରେ ଦମକଳ ବାହିନୀ ଅଧିକାରୀ ଉମାଚରଣ ଭଞ୍ଜମିଶ୍ର ସଦଳବଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ପାଞ୍ଚ କିଲୋମିଟର ଦୂର ଖାଜିପଲ୍ଲୀ ଗ୍ରାମ ନିକଟରୁ ସନ୍ତୋଷଙ୍କୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ବିଡିଓ ବିଜୟ କୁମାର ବେହେରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା



# ବିକଳ୍ପ ଦିଶିଲାଣି

ବିହାରରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଭାରତୀୟ ଜନତା ପାର୍ଟି (ଭାଜପା) ମଧ୍ୟରେ ୨୦୨୦ରୁ ଚାଲିଆସିଥିବା ମେଣ୍ଟ ସରକାର ୯ ଅଗଷ୍ଟରେ ଭାଙ୍ଗିଯାଇଛି। ନିଜେ ନୀତୀଶ କୁମାର ଏହା ଘୋଷଣା କରି ରାଜ୍ୟପାଳ ଫଗୁ ଚୌହାନଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହା ପରେ ଲାଲୁପ୍ରସାଦଙ୍କ ପୁତ୍ର ତଥା ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କ ଘରକୁ ଯାଇ ନୀତୀଶ ଆଲୋଚନା କରିଥିଲେ। ବିହାର ବିଧାନସଭାର ସମୁଦାୟ ଆସନ ସଂଖ୍ୟା ୨୪୩ ଥିବାବେଳେ ଜେଡିୟୁର ୪୫ ସହିତ ଆର୍‌ଜେଡିର ୭୯ ଆସନ ମିଶିଗଲେ ମୋଟ ୧୨୪ ହେଉଛି, ଯାହାକି ସରକାର ଗଠନ ଲାଗି ଯଥେଷ୍ଟ। ଏଥିସହିତ କଂଗ୍ରେସର ୧୯ ଜଣ ବିଧାୟକ ମଧ୍ୟ ସରକାରରେ ସାମିଲ ହେବେ। ଅବଶ୍ୟ ଯଦି କଂଗ୍ରେସ ମିଶେ ତେବେ ତାହା ଏହି ଦୁଇ ଦଳର ମେଣ୍ଟ ପାଇଁ କ୍ଷତିକାରକ ହୋଇପାରେ। ଗଣମାଧ୍ୟମରେ ପ୍ରସାରିତ ଖବର ଅନୁଯାୟୀ ବିହାରରେ ନୂଆ ମହାଗଠବନ୍ଧନ ୧୦ ଅଗଷ୍ଟରେ ଶପଥ ନେବ। ଏହି ଘଟଣା କେବଳ ବିହାରରେ ସୀମିତ ରହୁ ନାହିଁ। ଏହା ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। କାରଣ ଭାଜପାର ଦେଶବ୍ୟାପୀ କ୍ଷମତା ଦଖଲ ଲାଗି ହେଉଥିବା ଅଭିଯାନକୁ ଏହା ଦ୍ୱାରା ଘୋର ଆଘାତ ପହଞ୍ଚିଛି।

ଇତିହାସ କହୁଛି ଯେ, ନୀତୀଶ କେବେହେଲେ ଜେଡିୟୁକୁ ଏକାକୀ ସଂଖ୍ୟାଗରିଷ୍ଠ କରି ବିଧାନସଭାରେ ଜିତାଇପାରି ନ ଥିଲେ। ତଥାପି ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ନୀତୀଶ ଅତି ଚତୁର ଓ ଅଭିଜ୍ଞ ରାଜନେତା ଭାବେ ଦେଶରେ ପରିଚିତ। ତାଙ୍କ ବିରୋଧରେ କେବେ ହେଲେ କୌଣସି ଦୁର୍ନୀତି ଅଭିଯୋଗ ଆସିନାହିଁ। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମୂଳ ଅସ୍ତ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନୀତୀଶଙ୍କ ବିରୋଧରେ ବ୍ୟବହାର କରିବା ସମ୍ଭବପର ହୋଇ ନ ପାରେ। ହୁଏତ ଏଭଳି ଏକ ସ୍ଥିତି ସୃଷ୍ଟି ହୋଇପାରେ ଯେଉଁଥିରେ ୨୦୨୪ରେ ମୋଦିଙ୍କ ବିରୋଧୀମାନେ ସମସ୍ତେ, ବାଧ୍ୟବାଧକତାମୂଳକ, ସଚ୍ଚୋଟ ଓ ନିର୍ମଳ ଭାବମୂର୍ତ୍ତି ଥିବା ରାଜନେତା ହେବେ। ଅନ୍ୟପଟେ ଯେଉଁମାନେ ମୋଦିଙ୍କ ସମର୍ଥକ ରହିବେ ସେମାନେ ସମସ୍ତେ ଦୁର୍ନୀତିଗ୍ରସ୍ତ ଓ କଳଙ୍କିତ ଭାବେ ପରିଚିତ ହେବେ। କାରଣ ସେମାନେ ଇଡି ଓ ସିବିଆଇକୁ ଭୟ କରି ମୋଦିଙ୍କ ସମ୍ମୁଖରେ ଆଣ୍ଠେଇବାକୁ ବାଧ୍ୟ ହେବେ।

ବିହାରରେ ଗତ କିଛି ମାସ ହେବ ଜେଡିୟୁ ଓ ଭାଜପା ମଧ୍ୟରେ ଫାଟ ହୋଇଥିବା ବିଷୟ ପଦାକୁ ଆସିଥିଲା। ନିକଟରେ ଶେଷ ହୋଇଥିବା ନୀତି ଆୟୋଗ ବୈଠକରେ ନୀତୀଶ ଯୋଗ ନ ଦେବା ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଥିଲା। ୯ ଅଗଷ୍ଟର ଘଟଣାକ୍ରମ ଦେଖିଲେ ନୀତୀଶ ତାଙ୍କ ବିଧାୟକ ଓ ଏମ୍‌ପିମାନଙ୍କ ସହିତ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା କ'ଣ ରହିବ ସେ ନେଇ ଏକ ବୈଠକ କରିଥିଲେ। ସେଥିରେ ନେତାମାନେ କହିଥିଲେ, ୨୦୨୦ ବିଧାନସଭା ନିର୍ବାଚନରେ ଜେଡିୟୁ ଆସନ ସଂଖ୍ୟା କମ୍ କରିବା ଲାଗି ଭାଜପା ଷଡ଼ଯନ୍ତ୍ର କରିଥିଲା। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ନେତା ଚିରାଗ ପାଶ୍ୱାନ ଭାଜପାର ବିଦ୍ରୋହୀ ପ୍ରାର୍ଥୀଙ୍କୁ ଜେଡିୟୁ ଲଢୁଥିବା ନିର୍ବାଚନମଣ୍ଡଳୀରେ ଛିଡ଼ା କରାଇଥିଲେ। ଅର୍ଥାତ୍ ପୁନଶ୍ଚ ବିହାରରେ ନୀତୀଶଙ୍କ ଶାସନ ଚାଲୁ ବୋଲି ଭାଜପା ଚାହୁଁ ନ ଥିଲା। ଏସବୁ ଭିତିରି କଥା ଜଣାପଡ଼ିବା ପରେ ଭାଜପାକୁ ଜେଡିୟୁ ସନ୍ଦେହ କରିଆସୁଥିଲା। ନିର୍ବାଚନରେ ଭାଜପା ଏକାକୀ ସଂଖ୍ୟାଗରିଷ୍ଠତା ଲାଭ କରିପାରି ନ ଥିବା ହେତୁ ବାଧ୍ୟହୋଇ ଜେଡିୟୁ ସହିତ ମିଶି ସରକାର ଗଢ଼ିଥିଲେ। ସେତେବେଳେ ସମସ୍ତଙ୍କ ଧାରଣା ହୋଇଥିଲା ଯେ, ଜେଡିୟୁ ଅଳ୍ପ ସଂଖ୍ୟକ ହୋଇଥିବା ସତ୍ତ୍ୱେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବସାଇ ମୋଦି ତାଙ୍କ ଉଦାର ମନୋଭାବ ଦର୍ଶାଇଥିଲେ। ଆଜି କିନ୍ତୁ ବାସ୍ତବ ଚିତ୍ର ପଦାକୁ ଆସିଛି। ଏବେ ନୀତୀଶ ଓ ତେଜସ୍ୱୀଙ୍କ ମଧ୍ୟରେ କଥାବାର୍ତ୍ତା ଶେଷ ହୋଇ ସରକାର ଗଠନ ହେବାକୁ ଯାଉଛି। ଫଳରେ ନୀତୀଶ ମୁଖ୍ୟମନ୍ତ୍ରୀ ହେବେ ଓ ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ବାଚସ୍ପତି ପଦବୀ ଆର୍‌ଜେଡିକୁ ଯିବ ବୋଲି କୁହାଯାଉଥିବା ବେଳେ ସରକାରରେ କଂଗ୍ରେସ ସାମିଲ ହେଉଥିବାରୁ ତାହାକୁ କିଛି ମନ୍ତ୍ରୀ ପଦବୀ ମିଳିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବିହାରରେ ଜେଡିୟୁ ଓ ଆର୍‌ଜେଡି ମିଳିତ ସରକାର ଗଠନ କରିଥିଲେ ମଧ୍ୟ ତାହା ଦୀର୍ଘବର୍ଷ ତିଷ୍ଠିପାରି ନ ଥିଲା। ହେଲେ ଏବର ରାଜନୈତିକ ସ୍ଥିତି ଦେଖିଲେ ଭାଜପାର ଗତିରୋଧ କରିବା ଲାଗି ଜେଡିୟୁ ଓ ଆର୍‌ଜେଡି ହାତ ମିଳାଇବାକୁ ନିଷ୍ପତ୍ତି ନେଇଛନ୍ତି।

ମହାରାଷ୍ଟ୍ରରେ ଶିବସେନା ମଧ୍ୟରେ ଫାଟ କରି ଭାଜପା ଫାଇଦା ନେବା ପରେ ଧରିନେଇଥିଲା ସେହିଭଳି ସୂତ୍ର ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରୟୋଗ କରି ଦଳର ଉପସ୍ଥିତି ଦେଶବ୍ୟାପୀ ଜାହିର କରିବ। ଭାଜପା ଟାର୍ଗେଟରେ ବିହାର ଓ ଝାଡ଼ଖଣ୍ଡ ରହିଥିଲା। ଗୋଆରେ ଭାଜପା ନେତୃତ୍ୱାଧୀନ ସରକାର ଚାଲିଥିଲେ ମଧ୍ୟ ସଂଖ୍ୟା କମ୍ ଥିବାରୁ କଂଗ୍ରେସ ବିଧାୟକଙ୍କୁ ନିଜ ଆଡ଼କୁ ଟାଣିବା ଲାଗି ପ୍ରୟାସ କରିଥିଲା। ହେଲେ ଭାଜପା ସବୁଆଡ଼ୁ ବିଫଳ ହୋଇଥିଲା। ଏବେ ଭାଜପାକୁ ଜେଡିୟୁ ଠେଲି ଦେଇ ବିରୋଧୀ ଦଳରେ ଥିବା ଆର୍‌ଜେଡିକୁ ଆପଣାଇ ନେବା ପରେ ଆଲୋଚନା ହେଉଛି ଯେ, କିଛି ମାସ ପରେ ଜାତୀୟ ରାଜନୀତି ନୂଆ ଏକ ମୋଡ଼ ନେଇପାରେ। ସେହି ମୋଡ଼ ଆଣିପାରନ୍ତି ନୀତୀଶ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୩ ମସିହାରେ ନୀତୀଶ କୁମାର ଚାହିଁଥିଲେ ପ୍ରଧାନମନ୍ତ୍ରୀ ଭାବେ ଅଣକଂଗ୍ରେସ ଦଳଗୁଡ଼ିକ ତାଙ୍କୁ ପ୍ରାର୍ଥୀ କରାନ୍ତୁ। ତେବେ ସେହି ବର୍ଷ ୯ ଜୁନ୍‌ରେ ଗୋଆଠାରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ମୋଦିଙ୍କ ନାମ ଘୋଷଣା ହେବା ପରେ ନୀତୀଶ ଅସନ୍ତୁଷ୍ଟ ହୋଇ ମେଣ୍ଟ ଭାଙ୍ଗିଥିଲେ। ପରବର୍ତ୍ତୀ ସମୟରେ ନୀତୀଶଙ୍କ ଜେଡିୟୁ ଓ ଆର୍‌ଜେଡି ମିଶିଥିବା ସତ୍ତ୍ୱେ ପୁନର୍ବାର ନୀତୀଶ ଭାଜପା ଆଡକୁ ଢଳିଥିଲେ। ଏବେ ମୋଦିଙ୍କ ବିପକ୍ଷରେ ଜଣେ ଟାଣୁଆ ନେତା ପ୍ରଦର୍ଶିତ ହୋଇପାରୁ ନ ଥିବାରୁ ବିରୋଧୀ ଗୋଷ୍ଠୀ ଦୁର୍ବଳ ହୋଇଯାଉଛି। କିନ୍ତୁ ଦେଶର ଅର୍ଥନୀତିରେ ପ୍ରବଳ ଦୁରବସ୍ଥା ଓ ଧର୍ମକୁ ନେଇ ଲାଗି ରହିଥବା ଦ୍ୱେଷ ଯୋଗୁ ସାଧାରଣ ନାଗରିକ ଅସନ୍ତୁଷ୍ଟ ହୋଇ ପଡ଼ିଲେଣି। ହୁଏତ ଏହି ବାତାବରଣକୁ ହିସାବରେ ନେଇ ଚତୁର ନୀତୀଶ ଏକ ନୂଆ ରାଜନୈତିକ ସମୀକରଣ କରାଇପାରିଲେ ବୋଲି ଭାବୁଛନ୍ତି। ସବୁଆଡ଼େ ପ୍ରଶ୍ନ ହେଉଛି 'ମୋଦିଙ୍କ ବିରୋଧରେ କିଏ' ? ଏଇ ପ୍ରଶ୍ନରୁ ଉତ୍ତର ମିଳିପାରେ ଯେ ଭାରତରେ ମୋଦିଙ୍କ ବିକଳ୍ପ ଖୋଜା ହେଲାଣି। ନୀତୀଶ ସେହି ବିକଳ୍ପ ଭାବେ ଦେଖୁଥିବା ସ୍ୱପ୍ନରେ ସଫଳ ହେବେ କି ନାହିଁ ୨୦୨୪ରେ ଜଣାପଡ଼ିବ।



# ଭାଷାରେ ପୁରୁଷ ପ୍ରାଧାନ୍ୟ

ବିଜୟନୀ ମିଶ୍ର

ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ଆସନରେ ୨୦୦୭ରେ ଦେଶର ପ୍ରଥମ ମହିଳା ଭାବେ ପ୍ରତିଭା ଦେବୀ ସିଂ ପାଟିଲ ଆସୀନ ହେବା ପରେ ତାଙ୍କୁ ହିନ୍ଦୀରେ କେଉଁ ଭଳି ସମ୍ବୋଧନ କରାଯିବା ଉଚିତ, ସେନେଇ ସେତେବେଳେ ପ୍ରଶ୍ନ ଉଠିଥିଲା। ତାଙ୍କୁ 'ରାଷ୍ଟ୍ରପତି' କିମ୍ବା 'ରାଷ୍ଟ୍ରପତ୍ନୀ' ଭାବେ ସମ୍ବୋଧନ କରାଯିବା ଉଚିତ କି ନୁହେଁ, ସେ ନେଇ ବିତର୍କ ମଧ୍ୟ ହୋଇଥିଲା। ହେଲେ ସେତେବେଳେ ସେହି ପ୍ରସଙ୍ଗ ଏତେ ଝଡ଼ ସୃଷ୍ଟି କରି ନ ଥିଲା ; ଯାହା ନିକଟରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ରାଷ୍ଟ୍ରପତ୍ନୀ' ରୂପେ ସମ୍ବୋଧନ କରିବା ପରେ ଲୋକ ସଭାରେ ବିବାଦୀୟ ସ୍ଥିତି ଉପୁଜିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରିବାକୁ ନେଇ ଅଧୀରଙ୍କୁ କଡ଼ା ସମାଲୋଚନା କରିବା ସହ କଂଗ୍ରେସ ଏଥିଲାଗି କ୍ଷମା ମାଗୁ ବୋଲି ଭାଜପା ଦାବି କରିଥିଲା। ଏହାକୁ ନେଇ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ପରେ ଯଦିଓ ଅଧୀର ନିଜର ଦୁର୍ବଳ ହିନ୍ଦୀ ଭାଷା ଜ୍ଞାନ ଥିବା କହି କ୍ଷମା ମାଗିଥିଲେ, ତଥାପି ସେହି ପ୍ରସଙ୍ଗ ଆମ ଭାଷାର ଲିଙ୍ଗଗତ ପ୍ରକୃତିକୁ ନେଇ ବିତର୍କ ସୃଷ୍ଟି କରିଦେଇଛି।

ଅଧୀରଙ୍କ ମନ୍ତବ୍ୟରୁ ଉପୁଜିଥିବା ବିତର୍କକୁ ଦେଖିଲେ ଉଭୟ ଶବ୍ଦ 'ପତି' ଓ 'ପତ୍ନୀ'ର ଅର୍ଥ କ'ଣ ହୋଇପାରେ ତାହା ବୁଝାଯାଇପାରେ। ଏହି ଦୁଇ ଶବ୍ଦ ରାଷ୍ଟ୍ର (ନେଶନ୍) ପରେ ବ୍ୟବହୃତ ହେଲେ ତାହାର ମାନେ ମଧ୍ୟ କ'ଣ ରହୁଛି ତାହା ଆଲୋଚନା କରିବାର ଅବକାଶ ସୃଷ୍ଟି କରିଛି। ଇଂଲିଶ ଶବ୍ଦ 'ପ୍ରେସିଡେଣ୍ଟ୍'କୁ ହିନ୍ଦୀ ଭାଷାରେ ଅନୁବାଦ କଲେ ତାହାର ଅର୍ଥ ହେବ 'ରାଷ୍ଟ୍ରପତି'। ପ୍ରେସିଡେଣ୍ଟ୍ ଶବ୍ଦ ସାଧାରଣରେ ଏକ ଗୋଷ୍ଠୀର ପୌରୋହିତ୍ୟ କରୁଥିବା ମୁଖ୍ୟ ଓ ତାହା ଏକ ଲିଙ୍ଗ ନିରପେକ୍ଷ ଶବ୍ଦ ଭାବେ ବ୍ୟବହୃତ ହୋଇଥାଏ। ଅନ୍ୟପକ୍ଷରେ ଏହାର ହିନ୍ଦୀ ଅନୁବାଦ ଶବ୍ଦ 'ରାଷ୍ଟ୍ରପତି' ଲିଙ୍ଗ ନିରପେକ୍ଷ ହୋଇପାରିବ ନାହିଁ, କାରଣ ଏହାର ଆଗରେ 'ପତି' ରହିଛି।

ହିନ୍ଦୀ ଶବ୍ଦ 'ପତି'ର ବ୍ୟୁତ୍ପତ୍ତିଗତ ବ୍ୟାଖ୍ୟା କରାଗଲେ ତାହା ଭାରତ-ୟୁରୋପୀୟ ଭାଷା ପରିବାର ଅନ୍ତର୍ଗତ, ଯେଉଁଠାରେ ଏହାର ଅର୍ଥ 'ପ୍ରଭୁ' ବା 'ମୁନିବ'କୁ ବୁଝାଇଥାଏ। ସଂସ୍କୃତରେ ବିବାହିତ ଗୃହକର୍ତ୍ତାଙ୍କୁ 'ଗୃହପତି' କୁହାଯାଇଥାଏ। ସେହିପରି ସେନାପତି ଅର୍ଥ ସେନାର କମାଣ୍ଡର ଓ ଗଣପତି ମାନେ ଦେବତାଙ୍କ ପ୍ରଭୁ। ଅନୁରୂପ ଭାବେ 'ଛତ୍ରପତି' ହେଉଛି ରାଜାମାନଙ୍କ ପ୍ରଭୁ। ଏଭଳି ଉଦାହରଣ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି 'ପତି' ଶବ୍ଦ ସହ କିଭଳି କ୍ଷମତାର ସମ୍ପର୍କ ରହିଛି ତାହା ଦର୍ଶାଇବା। ଆମର ଦୈନନ୍ଦିନ ବ୍ୟବହାରରେ 'ପତି' ଅର୍ଥ ସାଧାରଣରେ ସ୍ୱାମୀଙ୍କୁ ବୁଝାଏ। ପୁଣି ଯେତେବେଳେ 'ପତି-ଦେବ' ଓ 'ପତି-ପରମେଶ୍ୱର' ଭଳି ଯୌଗିକ ଶବ୍ଦ ବ୍ୟବହାର କରାଯାଏ, ସେତେବେଳେ ତାହା ପୁରୁଷ ପ୍ରାଧାନ୍ୟ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିଥାଏ ; ଯାହା ସ୍ୱାମୀଙ୍କୁ ପ୍ରଭୁ ଭାବେ କିମ୍ବା ସ୍ତ୍ରୀ ପାଇଁ 'ଭଗବାନ' ସଦୃଶ ବୋଲି ବିବେଚନା କରାଯାଏ।



ଅପରପକ୍ଷରେ 'ପତି'ର ବିପକ୍ଷ ଶବ୍ଦ ହେଉଛି 'ପତ୍ନୀ'। ଏହା ସ୍ତ୍ରୀଙ୍କ ପ୍ରତି ପ୍ରଯୁଜ୍ୟ ହୋଇଥିଲେ ମଧ୍ୟ ତାହାର ସେଭଳି କିଛି ଅର୍ଥ ବୁଝାଇ ନ ଥାଏ। ଏହା ଏକ ସ୍ୱାଧୀନ ଶବ୍ଦ, ଯାହା ଜଣେ ମହିଳା ବିବାହ କରିବା ପରେ ତାଙ୍କ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ। ସରଳ ଭାଷାରେ କହିଲେ ଏହା ପତିର ସ୍ତ୍ରୀଲିଙ୍ଗ ଶବ୍ଦ ଓ ଯୌନ ପରିଭାଷାକୁ ବୁଝାଇଥାଏ। ପତ୍ନୀ ହେଉଛନ୍ତି ପତିଙ୍କ ଯୌନ ସାଥୀ। କିନ୍ତୁ ହିନ୍ଦୀ ଶବ୍ଦ 'ପତି-ଦେବ' ବା 'ପତି-ପରମେଶ୍ୱର' ଭଳି ପତ୍ନୀର କୌଣସି ଯୌଗିକ ଶବ୍ଦ ନାହିଁ। ଏବେ ଯେଉଁ ରାଷ୍ଟ୍ରପତ୍ନୀ ଶବ୍ଦକୁ ନେଇ ଆଲୋଚନା ହେଉଛି, ତାହାର ମୂଳରେ 'ପତ୍ନୀ' ଶବ୍ଦ ବିବାଦ ସୃଷ୍ଟି କରିଛି।

ରାଷ୍ଟ୍ରପତି ହେଉଛି ଦୁଇଟି ହିନ୍ଦୀ ଶବ୍ଦର ମିଶ୍ରଣ- ରାଷ୍ଟ୍ର ଓ ପତି। ଯେତେବେଳେ ଇଂଲିଶ ଶବ୍ଦ ପ୍ରେସିଡେଣ୍ଟ୍‌ର ଅନୁବାଦ କରାଯାଏ, ସେତେବେଳେ ତାହା 'ଗଣତନ୍ତ୍ରର ନେତା'ଙ୍କୁ ବୁଝାଏ। କିନ୍ତୁ 'ଦେଶର ସ୍ୱାମୀ'ଙ୍କୁ ସୂଚିତ କରେନାହିଁ। ଅନ୍ୟପକ୍ଷରେ ରାଷ୍ଟ୍ର ଶବ୍ଦ ସହ ଯେତେବେଳେ 'ପତ୍ନୀ' ଶବ୍ଦକୁ ମିଶାଇ ଦିଆଯାଏ ସେତେବେଳେ ଏକ ଯୌନ ପରିଭାଷା ପରିପ୍ରକାଶ କରିଥାଏ, ଯାହାର ଅର୍ଥ ରାଷ୍ଟ୍ରର ପତ୍ନୀକୁ ବୁଝାଏ ; ଯାହା ଭାରତୀୟ ମାନସିକତାରେ ପ୍ରତିଫଳିତ ହୋଇଥାଏ।

ରବର୍ଟ ବାକ୍‌ଅଫ୍ ତାଙ୍କ ଲେଖାର ଶୀର୍ଷକ 'ଲାଙ୍ଗୁଏଜ୍ ଆଣ୍ଡ୍ ଓମେନ୍ସ ପ୍ଲେସ୍ (୧୯୭୨)'ରେ ଭାଷା ଓ ଲିଙ୍ଗ ମଧ୍ୟରେ ଥିବା ସମ୍ପର୍କକୁ ଆବିଷ୍କାର କରିଥିଲେ। ସେଥିରେ ସେ ଯୁକ୍ତି ଦର୍ଶାଇଥିଲେ ଯେ, ପୁରୁଷଙ୍କ ଅଧସ୍ତନ ଭାବେ ମହିଳାମାନେ ଭାଷା ବିଜ୍ଞାନକୁ ବ୍ୟବହାର କରିଥାନ୍ତି।

ଫ୍ରାନସେସ୍କା ଡି ଗାର୍ବୋ, ବ୍ରୁନୋ ଓଲସନ୍ ଏବଂ ବର୍ନହାର୍ଡ ୱାଲଚିଲ୍‌ଙ୍କ ଗବେଷଣାତ୍ମକ ସନ୍ଦର୍ଭ 'ଗ୍ରାମାଟିକାଲ ଜେଣ୍ଡର ଆଣ୍ଡ୍ ଲିଙ୍ଗୁଷ୍ଟିକ କମ୍ପ୍ଲେକ୍ସିଟି' ୨୦୧୧ରେ ଦର୍ଶାଯାଇଥିଲା ଯେ, ବିଶ୍ୱ ଭାଷାର ୭୫ ପ୍ରତିଶତ ଲିଙ୍ଗଗତ ଶବ୍ଦ ରହିଥାଏ, ଯେଉଁଥିରେ ପୁରୁଷଙ୍କ ସର୍ବନାମ ପର୍ଯ୍ୟାପ୍ତ ମାତ୍ରାରେ ବ୍ୟବହୃତ ହୁଏ। ଆମର ଦୈନନ୍ଦିନ ଜୀବନର କଥୋପକଥନରେ ଆମେ ସର୍ବଦା ଭାରି ପଡୁଥିବା ଲିଙ୍ଗଗତ ଶବ୍ଦଗୁଡ଼ିକୁ ଅଣଦେଖା କରିଥାଉ। ଯେତେବେଳେ ଆମେ ଇଲିଂଶ ଶବ୍ଦ 'ପୋଲିସମ୍ୟାନ୍', 'ଫାୟାରମ୍ୟାନ୍', 'ଚେୟାରମ୍ୟାନ୍' ଏବଂ 'ସେଲ୍ସମ୍ୟାନ୍' ଆଦି ଶବ୍ଦକୁ ବ୍ୟବହାର କରିଥାଉ, ସେତେବେଳେ ଆମେ ଲିଙ୍ଗଗତ ପକ୍ଷପାତିତାକୁ ଗୁରୁତ୍ୱ ଦେଇ ନ ଥାଉ।

ପ୍ରଶ୍ନଉଠେଆମେଦୈନନ୍ଦିନବ୍ୟବହାରକରୁଥିବା ଭାଷାଭିତରେ କାହିଁକି ଲିଙ୍ଗଭିତ୍ତିକ ଶବ୍ଦଗୁଡ଼ିକ ପଶି ଆସିଥାଏ। ଏହାର ମୂଳକୁ ଗଲେ ଜଣାଯାଏ ଯେ ଅଭିଧାନ, ଖବରକାଗଜ, ପତ୍ରପତ୍ରିକାର ସମ୍ପାଦକମାନେ ବିଶ୍ୱସ୍ତରରେ ପୁରୁଷ ହୋଇଥିବାରୁ ଶବ୍ଦଭଣ୍ଡାରଗୁଡ଼ିକ ସେହିଭଳି ସଜାଯାଇଛି।

ବାସ୍ତବରେ ଦେଖାଯାଇଛି, ସବୁ ରାଜନୈତିକ ଦଳ ସେମାନଙ୍କର ଜାତୀୟ ଓ ରାଜ୍ୟସ୍ତରର ପ୍ରେସିଡେଣ୍ଟ୍‌ଙ୍କୁ 'ଅଧ୍ୟକ୍ଷ' ଭାବେ ସମ୍ବୋଧନ କରିଥାନ୍ତି। ତେଣୁ ସେହି ଦଳଗୁଡ଼ିକର ଆଭିମୁଖ୍ୟ ବୁଝିହୁଏ ନାହିଁ କାହିଁକି ରାଷ୍ଟ୍ରପତି ଶବ୍ଦକୁ 'ରାଷ୍ଟ୍ର ଅଧ୍ୟକ୍ଷ' କିମ୍ବା 'ରାଷ୍ଟ୍ର ପ୍ରଧାନ' ଭାବେ ସେମାନେ ବ୍ୟବହାର କରନ୍ତି ନାହିଁ, ଯାହା ହିନ୍ଦୀ ଭାଷାର ଭାରତୀୟ ସମ୍ବିଧାନର ଚିଠାରେ ଉଲ୍ଲେଖ କରାଯାଇଆସିଛି। ସେଥିରେ ଏହି ଶବ୍ଦଗୁଡ଼ିକୁ ଲିଙ୍ଗ ନିରପେକ୍ଷ ଭାବେ ନାମିତ କରାଯାଇଥିଲା।

ଏକ ରାଜନୈତିକ ଅସ୍ୱାଭାବିକତାରୁ ସୃଷ୍ଟି ହୋଇଥିବା 'ରାଷ୍ଟ୍ରପତ୍ନୀ' ବିବାଦ ଆଜି ଆମ ପାଇଁ ଏକ ସୁଯୋଗ ସୃଷ୍ଟି କରିଛି ଯେ ପୁରୁଷ ପ୍ରାଧାନ୍ୟ ହିନ୍ଦୀ ଶବ୍ଦ ଯଥା ଉଦ୍ୟୋଗପତି (ଶିଳ୍ପପତି), ସଭାପତି (ଚେୟାରପର୍ସନ/ମ୍ୟାନ୍), ଲକ୍ଷପତି ଓ କୋଟିପତିକୁ କିଭଳି ଲିଙ୍ଗ ନିରପେକ୍ଷ ଶବ୍ଦରେ ବ୍ୟବହାର କରାଯାଇପାରିବ।

**ଆସିଷ୍ଟାଣ୍ଟ ପ୍ରଫେସର, ସମାଜବିଜ୍ଞାନ ବିଭାଗ, ମୈତ୍ରେୟୀ କଲେଜ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ**



# ପ୍ରତିକ୍ରିୟାଶୀଳ ଶାସନତନ୍ତ୍ର

ରବିନାରାୟଣ ସାମଲ

ଭୀମାନଦୀ କୂଳରେ କୋରେଗାଉଁ ଗ୍ରାମ। ବର୍ତ୍ତମାନ ଏହା ଏକ ଛୋଟ ସହର। ମହାରାଷ୍ଟ୍ରର ସତାରା ଜିଲାରେ ଅବସ୍ଥିତ ଏହି ସହରୀ ଗ୍ରାମ ଅଷ୍ଟାଦଶ ଶତାବ୍ଦୀରେ କୋରେଗାଉଁ-ଭୀମା ନାମରେ ପରିଚିତ ଥିଲା। ଉଚ୍ଚ ବର୍ଣ୍ଣର ମରାଠୀ ଓ ଦଳିତ ସମ୍ପ୍ରଦାୟ ମହାର ହେଉଛନ୍ତି ଏହାର ମୂଳ ଅଧିବାସୀ। ଷୋଡ଼ଶ ଶତାବ୍ଦୀରେ 'ଛତ୍ରପତି' ଶିବାଜୀ ମରାଠା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଛତ୍ରପତିମାନଙ୍କ ପ୍ରଧାନମନ୍ତ୍ରୀଙ୍କୁ ପେଶୱା କୁହାଯାଉଥିଲା। ୧୮୧୮ରେ ବ୍ରିଟିଶ ସୈନ୍ୟବାହିନୀର ଆକ୍ରମଣରେ ପେଶୱା ବାଜି ରାଓ ଦ୍ୱିତୀୟ ପରାସ୍ତ ହେଲେ ଏବଂ ମରାଠା ସାମ୍ରାଜ୍ୟର ପତନ ଘଟିଲା।

ଦଳିତ ମହାରମାନେ ମରାଠୀମାନଙ୍କ ସେବାକାରୀ ଭାବେ କାର୍ଯ୍ୟ କରୁଥିଲେ। ମରାଠୀମାନେ ମହାରମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ତେଣୁ ମହାରମାନେ ପ୍ରତିଶୋଧପରାୟଣ ହୋଇ ବ୍ରିଟିଶ ସୈନ୍ୟବାହିନୀରେ ଯୋଗ ଦେଲେ। ମାତ୍ର ପାଞ୍ଚ ଶହ ମହାରମାନଙ୍କୁ ନେଇ ଗଠିତ ବ୍ରିଟିଶ ସୈନ୍ୟବାହିନୀ ବାଜି ରାଓଙ୍କ ୨୫ ଶହ ସୈନ୍ୟଙ୍କୁ ୧୮୧୮ ଜାନୁୟାରୀ ୧ରେ ପରାସ୍ତ କରିବା ଫଳରେ ମହାରମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ଏକ ରକମ ଅନ୍ତ ଘଟିଲା। ସେହି ଦିନଠାରୁ ପ୍ରତି ବର୍ଷ ଜାନୁୟାରୀ ୧ କୁ କୋରେଗାଉଁ-ଭୀମାଠାରେ ଦଳିତ ମହାରମାନେ ବିଜୟ ଉତ୍ସବ ପାଳନ କରିଆସୁଛନ୍ତି।

୨୦୧୮ ଜାନୁୟାରୀ ୧ ରେ ବିଜୟ ଦିବସର ଦୁଇଶତ ବାର୍ଷିକୀ କୋରେଗାଉଁଠାରେ ପାଳିତ ହେଲା। ଉତ୍ସବ ସ୍ଥଳୀରେ ସମବେତ ଜନତାଙ୍କ ଉପରେ ମରାଠୀମାନେ ଆକ୍ରମଣ କଲେ। ଜଣେ ମହାରଙ୍କ ମୃତ୍ୟୁ ଘଟିଲା ଏବଂ ୩୫ ଜଣ ଆହତ ହେଲେ। ଏହାର ପୂର୍ବ ଦିନ ଏଲ୍‌ଗାର ପରିଷଦ ଆୟୋଜନ ହୋଇଥିଲା। ଦେଶର କେତେଜଣ ଖ୍ୟାତନାମା ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାମ୍ବାଦିକ ଏଥିରେ ଯୋଗ ଦେଇଥିଲେ। ହିଂସା ସୃଷ୍ଟି ଅଭିଯୋଗରେ ପୁଣେ ପୋଲିସ ସେମାନଙ୍କ ମଧ୍ୟରୁ ୧୬ଜଣଙ୍କୁ ଗିରଫ କଲା। ସେମାନଙ୍କ ମଧ୍ୟରୁ ଫାଦର ଷ୍ଟାନ୍ ସ୍ୱାମୀଙ୍କର ଗତବର୍ଷ ଜୁଲାଇ ମାସରେ ଦେହାନ୍ତ ହୋଇଯାଇଛି। ଅନ୍ୟମାନେ ୪ ବର୍ଷ ହେଲା ଜେଲ ହାଜତରେ ଶଢୁଛନ୍ତି।

ଏହି ବୁଦ୍ଧିଜୀବୀମାନଙ୍କ ଗିରଫଦାରି ପଛରେ ବିରାଟ ଷଡ଼ଯନ୍ତ୍ର ଥିଲା ବୋଲି ଓୟାର୍‌ଡ ଡଟ୍ କମ୍ ୱେବ୍‌ସାଇଟ୍‌ରେ ଗତ ଜୁନ୍ ୧୬ ରେ ପ୍ରକାଶ ପାଇଛି। ସାଇବର ସିକ୍ୟୁରିଟି କମ୍ପାନୀ 'ସେଣ୍ଟିନେଲ ୱାନ୍'ର ରିପୋର୍ଟ ଅନୁଯାୟୀ ହ୍ୟାକିଂ ଗ୍ରୁପ୍ 'ମଡିଫାଏଡ୍ ଏଲିଫ୍ୟାଣ୍ଟ'ର ସହାୟତାରେ ପୁଣେ ପୋଲିସ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ରୋନା ୱିଲ୍‌ସନ୍, ବରବରା ରାଓ ଓ ହାନି ବାବୁଙ୍କ କମ୍ପ୍ୟୁଟରରେ ୩୨ଟି ମିଥ୍ୟା ଆପରାଧିକ ଫାଇଲ୍ ଅପଲୋଡ କରିଥିଲା। ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ହସ୍ତଗତ କରିବା ସହିତ ଉପରୋକ୍ତ ତିନିଜଣଙ୍କ ଇ-ମେଲ୍‌ରୁ ଅନ୍ୟମାନଙ୍କ ଇ-ମେଲ୍‌କୁ ଫାଇଲ୍‌ଗୁଡ଼ିକୁ ପଠାଇଥିଲା। ପରେ ସେମାନଙ୍କ କମ୍ପ୍ୟୁଟରରୁ ସରକାରଙ୍କ ପତନ ଓ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ଥିବା ଫାଇଲଗୁଡ଼ିକ ଜବତ ହୋଇଛି ବୋଲି ଅଭିଯୋଗ ଆଣି ପୁଣେ ପୋଲିସ ସେମାନଙ୍କୁ ୟୁଏପିଏ (ବେଆଇନ କାର୍ଯ୍ୟକଳାପ ନିରୋଧ) ଆଇନ ବଳରେ ଗିରଫ କରିଥିଲା। କି ଚକ୍ରାନ୍ତ ! ଚଳିତ ମାସରେ ହେବାକୁ ଥିବା ବ୍ଲାକ୍ ହ୍ୟାଟ୍ ସାଇବର କନ୍‌ଫରେନ୍ସରେ ଗବେଷଣାଲବ୍ଧ ତଥ୍ୟର ବିଶଦ ବିବରଣୀ ପ୍ରଦାନ କରାଯିବ ବୋଲି ସିକ୍ୟୁରିଟି କମ୍ପାନୀ 'ସେଣ୍ଟିନେଲ ୱାନ୍' ଘୋଷଣା କରିଛି।



ଆମ ଦେଶରେ ପୋଲିସ ପ୍ରଶାସନ ଶାସକ ଦଳର ଇଙ୍ଗିତରେ ପରିଚାଳିତ ହୋଇଆସିଛି, ଏଥିରେ ସାମାନ୍ୟତମ ଦ୍ୱନ୍ଦ୍ୱ ନାହିଁ। ୧୯୭୫ ଜରୁରିକାଳୀନ ପରିସ୍ଥିତି ବେଳେ ମିଥ୍ୟା ଅଭିଯୋଗ ଆଣି ମିସା, ନାସା, ଏସ୍‌ମା ଭଳି କଳା କାନୁନ ବଳରେ ହଜାର ହଜାର ରାଜନେତାଙ୍କୁ ଗିରଫ କରାଯାଇଥିଲା। ଏବେ ସେହି ଜରୁରିକାଳୀନ ପରିସ୍ଥିତି ଘୋଷଣା ହୋଇ ନ ଥିଲେ ମଧ୍ୟ ଦେଶଦ୍ରୋହ ଓ ୟୁଏପିଏ ଆଇନ ବଳରେ ଶହ ଶହ ବ୍ୟକ୍ତିଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଉଛି।

ଉତ୍ତରପ୍ରଦେଶର ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ରୁଟି ଓ ଲୁଣ ଖାଇବାକୁ ଦିଆଯାଇଥିଲା। ସାମ୍ବାଦିକ ପୱନ ଜୟସ୍ୱାଲ ତାକୁ ଲୋକଲୋଚନକୁ ଆଣିଥିଲେ। ତାଙ୍କୁ ଆପରାଧିକ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଗିରଫ କରାଗଲା। ୟୁଟ୍ୟୁବ୍‌ରେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବାରୁ ସାମ୍ବାଦିକ ପଦ୍ମଶ୍ରୀ ବିନୋଦ ଦୁଆଙ୍କୁ ଦେଶଦ୍ରୋହ ମାମଲାରେ ଗିରଫ କରାଯାଇଥିଲା। ଦିଲ୍ଲୀରେ ଅନୁଷ୍ଠିତ କୃଷକ ଆନ୍ଦୋଳନର ରିପୋର୍ଟ ସଂଗ୍ରହ ପାଇଁ ହରିୟାଣାର ସାମ୍ବାଦିକ ମନ୍ଦୀପ ପୁନିଆ ଯାଇଥିଲେ। ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ତାଙ୍କୁ ଗିରଫ କରି ହାଜତରେ ମରଣାନ୍ତକ ନିର୍ଯାତନା ଦିଆଯାଇଥିଲା। ନିକଟରେ ଗୁଜରାଟ ଦଙ୍ଗା ମାମଲାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍ ଚିଟ୍ ଦେବାର ଚବିଶ ଘଣ୍ଟା ନ ପୂରୁଣୁ ଜାକିଆ ଜାଫ୍ରିଙ୍କୁ ସହଯୋଗ କରିଆସିଥିବା ଖ୍ୟାତନାମା ସାମାଜିକ କର୍ମୀ ତିସ୍ତା ସିତଲବାଦ ଓ ପୂର୍ବତନ ଆଇପିଏସ୍ ଅଫିସର ବି.ଆର. ଶ୍ରୀକୁମାରଙ୍କୁ ଜାଲ୍ କାଗଜପତ୍ର ତିଆରି ଅଭିଯୋଗରେ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଇଛି। ଦେଶରେ ବଢ଼ିଚାଲିଥିବା ଘୃଣା ମନ୍ତବ୍ୟ ସମ୍ପର୍କିତ ରିପୋର୍ଟ ସଂଗ୍ରହ କରୁଥିବା ବେଳେ ଅଲ୍ଟ ନ୍ୟୁଜ୍ ୱେବ୍‌ସାଇଟ୍‌ର ଖବରଦାତା ମହମ୍ମଦ ଜୁବୈରଙ୍କୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁଭାବ ସୃଷ୍ଟି ଅଭିଯୋଗରେ ଗିରଫ ହେଲେ। ଏମିତି ଅନେକ ଉଦାହରଣ। ଗତ ୫ ବର୍ଷରେ ଏହିପରି ଅଭିଯୋଗ ଆଣି ୫ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା ବେଳେ ଗତ ୭ ବର୍ଷରେ ୟୁଏପିଏ ବଳରେ ୧୦ ହଜାର ୫୫୨ ଜଣଙ୍କୁ ଗିରଫ କରାଯାଇଛି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ସରକାରଙ୍କ ନୀତିଅନୀତିକୁ ବିରୋଧ କରିବା ବା ସମାଲୋଚନା କରିବାର ଧାରା ଗଣତନ୍ତ୍ରକୁ ସୁଦୃଢ଼ କରେ। ମାତ୍ର ସରକାର ଏଥି ପ୍ରତି ପ୍ରତିକ୍ରିୟାଶୀଳ ହୋଇପଡ଼ିବା ଗଣତନ୍ତ୍ରର ପରିପନ୍ଥୀ। ଜନଗଣଙ୍କ ଅଧିକାରକୁ ଏହା ଖର୍ବ କରେ। ଗଣତନ୍ତ୍ର ଭୁଶୁଡ଼ି ପଡ଼େ। ଗୋଟିଏ ପଟେ 'ଆଜାଦୀ କା ଅମୃତ୍ ଉତ୍ସବ' ପାଳନ ହେଉଛି, ଅନ୍ୟ ପଟେ ଆଜାଦୀକୁ ହତ୍ୟା କରାଯାଉଛି। ବ୍ୟକ୍ତିସ୍ୱାଧୀନତା ଓ ବାକ୍ ସ୍ୱାଧୀନତାକୁ କୁଠାରାଘାତ କରାଯାଉଛି। ଏହା କି ପ୍ରକାର 'ଆଜାଦୀ', କି ପ୍ରକାର 'ଅମୃତ' ?

**ମୋ-୭୯୭୫୦୪୬୪୮୬**

## ଏଇ ଭାରତରେ

ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ଉପଯୋଗ କରି ପରିବେଶ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ଜାରି ରହିଥିବାବେଳେ ଏବେ 'ପଟହୋଲ୍‌ରାଜ' ନାମକ ସୋସିଆଲ ଏଣ୍ଟରପ୍ରାଇଜ୍ ଏକ ଭିନ୍ନ ଉପାୟ ଆପଣାଇଛି। ଏହି ସଂସ୍ଥା ବେଙ୍ଗାଲୁରୁରେ ପରିବେଶ ଉପଯୋଗୀ ତଥା ସ୍ଥାୟୀ ଟେକ୍‌ନୋଲୋଜି ଦ୍ୱାରା ପ୍ଲାଷ୍ଟିକ ବର୍ଜ୍ୟକୁ ରିସାଇକ୍ଲିଂ ପରେ ପ୍ରସ୍ତୁତ ମ୍ୟାଟେରିଆଲରେ ରାସ୍ତା ନିର୍ମାଣ ଆରମ୍ଭ କରିଛି। ଏହାର ପରିବେଶ ଉପରେ ନକାରାତ୍ମକ ପ୍ରଭାବ ନାହିଁ। 'ପଟହୋଲ୍‌ରାଜ' ଦ୍ୱାରା ନିର୍ମିତ ଏଭଳି ଅଭିନବ ରାସ୍ତାରେ ରିସାଇକ୍ଲିଂ ହୋଇଥିବା ୩୦୦୦ କେଜି ପ୍ଲାଷ୍ଟିକ ବ୍ୟବହାର ହୋଇଛି। ଏହା ପାରମ୍ପରିକ ରାସ୍ତା ନିର୍ମାଣଠାରୁ ୨୦ରୁ ୨୫% ଶସ୍ତା ହେଉଛି ଓ ଏଥିରେ କମ୍ ପାଣି ଲାଗୁଛି। ଏହାର ୱାରେଣ୍ଟି ୫ ବର୍ଷ । ଟ୍ରାଫିକ୍ ଜାମ୍ ଦୂର କରିବା ଲାଗି ସିଟି ଟ୍ରାଫିକ୍ ପୋଲିସ ଅନୁରୋଧ କ୍ରମେ 'ପଟହୋଲ୍‌ରାଜ' କମ୍ପାନୀ ଏହି କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରଥମେ ୩୦ ମିଟର ଲମ୍ବ ଓ ୧୫ ମିଟର ଚଉଡ଼ାର ୩୦୦ ମିମି ଲେୟାରର ରାସ୍ତା ମାତ୍ର ୪ରୁ ୫ ଦିନ ମଧ୍ୟରେ ଶେଷ କରାଯାଇଛି। ଏହା ଉପରେ ୫୦ଟନ୍ ଓଜନର ଭାରିଯାନ ବି ଯାଇପାରିବ। ୨୦୧୮-୧୯ରେ କମ୍ପାନୀ ଏହା ଉପରେ ପରୀକ୍ଷଣ ଆରମ୍ଭ କରି ବହୁବାର ବିଫଳ ହେବା ପରେ ଏବେ ଲକ୍ଷ୍ୟ ହାସଲ କରିଛି। ଆଗକୁ ସହରର ଗୁରୁତ୍ୱପୂର୍ଣ୍ଣ ଜଙ୍କ୍‌ଶନଗୁଡ଼ିକରେ ଏଭଳି ରାସ୍ତା ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଅଗଷ୍ଟ ୧୯୯୭**

- ଦକ୍ଷିଣ ଆଲଜିଅର୍ସର ଇର୍ବା ଅଞ୍ଚଳରେ ଇସଲାମୀୟ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୧୪ ନାଗରିକ ଓ ୧୭ ଇସ୍‌ଲାମୀୟ ନହିତ।
- କାଶ୍ମୀର ଅଞ୍ଚଳରେ ନିରାପତ୍ତା ବାହିନୀର ବିଭିନ୍ନ ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ୧୩ ଉଗ୍ରବାଦୀଙ୍କ ସମେତ ୧୭ ମୃତ।
- ବିଦ୍ରୋହୀ କଂଗ୍ରେସ ପାର୍ଲାମେଣ୍ଟ ସଦସ୍ୟା ତଥା ପଶ୍ଚିମବଙ୍ଗ ଯୁବ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ 'ତୃଣମୋଲ କଂଗ୍ରେସ' ନାମରେ ଏକ ନୂତନ ଦଳ ଗଠନ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | 7 | 9 | | | |
| | | | | | | | 2 | 9 |
| 6 | | 4 | 5 | | | | | |
| | | | 7 | | | 3 | | |
| 1 | | | | | 3 | 6 | | |
| | | | | 9 | 6 | | | |
| | | | | 4 | 2 | | 7 | |
| | 3 | | | | 7 | | 5 | |
| 4 | | | 3 | | | 1 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 4 | 7 | 1 | 2 | 9 | 6 | 3 |
| 9 | 1 | 6 | 5 | 3 | 4 | 7 | 8 | 2 |
| 3 | 7 | 2 | 9 | 8 | 6 | 4 | 1 | 5 |
| 4 | 3 | 5 | 2 | 7 | 1 | 8 | 9 | 6 |
| 2 | 9 | 1 | 6 | 4 | 8 | 3 | 5 | 7 |
| 7 | 6 | 8 | 3 | 9 | 5 | 1 | 2 | 4 |
| 6 | 4 | 9 | 1 | 5 | 3 | 2 | 7 | 8 |
| 1 | 5 | 3 | 8 | 2 | 7 | 6 | 4 | 9 |
| 8 | 2 | 7 | 4 | 6 | 9 | 5 | 3 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ତ୍ରିରଙ୍ଗା ପାଇଁ ସଚେତନ କରାଯାଉ

ମହାଶୟ,

ଭାରତ ସରକାର ୭୫ ବର୍ଷ ସ୍ୱାଧୀନତା ଦିବସ ପୂର୍ତ୍ତି ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଏବର୍ଷ ସ୍ୱାଧୀନତା ଦିବସରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଫଳରେ ସାଧାରଣ ଲୋକେ ନିଜ ଘରେ ଅଗଷ୍ଟ ୧୫ ତାରିଖରେ ଜାତୀୟ ପତାକା ଉଡ଼ାଇ ପାରିବେ। ଏହା ଖୁସିର ବିଷୟ। ତେବେ ସାଧାରଣ କଥା ଯେ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ଲୋକେ ଅନେକ ସଚେତନ ହୋଇଥିବା ସତ୍ତ୍ୱେ ଅନେକ ସ୍ଥାନରେ ଜାତୀୟ ପତାକାର ବିଭିନ୍ନ ପ୍ରକାରେ ଅସମ୍ମାନ ହୋଇଥିବା ନଜିର ରହିଛି। ଯେମିତି କି କେଉଁଠି ପତାକା ଓଲଟା ଉଡ଼ିଲା, ଦଉଡ଼ି ଛିଣ୍ଡି ପତାକା ତଳେ ପଡ଼ିଲା, କେଉଁଠି ପବନରେ ପତାକା ଚିରି ତଳେ ପଡ଼ିଗଲା, କେଉଁଠି ରାତିତମାମ ପତାକା ଉଡ଼ିଲା, କେଉଁଠି ଜରି ପତାକା ବ୍ୟବହାର ହେଲା ଏମିତି ଅନେକ ଅସମ୍ମାନ। ତେଣୁ ପ୍ରଶାସନ ସମସ୍ତ ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ, ସ୍କୁଲ କଲେଜ, ଆଶା, ଅଙ୍ଗନୱାଡ଼ି କର୍ମଚାରୀମାନଙ୍କ ଦ୍ୱାରା ସଚେତନତା କରୁ। ପତାକା କାହିଁକି ଓ କିପରି ଉଡ଼ାଇବା ଓ ଏହାକୁ କିଭଳି ସମ୍ମାନ ଦେବା ଉଚିତ ସେ ସମ୍ପର୍କରେ ଲୋକମାନଙ୍କୁ ଘରେ ଘରେ ପ୍ରଥମେ ସଚେତନ କରାଯାଉ। ଏହା ହେଲେ ପତାକାକୁ ଅସମ୍ମାନ କରିବା ଘଟଣା ଆଉ ପ୍ରକାଶ ପାଇବ ନାହିଁ।

**-ପ୍ରତାପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

## ଚିରନ୍ତନୀ

ହଜିଗଲା ବୁଦ୍ଧି ମୋର ଛନ୍ଦର କବଳେ,
ବୁଡ଼ିଗଲା ଚେତନା ମୁଁ ପଡ଼ିଗଲି ଭୂତଳେ।
ନ ବିଚାରି କିଛି ତୁମେ ଆସ ମଧୁ ବଦନୀ,
କହି ଯାଅ କିମ୍ବା ଏଥି ଉଭା ହେଲ ସଜନୀ !
-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୦ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଆଦିବାସୀମାନେ ବିଭିନ୍ନ କ୍ଷେତ୍ରରେ ଉପେକ୍ଷିତ

କୁଆଁରମୁଣ୍ଡା,୯।୮(ଡି.ଏନ.ଏ.): ସ୍ୱାଧୀନତାପ୍ରାପ୍ତିକୁ ୭୫ ବର୍ଷ ପୂରିଲାଣି। ହେଲେ ବିଭିନ୍ନ କ୍ଷେତ୍ରରେ ଏବେବି ଆଦିବାସୀମାନେ ଉପେକ୍ଷିତ। ଆଦିବାସୀମାନେ ଜଳ, ଜମି, ଜଙ୍ଗଲ ଉପରେ ନିର୍ଭରଶୀଳ। ସୁନ୍ଦରଗଡ଼ ଜିଲାରେ ସରକାର ଜଙ୍ଗଲ ଜମିକୁ ଆଦିବାସୀମାନଙ୍କଠାରୁ ଜୋରଜବରଦସ୍ତ ଛଡାଇ ନେଇ ଶିଳ୍ପପତିମାନଙ୍କ ହାତରେ ଟେକି ଦେଉଛନ୍ତି ବୋଲି କୁଆଁରମୁଣ୍ଡା ବ୍ଲକ ନିକଟସ୍ଥ ସିରାସୀତା ଟୁଙ୍ଗୁରୀ ଆତକା ପାଡହା(ପୂଜାସ୍ଥଳୀ) ନିକଟରେ ଆୟୋଜିତ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜୀ ପାଡହାର ଉପଦେୱାନ ଚାମାନନ୍ଦ ଓରାମ, ରାଜୀ ପାଡନା ବେଲ୍ ବାରିଆ ବେକ୍, କୁଆଁରମୁଣ୍ଡା ମୂଳଇ ପାଢ଼ହା ଦେୱାନ ବସନ୍ତ ଓରାମ, କୁଶଳ ଓରାମ, ଝାରବେଡା ସରପଞ୍ଚ ରୀନା ଓରାମ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ଶିବ ଓରାମ, ରାଜୁ ଓରାମ, ରଥୁ ଓରାମ, ମନୋଜ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଆଦିବାସୀ ସମ୍ପ୍ରଦାୟର ଶତାଧିକ ମହିଳା/ପୁରୁଷ ଅଂଶଗ୍ରହଣ କରି କୁଆଁରମୁଣ୍ଡା ଚୁଟିଆଟୋଲିରୁ ୧୪୩ ନମ୍ବର ଜାତୀୟ ରାଜପଥରେ ବାହାରି କୁଆଁରମୁଣ୍ଡା ବଜାର ହୋଇ ଶେଷରେ ବ୍ଲକ ନିକଟସ୍ଥ ହାତକା ପାଡହା ନିକଟରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମକୁ କୁଆଁରମୁଣ୍ଡା ମୂଳି ପାଡହା ଉପଦେୱାନ ବିକ୍ରମ ଓରାମ ପରିଚାଳନା କରିଥିଲେ।

### ଢଲୋଟୋଲିରେ ଆଦିବାସୀ ଦିବସ

ବଡ଼ଗାଁ, ୯।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମରା ପଞ୍ଚାୟତର ଢଲୋଟୋଲି ଗ୍ରାମରେ ମଙ୍ଗଳବାର ବିଶ୍ୱଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଡ଼ିଆ ସମାଜର ମହାରାଜା ଡକ୍ଟର କ୍ରାକିମ ଡୁଙ୍ଗଡୁଙ୍ଗ ମୁଖ୍ୟ ଅତିଥି, ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟବକ୍ତା, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଆଙ୍ଗନା ସଂସ୍ଥାର ସଞ୍ଚାଳକ ରିମିସ ଏକା, ସଂଯୋଜକ ମୀନା କୁମାରୀ ଟେଟେ, ଓରାମ ସମାଜର ରାଜା ଇମୀଲ ଏକା, ମହିଳା ସଶକ୍ତିକରଣ ପାଇଁ ଜାତୀୟ ପୁରସ୍କାର ପାଇଥିବା ଆଶା କର୍ମୀ ମାଦିଲତା କୁଲୁ, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ହାହା, ସମିତି ସଭ୍ୟ ପ୍ରଭା ସୋରେଂଙ୍କ ସହିତ ଆଦିବାସୀ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସଭା ଆରମ୍ଭରେ ଦାଣ୍ଡଜମରା, ମୁନସୀପତାର ସାଂସ୍କୃତିକ ଦଳ ସ୍ୱାଗତ ସଙ୍ଗୀତ ଗାନ କଲାପରେ ମୁଖ୍ୟ ଅତିଥି ଡକ୍ଟର ଡୁଙ୍ଗଡୁଙ୍ଗ ସାମାଜିକ ପତାକା ଉତ୍ତୋଳନ କରିଥିଲେ। ଏହା ପରେ କୁତ୍ରା ବ୍ଲକ କୁରୁଙ୍ଗା ଗ୍ରାମର ଯୁବତୀମାନେ ନାଗପୁରୀ ନୃତ୍ୟ ପରିବେଷଣ କରିଥିଲେ। କୁତ୍ରାର ଆଙ୍ଗନା ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଙ୍ଗନାର ସଂଯୋଜିକା ମୀନା କୁମାରୀ ଟେଟେ, ଆଦିବାସୀ ଦିବସ ୧୯୮୨ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଆରମ୍ଭ ହୋଇଥିବା ସୂଚନା ଦେଇଥିଲେ। ଆଦିବାସୀମାନଙ୍କ ସାଂସ୍କୃତିକ ପରମ୍ପରା ଓ ଅଧିକାରଗୁଡିକ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ବିଧାୟକ ଭୋଇ, ଶିକ୍ଷା ଓ ସଂସ୍କୃତିକୁ ଆଗେଇ ନେବା ପାଇଁ ତତ୍କାଳୀନ ବାଜପେୟୀ ସରକାର କଣ ସବୁ କରିଥିଲେ ଓ ମୋଦି ସରକାରରେ ଶିକ୍ଷାର ବିକାଶ ପାଇଁ କଣ କରାଯାଉଛି ସେ ନେଇ ଆଲୋଚନା କରିଥିଲେ।

# ଗ୍ରାମବାସୀଙ୍କ ଥାନା ଘେରାଓ, ଉତ୍ତେଜନା

ଲେଫ୍ରିପଡ଼ା,୯।୮(ଡି.ଏନ.ଏ.)



■ସୁଆରୀଯୋର ଗ୍ରାମର ଯୁବକଙ୍କୁ ଅପହରଣ ଅଭିଯୋଗ

■ଉଦ୍ଧାର କରିବାକୁ ଗ୍ରାମବାସୀଙ୍କ ଦାବି

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସୁଆରୀଯୋର ଗ୍ରାମରୁ ଜଣେ ଯୁବକଙ୍କୁ ସ୍ଥାନୀୟ ମଦବ୍ୟବସାୟୀ ଦମ୍ପତି ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ଅପହୃତ ଯୁବକଙ୍କୁ ଉଦ୍ଧାର ଦାବିରେ ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଥାନା ଘେରାଉ କରାଯିବା ସହ ଥାନାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ ସୁଆରୀଯୋର ଗ୍ରାମର ଈଶ୍ୱର କିଷାନ(୩୨)ସୋମବାର ବେଲସରା ମନ୍ଦିରକୁ ଯାଇ ଫେରୁଥିବା ସମୟରେ କଦୋମାଲ ସୁଆରୀଯୋର ପେଣ୍ଟ ଜାଗାରେ ଲେଫ୍ରିପଡ଼ା ଅଲେଖପଡାର ଡିଲେଶ୍ୱର ପୃଷେଠ ଏବଂ ତାଙ୍କର ସ୍ତ୍ରୀ ଈଶ୍ୱରଙ୍କୁ କୁଆଡ଼େ ଅପହରଣ କରି ନେଇଯାଇଥିବା ଲେଫ୍ରିପଡ଼ା ଥାନାରେ ଈଶ୍ୱର କିଷାନଙ୍କ ସ୍ତ୍ରୀ କୁମାରୀ କିଷାନ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ପରେ ଗ୍ରାମବାସୀ ଲେଫ୍ରିପଡ଼ା ଥାନାକୁ ସୋମବାର ସନ୍ଧ୍ୟାରେ ଏବଂ ମଙ୍ଗଳବାର ଦିନ ସାରା ଯୁବକଙ୍କୁ ଉଦ୍ଧାର ଦାବିରେ ଥାନା ଘେରାଉ କରିଥିଲେ। ଥାନାରେ ପ୍ରବଳ ଉତ୍ତେଜନା ହେବା ପରେ ମଦବ୍ୟବସାୟୀ ଦମ୍ପତିଙ୍କୁ ଗିରଫ କରି ଥାନାରେ ପୋଲିସ ଅଟକ ରଖିଛି। ଦିନସାରା ଉତ୍ତେଜନା ଦେଖା ଦେବାରୁ ପରେ ଅପରାହ୍ନରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଲେଫ୍ରିପଡା ଥାନାରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଦାବି ରଖିଥିଲେ। ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଉଥିବାବେଳେ ଜଣେ ଆଦିବାସୀ ଯୁବକଙ୍କୁ ମଦବ୍ୟବସାୟୀ ଅପହରଣ କରି ନେଇଯାଇଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଧାୟକ ପ୍ରକାଶ କରିଥିଲେ। ପୋଲିସ ପକ୍ଷରୁ ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ଏବଂ ଥାନା ଆଇଆଇସି ସୁମନ୍ତ କୁମାର ନାଏକ ଅପହରଣ ହୋଇଥିବା ଯୁବକଙ୍କୁ ଅତିଶୀଘ୍ର ଉଦ୍ଧାର କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି କହିଥିଲେ। ଏଥିପାଇଁ ଗ୍ରାମବାସୀ ଉତ୍ତେଜନା ନ କରି ପୋଲିସକୁ ତଦନ୍ତ ସକାଶେ ସହଯୋଗ କରିବା ପାଇଁ ସମୟ ମାଗିଥିଲେ। କିନ୍ତୁ ପୋଲିସର ବୁଝାସୁଝା ପରେ ଗ୍ରାମବାସୀ ରାଜି ନ ହେବାରୁ ଦିନ ତମାମ ଉତ୍ତେଜନା ଦେଖାଦେଇଥିଲା। ପରେ ସନ୍ଧ୍ୟାରେ ଥାନାରେ ତଳସରା ବିଧାୟକ ଏବଂ ସୁଆରୀଯୋର ଗ୍ରାମବାସୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୌତୁକ ଚୌଧୁରୀ ସମେତ ଅଞ୍ଚଳର ବହୁ ନେତୃମଣ୍ଡଳୀ ଯୁବକଙ୍କୁ ଉଦ୍ଧାର ଦାବିରେ ଧାରଣାରେ ବସିଥିଲେ। ରାତି ପର୍ଯ୍ୟନ୍ତ ଥାନାରେ ଧାରଣାରେ ବସିରହିଥିବା ଜଣାପଡିଛି। ଅନ୍ୟ ପକ୍ଷରେ ପାରିପାର୍ଶିକ ସ୍ଥିତିରୁ ଅପହରଣ ହୋଇଥିବା ଯୁବକଙ୍କ ପିନ୍ଧିଥିବା ସାର୍ଟ, ପେଣ୍ଟ, ଜୋତା ଇତ୍ୟାଦି ପୋଲିସ ତଦନ୍ତରୁ କୌଣସି ଏକ ସ୍ଥାନରୁ ମିଳିଥିବାବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ ସନ୍ଦେହ ବଢିବାରେ ଦେଖାଦେଇଛି।

### ଋଣ ଟଙ୍କା ଆତ୍ମସାତ: ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ଲୋଇସିଂହା,୯।୮(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ପ୍ରାଥମିକ କୃଷି ସମବାୟ ସମିତିରେ କେତେକ ଚାଷୀଙ୍କ ଋଣ ଟଙ୍କା ଆତ୍ମସାତ ହୋଇଛି। ଏ ନେଇ କେତେକ ଚାଷୀ ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମନହୀରା ପଞ୍ଚାୟତର ମଦନ ସାହୁ, ଭୂଜ ରଣା, ବିନୋଦ ବଡକା ଓ ମିତ୍ରଭାନୁ ବେହେରା ଖରିଫ ଚାଷ ପାଇଁ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିରେ ଋଣ ପାଇଁ ଆବେଦନ କରିଥିଲେ। ଜଣପିଛା ୧୦ହଜାର ଲେଖାଏ ଋଣ ମଞ୍ଜୁର ହୋଇଥିବା ଜାଣି ସେମାନେ ଖୁସି ହୋଇଥିଲେ । ହେଲେ ପାକ୍ସ କର୍ତ୍ତୃପକ୍ଷ ସେମାନଙ୍କଠାରୁ ୨ଟି ଖାଲି ଚେକରେ ଦସ୍ତଖତ ନେଇ ଯାଇଥିଲେ । ଋଣ ଟଙ୍କା ଉଠାଣ କରି ସେମାନଙ୍କୁ ୨ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା।

## ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା

ସୁନ୍ଦରଗଡ଼, ୯।୮(ଡି.ଏନ.ଏ.)



ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ନେତା, କର୍ମକର୍ତ୍ତା।

ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ସ୍ଥାନୀୟ ଡିଆରଡିଏ ଛକରୁ ବାହାରି ବ୍ୟାଙ୍କ ଛକ, ବିଏସ ହାଇସ୍କୁଲ ଛକ,ପୁରୁଣା ବସଷ୍ଟାଣ୍ଡ ଛକ ପରିକ୍ରମା କରି ପୁଣି ଡିଆରଡିଏ ଛକରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ବିଧୁଭୂଷଣ ତ୍ରିପାଠୀ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଅଗଷ୍ଟ କ୍ରାନ୍ତୀ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଦିନ ଭାରତର ଜନସାଧାରଣ ଏହି ମାଟିରୁ ଇଂରେଜ ଶାସନ ହଟାଇବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ ମଙ୍ଗଳବାରଠାରୁ ୬ ଦିନ ଧରି ରାଜ୍ୟର ପ୍ରତ୍ୟେକ ଜିଲା ତଥା ବିଧାନସଭା କ୍ଷେତ୍ରରେ ୭୫କିଲୋମିଟର ଲେଖାଏଁ ପଦଯାତ୍ରା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହେବ। ଏହି ପଦଯାତ୍ରାରେ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଭାଗ ନେବାପାଇଁ ଅନୁରୋଧ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ପ୍ରଫୁଲ୍ଲ ସୁନାନୀ, ଅମିତା ବିଶ୍ୱାଳ, ଅରୁଣ ପୃଷେଠ, ଜିଲା ଉପସଭାପତି ଅଜିତ ପ୍ରସାଦ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ସଞ୍ଜୟ ସାହୁ, ଦେବାଶିଷ ଦାଶ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ସଦର ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ରାଜ୍ୟ ସେବା ଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ରମଣୀରଞ୍ଜନ ଯୋଶୀ, ସତ୍ୟନାରାୟଣ ସାହୁ, ସୁବାଶିଷ ବାନାର୍ଜୀ, ହରିଶ ରକ୍ସା, ଅଞ୍ଜନ ପଟେଲ, ବଡଗା ବ୍ଲକ ସଭାପତି ଚିନ୍ତାମଣି ସାହୁ, ତନବୁର ଆଲାମ, ରାମନାରାୟଣ ସାହୁ, ବାପି ନାଏକ, ରିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପାଠଚକ୍ରର ପ୍ରତିଷ୍ଠା ଦିବସ

କୁତ୍ରା, ୯।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରାସ୍ଥିତ ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପାଠଚକ୍ରର ୨୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହୃଷିକେଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଭବେଶ କୁମାର ସାହୁ ମାତୃ ପତାକା ଉତ୍ତୋଳନ କରି ସମାରୋହର ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ସାହୁ ଏହି ଅନୁଷ୍ଠାନର ପାଠଚକ୍ର ଦ୍ୱାରା ସମସ୍ତଙ୍କ ନୈତିକ ଗୁଣର ବିକାଶ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁ ଚରଣ ସାହୁ ଯୋଗ ଦେଇ ବିଦ୍ୟାଳୟର ଶିକ୍ଷା ସହ ଆଧ୍ୟାତ୍ମିକତାର ଶିକ୍ଷା ବର୍ତ୍ତମାନ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ରହିଥିବା ନେଇ ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟିର ସଦସ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସଭାପତି ଶିବଶଙ୍କର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ସମ୍ପାଦକ ଦେବେନ୍ଦ୍ର ପୁରୋହିତ ବିବରଣୀ ପାଠ କରିଥିଲେ।



ମହରମ୍ ଉପଲକ୍ଷେ ମଙ୍ଗଳବାର ସୁନ୍ଦରଗଡ଼ରେ ତାଜିଆ ଶୋଭାଯାତ୍ରା।

## ରିଆମାଳ: ବିଭିନ୍ନ ପଞ୍ଚାୟତରେ କଂଗ୍ରେସର ପଦଯାତ୍ରା

ଦେବଗଡ଼/ରିଆମାଳ, ୯।୮(ଡି.ଏନ୍.ଏ.)

ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର କ୍ରାନ୍ତି ଦିବସ ଠାରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ସ୍ୱାଧୀନତାର ଗୌରବ ଯାତ୍ରା ଅବସରରେ ପଦଯାତ୍ରା ଆରମ୍ଭ ହୋଇଛି। ପୂର୍ବାହ୍ନରେ କଂଗ୍ରେସ ଜିଲା ପର୍ଯ୍ୟବେକ୍ଷକ ବିରେନ ପଲେଇଙ୍କ ଉପସ୍ଥିତିରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ରିଆମାଳ ବ୍ଲକ କଂଗ୍ରେସ ଆନୁକୂଲ୍ୟରେ ରିଆମାଳ ଦୁର୍ଗା ମଣ୍ଡପଠାରୁ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ପଦଯାତ୍ରା ରିଆମାଳ, ବୁଡିଦୋ, ନାଉଲିପଡ଼ା, ଟିଂକବିର ଆଦି ଗ୍ରାମ ସମେତ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତୃମଣ୍ଡଳୀ ଘରକୁ ଘର ବୁଲି ଦେଶ ସ୍ୱାଧୀନତାରେ କଂଗ୍ରେସର ଯୋଗଦାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କଂଗ୍ରେସକୁ ବଦନାମ କରିବା ପାଇଁ କରାଯାଉଥିବା କୁଚକ୍ରାନ୍ତ ଏବଂ ଦେଶରେ ଦର ବୃଦ୍ଧି ଗରିବ ଜନସାଧାରଣଙ୍କ ଉପରେ ପକାଉଥିବା ପ୍ରଭାବକୁ ଘରକୁଘର ବୁଲି ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶୀଲ କୁମାର ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଉପ ସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ପ୍ରକାଶ କୁମାର ଦେବତା, ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ କୁମାର ପ୍ରଧାନ,ସନ୍ତୋଷ କୁମାର ସାହୁ, ନେତ୍ରାନନ୍ଦ ସାମଲଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ଓ କର୍ମୀ ସାମିଲ ଥିଲେ।




କଂଗ୍ରେସ ପକ୍ଷରୁ ପଦଯାତ୍ରାରେ ସାମିଲ ନେତାକର୍ମୀ।

## ଆଦିବାସୀଙ୍କ ଅଧିକାରକୁ ଉଚ୍ଛେଦ ଉଦ୍ୟମ କଲେ ପରିସ୍ଥିତି ଭୟାବହ ହେବ

ସୁନ୍ଦରଗଡ଼,୯।୮(ଡି.ଏନ.ଏ.)

ପ୍ରକୃତିର ପ୍ରଥମ ସନ୍ତାନ ତଥା ଦେଶର ମୂଳନିବାସୀ କୁହାଯାଉଥିବା ଆଦିବାସୀଙ୍କ ଆଦିବାସୀତ୍ୱ ଏବଂ ସାମ୍ବିଧାନିକ ଅଧିକାରକୁ ଛଡ଼ାଇନେବାକୁ ଉଦ୍ୟମ କଲେ ପରିସ୍ଥିତି ଭୟାବହ ହେବ ବୋଲି ବିଶ୍ୱ ଆଦିବାସୀ ଦିବସ ପାଳନ କାର୍ଯ୍ୟକ୍ରମରେ ମତପ୍ରକଶ ପାଇଛି। ସୁନ୍ଦରଗଡ଼ ସର୍ବ ଆଦିବାସୀ ସମାଜ ଏବଂ ସାମାଜିକ ସେବା ସଦନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସବଡେଗାସ୍ଥିତ ନିଉ ଓଡିଶା ହାଇସ୍କୁଲ ଖେଳ ପଡ଼ିଆରେ ବିଶ୍ୱ ଆଦିବାସୀ ଦିବସ ବଡ଼ ଧୁମଧାମରେ ପାଳନ କରାଯାଇଛି। ଏ ଅବସରରେ ସମଗ୍ର ଆଦିବାସୀ ସମାଜର ଭଉଣୀଭାଇମାନେ ଜୟ ଆଦିବାସୀ ମୁଳନିବାସୀ ସ୍ଲୋଗାନ ଦେଇ ଗାଇବିରା ଛକରୁ ଏକ ଶୋଭାଯାତ୍ରାରେ ବାହାରି ସବଡେଗା ହାଟ ଦେଇ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରି ପୁନର୍ବାର କାର୍ଯ୍ୟକ୍ରମ ସ୍ଥଳକୁ ଫେରି ଆସିଥିଲେ। ସଭାସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଦିବାସୀ ସ୍ୱତନ୍ତ୍ରତା ସଂଗ୍ରାମୀ ଶହୀଦ ବୀର ବିର୍ସା ମୁଣ୍ଡା, କାହ୍ନୁ ସିଦ୍ଧୁ ମୁର୍ମୁ, ତେଲେଙ୍ଗା ଖଡ଼ିଆ, ରାଣୀ ଦୁର୍ଗାବତୀ, ଜୟପାଳ ସିଂ ମୁଣ୍ଡା, ତିଲକା ମାଝୀ, ରେଣ୍ଡୋ ମାଝୀ, ମାଦ୍ରୀ କାଲୋଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାମାଜିକ ସେବା ସଦନର ସଂଯୋଜିକା ବେରୁନିକା ଡୁଙ୍ଗଡୁଙ୍ଗଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ମାଝୀ, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ନୃପଚରଣ ଦଣ୍ଡସେନା, ରାଷ୍ଟ୍ରୀୟ ଆଦିବାସୀ ପରିଷଦର ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମାଝୀ, ବିଶିଷ୍ଟ ଆଦିବାସୀ ନେତା ପଞ୍ଚା ବାର୍ଲା, ଆନ୍ଦ୍ରିଆସ କେର୍କେଟା, ଧନେଶ୍ୱର ନାଏକ, ଶ୍ରୀଧର ନାଏକ, ଇଲିୟାସ ତିର୍କୀ, ସୁନୀଲ ଜୋଜୋ, ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ନିଳିମା ଟୋପ୍ନ, ଆଲବର୍ଟ କିଣ୍ଡୋ, ପାତ୍ରାସ ତିର୍କୀ, ଫାବ୍ଲୁନୁସ କୁଜୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ମିଳିତ ଜାତିସଂଘର ଘୋଷିତ ବିଶ୍ୱ ଆଦିବାସୀ ଦିବସ ପାଳନର ସାରମର୍ମ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଆଦିବାସୀ ବର୍ଗରୁ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଆଦିବାସୀ ଦେଶର ପ୍ରକୃତ ମାଲିକ ଓ ଜଳ, ଜଙ୍ଗଲ, ଜମିନ ଉପରେ ତାହାର ସମ୍ପୂର୍ଣ୍ଣ ଅଧିକାର ରହିଛି,ତେଣୁ ଏହାକୁ କେହି ଛଡେଇ ନେବାକୁ ଚେଷ୍ଟା କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ମତ ପ୍ରକାଶ ପାଇଥିଲା। ସୁନ୍ଦରଗଡ ଜିଲାରେ ଆଦିବାସୀ ଭବନ ନିର୍ମାଣ ପାଇଁ ସରକାରଙ୍କଠାରେ ପ୍ରସ୍ତାବ ରଖାଯିବ ବୋଲି ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ଜର୍ଜ କେର୍କେଟୋ ଓ ନିକିତା ଲାକ୍ରା ମଞ୍ଚ ପରିଚାଳନା କରିଥିଲେ। ମଞ୍ଜୁଲତା ମାଝୀ, ଯସ୍ମୀନ କୁଜୁର, ଆଲକା ସରେଙ୍ଗ, ପୁଷ୍ପା ତିଗା, ଇଭାରାଣୀ ଗୁଡ଼ିଆ, ପ୍ରମିଳା ଭୋଇ, ଜେମା ଜ୍ୟୋତି ତିର୍କୀ, ଆସିତ କିସପଟ୍ଟା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଆସିଥିବା ଆଦିବାସୀ ସାଂସ୍କୃତିକ ଦଳ ତାଙ୍କର ନୃତ୍ୟଗୀତ ପରିବେଷଣ କରିଥିଲେ।

## ମତ୍ସ୍ୟଚାଷୀଙ୍କ କର୍ମଶାଳା

ଦେବଗଡ଼, ୯।୮(ଡି.ଏନ୍.ଏ.)




ଶ୍ରେଷ୍ଠ ମତ୍ସ୍ୟ ଚାଷୀଙ୍କୁ ମାନପତ୍ର ଟ୍ରଫି ପ୍ରଦାନ କରାଯାଉଛି।

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଭାଗୃହ ଠାରେ ମତ୍ସ୍ୟ ଚାଷୀମାନଙ୍କର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ୍ସ୍ୟଚାଷୀମାନଙ୍କୁ ଅଳ୍ପ ଟଙ୍କା ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ମତ୍ସ୍ୟ ଚାଷୀ ନୂତନ ଜ୍ଞାନକୌଶଳ ପଦ୍ଧତି ଓ ତଳିଆ ଜମିରେ ମାଛ ଚାଷ ଓ ଖାଲୁଆ ଧାନ କ୍ଷେତରୁ ମତ୍ସ୍ୟ ପୋଖରୀ ନିର୍ମାଣ, ମହିଳା ସଶକ୍ତିକରଣ ଓ ବିକାଶ ଉପରେ ଜିଲାପାଳ ଉପାଧ୍ୟାୟ ଗୁରୁତ୍ୱାରୋପ କରିଥିଲେ। ଏଠାରେ ଉନ୍ନତ ମତ୍ସ୍ୟ ଚାଷୀ ପୁରୁଣାପାଣି କେଲ୍ଲା. ସୁଶୀଲ ଛିଗା, ଦନ୍ତାରିବହାଲ ବଡବହାଲ ଗ୍ରାମପଞ୍ଚାୟତ ପ୍ରମୋଦ କୁମାର ଉଦାବରଙ୍କୁ ଶ୍ରେଷ୍ଠ ମତ୍ସ୍ୟ ଚା ଷୀଭାବେ ମାନପତ୍ର ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ଜିଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଷାନ, ବିଏଓ ଧବଳେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଭୂବେନ୍ଦ୍ର ପ୍ରାସାଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## କୁତ୍ରା: ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ

କୁତ୍ରା, ୯।୮(ଡି.ଏନ୍.ଏ.)



ଖୁଟଖାଟି ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ସମାରୋହରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କଣ୍ଡେଇମୁଣ୍ଡା ପଞ୍ଚାୟତ ତେଲିଘନା ଆମ୍ବବଗିଚାଠାରେ ଖୁଟଖାଟି ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ରାଜଗାଙ୍ଗପୁର ବିଧାୟକ ଡ. ସିଏସ୍ ରାଜନ ଏକ୍କା, କୁତ୍ରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ଡାଲମିଆ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହିରନ ଲୁଗୁନ, ନାରୀନେତ୍ରୀ ରଜନି କୁଲୁ, ରଶ୍ମି ଏକ୍କା, କମଳା କୁଜୁର, ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନରସିଂହ ମିଞ୍ଜ, ବେନେଦିକ ତିର୍କୀ, ଜେଏସ୍‌ଡବ୍ଲୁ ପକ୍ଷରୁ ଭୀମ ଜେନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ସମସ୍ତ ଆଦିବାସୀ ଭଉଣୀଭାଇଙ୍କୁ ଏକଜୁଟ ହେବା ପାଇଁ ଆହ୍ୱାନ କରିଥିଲେ। ଆଦିବାସୀମାନେ ନିଜ ଅଧିକାର ପାଇଁ ଏକା ନ ଲଢ଼ି ଏକଜୁଟ ହୋଇ ଲଢ଼ିଲେ ସଫଳତା ନିଶ୍ଚିତ ହେବ ବୋଲି କହିଥିଲେ। ସେହିଭଳି ଭାବରେ ଡାଲମିଆ କଲେଜ ଅଧ୍ୟକ୍ଷା ହିରନ ଲୁଗୁନ ପୁରୁଣା କାଳରୁ ଆରମ୍ଭ ହୋଇଥିବା ଆଦିବାସୀ ପରମ୍ପରା, ସଂସ୍କୃତି ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀରେ ୯୯% ରଖିଥିବା କୁତ୍ରା ଗ୍ରାମର ଅନୁପ ଅଗ୍ରୱାଲଙ୍କ ଝିଅ ଶ୍ରୀଷ୍ଟି ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଆଦିବାସୀ ନୃତ୍ୟ ଦଳ ନିଜ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖୁଟଖାଟି ବିକାଶ ମଞ୍ଚର ସଦସ୍ୟ ହେମନ୍ତ ଏକ୍କା, ଜୁନାଶ ଲୁଗୁନ, ରୀଙ୍କୁ ସିଂ, ସୁରେଶ ତରୱାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଗୁଷ୍ଟିନ ମିଞ୍ଜ ମଞ୍ଚ ପରିଚାଳନା କରିଥିଲେ। ସେହିଭଳି ଭାବରେ କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ପଣ୍ଡପଠାରେ ଆଦିବାସୀ ବିକାଶ ମହାସଂଘ ପକ୍ଷରୁ ବିଶ୍ୱଆଦିବାସୀ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କୁତ୍ରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ସମାଜସେବୀ ଶଙ୍କର ପ୍ରସାଦ ଟପ୍ପୋ, କପିଳ ଟପ୍ପୋ, ଇମାନୁଏଲ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଆଦିବାସୀ ପାରମ୍ପରିକ ନୃତ୍ୟରେ ପାଛୋଟି ନେଇଥିଲେ। ଅତିଥିମାନେ ଆଦିବାସୀଙ୍କ ଅଧିକାର, ତାଙ୍କର ପରମ୍ପରା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପରେ ବିଭିନ୍ନ ଆଦିବାସୀ ନୃତ୍ୟଗୀତ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଭୁବନ କୁଜୁର, ବୁଧରାମ ମିଞ୍ଜ, କ୍ରୀଷ୍ଟା ଲାକ୍ରା ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ୪ ଗୁରୁତର

ନାକଟିଦେଉଳ,୯।୮(ଡ଼ି.ଏନ.ଏ.): ସମ୍ବଲପୁର-ଗୋଧିଡ଼ିପ ରାସ୍ତାର କିସିଣ୍ଡା ନିକଟରେ ମଙ୍ଗଳବାର ଏକ କାର୍ ଦୁର୍ଘଟଣାରେ ଗୋଟିଏ ପରିବାରର ୩ଜଣଙ୍କ ସମେତ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସରୋଜିନୀ ଦାଶ, ସ୍ୱାମୀ ମନୋଜ କୁମାର ମିଶ୍ର, ୭ମ ଶ୍ରେଣୀରେ ପଢୁଥିବା ପୁଅ ରାମେଶ୍ୱର ମିଶ୍ର ଏବଂ ନାକଟିଦେଉଳ ଡାକ୍ତରଖାନାର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶରତ କୁମାର ନାଏକ। ଏମାନେ କୌଣସି କାମରେ ସମ୍ବଲପୁର ଯାଇ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁର୍ଲା ମେଡିକାଲ ପଠାଇଛନ୍ତି।

### ବାଙ୍କେଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ

କୁଚିଣ୍ଡା,୯।୮(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ ବାଙ୍କେ ଗ୍ରାମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ବ୍ଲକ ଫେଡେରେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶର କିଷାନ ମୁଖ୍ୟଅତିଥି, ସିଡ଼ିପିଓ କନକ ମଞ୍ଜରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଗର୍ଭବତୀ ମା' ଓ ପ୍ରସୂତିଙ୍କୁ ଅବଗତ କରିଥିଲେ। ମା କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସାଙ୍ଗକୁ ଶିଶୁକୁ ସୁସ୍ଥ ରଖିଥାଏ ବୋଲି କହିଥିଲେ। ଏହି ଅବସରରେ ଠିକ୍ ସମୟରେ ଟୀକା ନେଇଥିବା ଗର୍ଭବତୀ ମା' ଓ ପ୍ରସୂତିଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ ଫେଡେରେଶନ ସଭାନେତ୍ରୀ ରମିତା ଚୌଧୁରୀ ସଭା ପରିଚାଳନା କରିଥିବା ବେଳେ ଆଇସିଡିଏସ୍ ସୁପରଭାଇଜର ଯଶୋଦା ଡାଙ୍ଗ ଧନ୍ୟବାଦ ଦେଇଥିଲେ।

### କୁସୁମୀ ହାଇସ୍କୁଲରେ ପ୍ରତିଭା ସମ୍ମାନ ସମାରୋହ

କୁଚିଣ୍ଡା,୯।୮(ଡି.ଏନ.ଏ.): କୁଚିଣ୍ଡା ବ୍ଲକର କୁସୁମୀ ବଳରାମ ସରକାରୀ ହାଇସ୍କୁଲରେ ସୋମବାର କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ବିହାରୀ ଲାଲ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସଲେଭାଡ଼ି ରାହାସ ବିହାରୀ ହାଇସ୍କୁଲ, କୁ-ଜମନକିରା ହାଇସ୍କୁଲ ଓ କୁସୁମୀ ବଳରାମ ହାଇସ୍କୁଲରେ ଗତ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପଟେଲ ମୁଖ୍ୟଅତିଥି, କୁଚିଣ୍ଡା ବ୍ଲକ ପ୍ରତିଭା ବିକାଶ ଅଭିଯାନ ସଭାପତି ସୁବାସ ଚନ୍ଦ୍ର ନାୟକ, ଆବାହକ ପ୍ରଭାତ ବେହେରା, ସଂଯୋଜକ ରମେଶ କିସାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

### ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

ଜମନକିରା,୯।୮(ଡି.ଏନ.ଏ.): ଶ୍ରାବଣର ଶେଷ ସୋମବାରରେ ଜଳଲାଗି ପାଇଁ ଜମନକିରା ବ୍ଲକର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। କାଉଡିଆ ଭକ୍ତ ବିଭିନ୍ନ ଜଳାଶୟରୁ ଜଳ ଉଠାଇ ବୋଲବମ ନାରା ଦେଇ ମନ୍ଦିରକୁ ଆଗମନ କରିଥିଲେ। ଭକ୍ତଙ୍କ ନିମନ୍ତେ ବିଭିନ୍ନ ସ୍ଥାନରେ ବିଶ୍ରାମ ଓ ଭୋଜନ ପାଇଁ ବ୍ୟବସ୍ଥା କରାଯାଇଥିଲା। ସକାଳୁ କାଉଡ଼ିଆ ଭକ୍ତ ଜଳ ଢାଳିଫେରିଥିଲେ। ଜମନକିରାର ବାବା ମୁକ୍ତେଶର, ଡିମିରିମୁଣ୍ଡାର ଶଗଡେଶ୍ୱର, ଫାଶିମାଳର ଦେଓଗାଁ, ବଡ଼ମାଳ ଟନସରା, କେନାଡ଼ିପା, ଶିବ ମନ୍ଦିରରେ ଗହଳି ଲାଗିଥିଲା।

# ସଂସ୍କୃତି, ପରମ୍ପରା ପାଇଁ ଲଢ଼େଇ କରିବୁ



କୁଚିଣ୍ଡାଠାରେ ଅନୁଷ୍ଠିତ ସମାବେଶରେ ଯୋଗଦେଇଥିବା ଅତିଥିମାନେ।



ଝାରସୁଗୁଡ଼ାରେ ଆଦିବାସୀ ଯୁବ ସଂଗଠନ ତରଫରୁ ଶୋଭାଯାତ୍ରା।

## କୁଚିଣ୍ଡାରେ ଆଦିବାସୀ ସମାବେଶ

କୁଚିଣ୍ଡା,୯।୮(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ତେଲିଡିଲେଇମାଲ ପଞ୍ଚାୟତର ଲଇଡାଗୁଣା ଛକ ସାପ୍ତାହିକ ହାଟ ପ୍ରାଙ୍ଗଣରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ଆନୁକୂଲ୍ୟରେ କୁଚିଣ୍ଡା ବ୍ଲକ ଓ ପଞ୍ଚାୟତ ସଂଘ ପକ୍ଷରୁ ଅନୁଷ୍ଠିତ ସଭାରେ ଉପଖଣ୍ଡର ଆଦିବାସୀ ନେତା କରୁଣାକର କିଷାନ ସଭାପତିତ୍ୱ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ମୁଖ୍ୟଅତିଥି, ଅଧାପିକା ବେଲମତୀ କୁମୁରା ମୁଖ୍ୟବକ୍ତା, ଅଧାପକ ଭିକାରୀ ଓରାମ, ଅଭିନ୍ନ କିଷାନ, ଦୁଲାରି କେର୍କେଟା, ସରପଞ୍ଚ ପ୍ରମୋଦ କିଷାନ, ରାଜେନ୍ଦ୍ର କିଷାନ, ସମିତିସଭ୍ୟା ସ୍ୱର୍ଣ୍ଣଲତା ଅଢା, ସମିତିସଭ୍ୟ ଖଗେଶ୍ୱର କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବାକୁ ଲଢେଇ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ୍ୱର ପଟ୍ଟା, ଭଦ୍ର ଚରଣ କିଷାନ, ଜୟଦେବ ମିଞ୍ଜ, ଫାଦର ଅନିଲ ଖାଲକୋ, ମନୋରଥ ମାଝି ପ୍ରମୁଖ ଯୋଗଦେଇ ଆଦିବାସୀ ଦିବସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଦିବାସୀ ନେତା ଅଚ୍ୟୁତ ନାଏକ ଅତିଥି ପରିଚୟ, ଜର୍ଜ ଲୁଗୁନ ସ୍ୱାଗତ ଭାଷଣ ଓ ନିଖିଳ ଚନ୍ଦ୍ର ଧୁରୁଆ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଆଦିବାସୀ ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ସେହିପରି କୁଚିଣ୍ଡା ଆଦିବାସୀ ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ କଲାପରିଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଓବିସି ନେତା ତଥା ଆଦିବାସୀ ସାଂସ୍କୃତିକ ପରିଷଦର ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ବୀଣାପାଣି ନାଏକ, ପଦ୍ମଚରଣ ଗୁରୁ, ପଦ୍ମିନୀ ବାଙ୍କରା, ଶୋଭାରାମ ପଧାନ, ମନୋଜ ବାଘ, ମୋହନ ବାଘ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ପରେ କଳା ପରିଷଦ କର୍ମକର୍ତ୍ତା ଶୋଭାଯାତ୍ରାରେ ସହର ପରିକ୍ରମା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ୧୫ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ରାଜ୍ୟପାଳଙ୍କୁ ଯୁବ ସଙ୍ଗଠନର ଦାବିପତ୍ର

ଝାରସୁଗୁଡ଼ା ଅଫିସ,୯।୮

ଝାରସୁଗୁଡା ଜିଲାରେ ବିଭିନ୍ନ ଆଦିବାସୀ ସଂଗଠନ ତରଫରୁ ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଏହି ଅବସରରେ ଆଦିବାସୀ ମହିଳାପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲା ଆଦିବାସୀ ମହିଳା ସଂଗଠନ ତରଫରୁ ନାରୀନେତ୍ରୀ ସଞ୍ଜୁଲତା ନାଏକଙ୍କ ନେତୃତ୍ୱରେ ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡ ଗାନ୍ଧୀ ମୂର୍ତ୍ତି ନିକଟରୁ ବାହାରି ମଙ୍ଗଳବଜାର ଅଡିଟୋରିୟମ୍‌ରେ ପହଞ୍ଚିଥିଲା। ସେଠାରେ ଶିକ୍ଷୟିତ୍ରୀ ବିମଳା ମିଞ୍ଜଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ପୂର୍ବତନ ପୌରାଧ୍ୟକ୍ଷ ତାପସ ରାୟ ଚୌଧୁରୀ ମୁଖ୍ୟଅତିଥି, ଛତିଶଗଡ ଯୋଦପୁରର ହରିସିଂହ ସିଦାର ମୁଖ୍ୟବକ୍ତା ଓ ଛତିଶଗଡ ବସ୍ତରର ସାମାଜିକ କର୍ମୀ ରାଜେଶ୍ୱରୀ ସଲାମ, ଶ୍ରମିକନେତା ବିଜୟ ମହାନ୍ତି, ଗୋପୀନାଥ ମାଝି, ବିରଞ୍ଚି ସାହୁ, ଆଇନଜୀବୀ ନାଗେଶ୍ୱରୀ ବଲେନ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ସଂଗଠନ ତରଫରୁ ଅତିଥି ଓ ସମାଜର ବହୁ ଉଦିୟମାନ ମହିଳାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଦିବାସୀ ମହିଳାମାନେ ଝାଡୁ, ଖଜୁରିପତ୍ରରେ ତିଆରି ସାମଗ୍ରୀ ପ୍ରଦର୍ଶନ କରିଥିଲେ। ପରେ ବିଭିନ୍ନ ସ୍କୁଲ ଛାତ୍ରୀମାନଙ୍କୁ ନେଇ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ ହୋଇଥିଲା। ବିଶ୍ୱ ଗ୍ରୁପ୍ ନିର୍ଦ୍ଦେଶିକା ମମତା ପଟୁଆ ଧନ୍ୟବାଦ ଦେଇଥିଲେ। ସେହିପରି ଆଦିବାସୀ ଯୁବ ସଂଗଠନ ତରଫରୁ ପୋଷ୍ଟର, ବ୍ୟାନର ଓ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସ୍ଥାନୀୟ କାଳୀମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ୫ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ସମ୍ମିଳିତ ଆଦିବାସୀ ସମାଜ ତରଫରୁ କାପୁମାଳଠାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ଗୋଁଣ୍ଡଓନା ଗୋଁଣ୍ଡ ମହାସଭା ଓଡ଼ିଶା ପ୍ରଦେଶ ସଭାପତି ମହେନ୍ଦ୍ର ନାଏକ, ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

ନାକଟିଦେଉଳ,୯।୮(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ କିସିଣ୍ଡାସ୍ଥିତ ଷଡ଼ବଂଶୀୟ ଗୁଡ଼ିଘରଠାରେ ଗଣ୍ଡ ସାଂସ୍କୃତିକ ସମାଜ ପକ୍ଷରୁ ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଜିଲା ଆଦିବାସୀ କଲ୍ୟାଣ ସଂଘର ରେଢାଖୋଲ, ଯୁଯୁମୁରା ଓ ନାକଟିଦେଉଳ ବ୍ଲକ ପ୍ରଭାରୀ ରୋହିତ ଭୋଇ ସଭାପତିତ୍ୱ କରିଥିଲେ। ଗିରିଶ୍ଚନ୍ଦ୍ରପୁର କନ୍ଧ ସମାଜ ସଭାପତି ଦେବରାଜ କାଲୋ ମୁଖ୍ୟଅତିଥି ଓ ବୃନ୍ଦାବନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ଜୀବନଜୀବିକା ଏବଂ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ନିଜର ଅଧିକାର ହାସଲ କରିବା ପାଇଁ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ୯ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଆଦିବାସୀ ସମାଜ ବିଶ୍ୱ ଆଦିବାସୀ ଦିବସ ପାଳନ କରୁଛି। ତେଣୁ ଆଦିବାସୀ ପରମ୍ପରା, ସଂସ୍କୃତି ଓ ଭାଷାକୁ ଆଗକୁ ନେବା ସହ ସବୁଦିନେ ବଞ୍ଚାଇ ରଖିବା ପାଇଁ ସମସ୍ତେ ଶପଥ ନେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଦିବଂଗତ ଆଦିବାସୀ ନେତାମାନଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହିତ ଓଡ଼ିଶାର ଆଦିବାସୀ ଝିଅ ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଜ୍ଜ୍ୱଳ ତଥା ନିରାମୟ ଜୀବନ କାମନା କରି ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଗଣ୍ଡ ଛାତ୍ର ସମାଜର ସଚିବ ଯଶୋବନ୍ତ ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହେନ୍ଦ୍ର କୁଅଁର, ଜାହ୍ନବୀ ପଧାନ, ବନଶ୍ରୀ ପଧାନ, କନ୍ଧ ସମାଜର ପୂର୍ବତନ ସଭାପତି କାମେ କାଲୋ, ସନତ ନାଏକ, ଯୁଗୀନ୍ଦ୍ର କୁମୁରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାପୁରୁଷ ଯୋଗଦେଇଥିଲେ।

## ସାମ୍ବାଦିକଙ୍କ ପ୍ରସଙ୍ଗରେ ସରକାର ସମ୍ବେଦନଶୀଳ: ଶ୍ରମମନ୍ତ୍ରୀ

ସମ୍ବଲପୁର,୯।୮(ବ୍ୟୁରୋ)

ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ବର୍ଗର ନାଗରିକଙ୍କ ପ୍ରତି ସର୍ବଦା ସମ୍ବେଦନଶୀଳ। ଖବରଦାତାଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଗଣିତ କରାଯାଏ। ସାଧାରଣ ଲୋକଙ୍କ ସମସ୍ୟା ଓ ବିଭିନ୍ନ ପ୍ରସଙ୍ଗ ନେଇ ସରକାର ତଥା ପ୍ରଶାସନର ଦୃଷ୍ଟିକୁ ଆଣିବା ଦିଗରେ ଗଣମାଧ୍ୟମର ଭୂମିକା ପ୍ରଶଂସନୀୟ। ଏମାନଙ୍କ ପରିଶ୍ରମ ଯୋଗୁ ସମାଜ ଓ ବ୍ୟକ୍ତିବିଶେଷଙ୍କ ବିକାଶ ହୋଇଥାଏ। ମୁଖ୍ୟମନ୍ତ୍ରୀ ସାମ୍ବାଦିକଙ୍କ କଲ୍ୟାଣ ପ୍ରତି ଯତ୍ନ ବାନ ଅଛନ୍ତି। ସେମାନଙ୍କ ପାଇଁ ବୀମା ଯୋଜନା କରିଛନ୍ତି। ବହୁଦିନରୁ ସାମ୍ବାଦିକ ପେନ୍‌ସନ୍ ଯୋଜନା ଲାଗୁ କରିବା ପାଇଁ ଦାବି ହୋଇଆସୁଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନରେ ଆୟୋଜିତ ମିଟ୍ ଦି ପ୍ରେସ୍ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ କହିଥିଲେ। ସଂଘ ସଭପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ଦାଶ (ସମ୍ବଲପୁର) ଓ ଶଙ୍କର ବଲ୍ଲଭ ମିଶ୍ର (ବରଗଡ଼)ଙ୍କୁ ପ୍ରଶସ୍ତିପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଂଘ ସଭାପତି ପାଣିଗ୍ରାହୀ ପଶ୍ଚିମବଙ୍ଗ, ଆସାମ, ତ୍ରିପୁରା ଭଳି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସାମ୍ବାଦିକ ପେନ୍‌ସନ୍ ଯୋଜନା ଓଡିଶାରେ ଲାଗୁ କରିବା ପାଇଁ ଦାବି କରିଥିଲେ। ସଂଘର ବରିଷ୍ଠ ସଦସ୍ୟ କିଶୋର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ଶଙ୍କର ବେହେରା, ପୁଷ୍ପା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ସାମ୍ବାଦିକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟମାନେ ।

## ଅଭିଯୋଗ ଶୁଣିଲେ ଜିଲାପାଳ

ସମ୍ବଲପୁର,୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନନ୍ୟା ଦାଶ, ଏସ୍‌ପି ବାତୁଲା ଗଙ୍ଗାଧର ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ବ୍ୟକ୍ତିଗତ ଭାବେ ୧୦୮ ଅଭିଯୋଗ ହୋଇଥିବା ବେଳେ ମାତ୍ର ୮ଗୋଟି ସାମୂହିକ ଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଣ ପାଇଁ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାନେଶ୍ୱର ବିଡିଓ ନିଳାମ୍ବର ମହାନନ୍ଦ, ବ୍ଲକ ଅଧ୍ୟକ୍ଷା ରୁକ୍ମିଣୀ ମହାନନ୍ଦଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଅଭିଯୋଗ ଶୁଣାଣି ପୂର୍ବରୁ ଜିଲାପାଳ ଦାଶ ବିଭିନ୍ନ ଗ୍ରାମର ୨୬ଜଣଙ୍କୁ ସ୍ଥାୟୀ ଘରପଟ୍ଟା ପ୍ରଦାନ କରିଥିଲେ। ଏହାସହ ୮ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ପରେ ରୁକ୍ମିଣୀ ଲାଠ୍ ବାଳ ନିକେତନ ପରିଦର୍ଶନ କରି ସୋଲାର ଚାଳିତ ପାଣି ମୋଟର ଉଦ୍‌ଘାଟନ କରିଥିଲେ। ବାଳନିକେତନ ଅଧକ୍ଷ୍ୟା ନଳିନୀ ପ୍ରଧାନ, ଅଧ୍ୟକ୍ଷ ସଂଗ୍ରାମ ପ୍ରଧାନ, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାଣ୍ଡେ, ବରଗାଁ ସରପଞ୍ଚ ପ୍ରଭାଶିନୀ ହୋତା, ମାନେଶ୍ୱର ବ୍ଲକ ବିଧାୟକ ପ୍ରତିନିଧି ଗୋପିରଞ୍ଜନ ପ୍ରଧାନ, ଉତ୍ତମ ପ୍ରଧାନ, ହେମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନାକଟିଦେଉଳ ଯୁକ୍ତ ୨ କଲେଜ: ପାସ୍ ହାର ୮୬.୮୨%

ନାକଟିଦେଉଳ,୯।୮(ଡ଼ି.ଏନ.ଏ.)

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବାର୍ଷିକ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପାସ୍‌ହାର ୮୬.୮୨ ପ୍ରତିଶତ ରହିଛି। କଲେଜର ମୋଟ ୧୬୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୪୫ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୫, ଦ୍ୱିତୀୟ ଶ୍ରେଣୀରେ ୨୭ ଓ ତୃତୀୟ ଶ୍ରେଣୀରେ ୫୩ଜଣ ରହିଛନ୍ତି। ଛାତ୍ରୀ ଦିପ୍ତିମୟୀ ରାଉଳ ୮୭% ନମ୍ବର ରଖି ଟପ୍ପର ହୋଇଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ଅଧକ୍ଷ,ଅଧାପକ ଓ ଅଧାପିକା ଶୁଭେଚ୍ଛା ଜଣାଇଛନ୍ତି ।

## ଶହୀଦ ଭଗତ୍ ସିଂ କ୍ଲବ୍ ପକ୍ଷରୁ କ୍ରାନ୍ତି ଦିବସ

କୋଲାବିରା,୯।୮(ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରାଠାରେ ଶହୀଦ ଭଗତ୍ ସିଂ କ୍ଲବ୍ ଆନୁକୂଲ୍ୟରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। କ୍ଲବ୍ ତରଫରୁ ଭାରତ ମୁକ୍ତି ସଂଗ୍ରାମର ସଂଗ୍ରାମୀ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ଶହୀଦ ଭଗତ୍ ସିଂ, ସର୍ଦ୍ଦାର ବଲ୍ଲବ ଭାଇ ପଟେଲ, ମୌଲାନା ଆବୁଲ କାଲାମ ଆଜାଦ, ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କ୍ଲବ୍ ସଭାପତି କିର୍ତ୍ତୀ ଚନ୍ଦ୍ର ବହିଦାର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନେ ଗାନ୍ଧିଜୀଙ୍କ ସ୍ୱାଧୀନତା ସଂଗ୍ରାମ ଓ ସତ୍ୟାଗ୍ରହ ସମ୍ବନ୍ଧେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ପିଲାଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କବି ଶୋଭାଚନ୍ଦ୍ର ନାଏକ, ପ୍ରଶିକ୍ଷକ ସଚିନ୍ଦ୍ର ପଟେଲ, ସାମାଜିକ କର୍ମୀ ବୀରେନ୍ଦ୍ର କୁମାର ମହାପାତ୍ର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ପ୍ରବିଣ ସାହୁ, ପ୍ରଦ୍ୟୁମ୍ନ ପୁରୋହିତଙ୍କ ସମେତ କ୍ଲବର ସଭ୍ୟଗଣ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ବିନା ବିକାଶ ଅସମ୍ଭବ: : ସ୍ୱାସ୍ଥ୍ୟମନ୍ତ୍ରୀ

ଝାରସୁଗୁଡ଼ା ଅଫିସ,୯।୮

ବରିଷ୍ଠ ନାଗରିକଙ୍କ ବିନା ଝାରସୁଗୁଡ଼ାର ବିକାଶ ଅସମ୍ଭବ। ସୋମବାର ବରିଷ୍ଠ ନାଗରିକ ସଂଘର ୧୫ତମ ପ୍ରତିଷ୍ଠା ଦିବସରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ, ବରିଷ୍ଠ ନାଗରିକଙ୍କୁ ସରକାର ଅଧିକ ଗୁରୁତ୍ୱଦେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସଂଘର କାର୍ଯ୍ୟାଳୟ ପାଇଁ ଜିଲା ପ୍ରଶାସନ ତରଫରୁ ଜମି ଯୋଗାଇ ଦିଆଯିବ। ଏ ନେଇ ଜିଲାପାଳଙ୍କ ନିକଟରେ ଆବେଦନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏକ ହୋଟେଲରେ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ପାଳନ ହୋଇଥିଲା। ଏଥିରେ ବେଲପାହାଡ ଟାଟାକ୍ରୋସାକୀ ହସ୍ପିଟାଲ୍ ନିର୍ଦ୍ଦେଶକ ଡା. ଟିକେ ଦାଶ ମୁଖ୍ୟବକ୍ତା ଓ ଜିଲାପାଳ ସରୋଜ କୁମାର ସାମଲ, ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡ଼ା, ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘ ସଭାପତି ଟହଲୁ ସାହୁ, ସଂଘ ସମ୍ପାଦକ ତୁଳାରାମ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଘ ଉପସଭାପତି ନରହରି ପଟେଲ ପରିଚାଳନା କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଦାସ ବରିଷ୍ଠ ଡାକ୍ତର ଶଖାରାମ ଦୁବେ ଓ ବାୟୋଟେକ୍ନୋଲୋଜି ଓଜେଇଇରେ ରାଜ୍ୟ ଟପ୍ପର ହୋଇଥିବା ଝାରସୁଗୁଡା ପୁରୁଣାବସ୍ତିର ଛାତ୍ରୀ ଶୁଭଶ୍ରୀ ହୋତାଙ୍କୁ ଉତ୍ତରୀୟ ପ୍ରଦାନକରି ଝାରସୁଗୁଡା ସମ୍ମାନରେ ସମ୍ମାନିତ କରିଥିଲେ। ସଂଘର ଶତାଧିକ ମହିଳାପୁରୁଷ ସଦସ୍ୟ ଯୋଗଦେଇଥିଲେ।





ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

## ହକି ଏକାଡ଼େମୀ ନାମକୁ ବିରୋଧ କରି ଦାବିପତ୍ର

ସମ୍ବଲପୁର,୯।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଯୁମୁରା ହାଇସ୍କୁଲ ପଡିଆରେ ଏକ ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି। ହେଲେ ମାଧୋ ସିଂ ନାମରେ ଏଡାକୁ ନାମିତ କରାଯାଇଥିବା ନେଇ ଆଲୋଚନା ହେବା ପରେ ଅଞ୍ଚଳବାସୀ ବିରୋଧ କରି ସୋମବାର ବିଡିଓ ସୁରଜ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆୟୋଜିତ ବୈଠକରେ ସେମାନେ ଅଭିଯୋଗ କରିଛନ୍ତି, ହକି ଷ୍ଟାଡିୟମ ନିର୍ମାଣାଧୀନ ରହିଛି। ହେଲେ ମାଧୋ ସିଂ ନାମରେ ନାମକରଣ କରାଯାଇଛି। ଶହୀଦ ମାଧୋ ସିଂହ ବରଗଡ଼ ଜିଲା ଘେସ୍ ଜମିଦାର ପରିବାରର ସଦସ୍ୟ। ତାଙ୍କ ପ୍ରତି ଆମର ସମ୍ମାନ ରହିଛି। ମାତ୍ର ଯୁଯୁମୁରା ଅଞ୍ଚଳ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ। ଅନ୍ୟପଟେ ଯୁଯୁମୁରା ଗଡଲୋଇସିଂର ଜମିଦାର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଘନିଷ୍ଠ ସହଯୋଗୀ ଶହୀଦ ମଧୁ ଗଡତିଆଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି। ଏ ପ୍ରକାର ଏକଚାଟିଆ ନିଷ୍ପତ୍ତିକୁ ମଧୁ ଗଡତିଆ ସ୍ମୃତି କମିଟି, ଲୋକ ପ୍ରତିନିଧି ତଥା ବୁଦ୍ଧିଜୀବୀଙ୍କ ତରଫରୁ ବିରୋଧ କରାଯାଉଛି। ଏହାର ସଂଶୋଧନ କରାଯାଇ ସମ୍ବଲପୁର ହକି ଏକାଡେମୀ ଓ ଯୁଯୁମୁରା ହକି ପଡିଆକୁ ଶହୀଦ ମଧୁ ଗଡତିଆଙ୍କ ନାମରେ ନାମିତ କରିବାକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ସଭାରେ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା ଅଧକ୍ଷତା କରିଥିବା ବେଳେ କଂସର ସରପଞ୍ଚ ଦିବାକର ବେହେରା, ଗଡଲୋଇଶିଂ ସରପଞ୍ଚ ଖୁଲନା ବେହେରା, କେସାପାଳି ସରପଞ୍ଚ ରୀତାଞ୍ଜଳି ନାଏକ, ଯୁଯୁମୁରା ବ୍ଲକ ଉପାଧକ୍ଷ ମନ୍ଦାକିନୀ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷ ଅଶ୍ୱିନୀ କୁମୁରା, ପୂର୍ବତନ ସରପଞ୍ଚ ଅବନୀ କୁମୁରା, ସୁରେଶଚନ୍ଦ୍ର ପ୍ରଧାନ, ଜଗଦୀଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଧୁଗଡତିଆ ସ୍ମୃତି କମିଟିର କର୍ମକର୍ତ୍ତା ଭାବେ ସଭାପତି ସୁରେଶ ପ୍ରଧାନ, ଉପସଭାପତି ରବିନ୍ଦ୍ର ସାହୁ, ସମ୍ପାଦକ ରଜନୀକାନ୍ତ ପାଣିଗ୍ରାହୀ, ସହସମ୍ପାଦକ କିରଣ ପ୍ରଧାନ ଓ କୋଷାଧକ୍ଷ ଦିବ୍ୟକିଶୋର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଶେଷରେ ଅଶ୍ୱିନୀ କୁମୁରା ଧନ୍ୟବାଦ୍ ଦେଇଥିଲେ ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜୁଲାଇରେ ଅଶୋଧିତ ଇସ୍ପାତ ଉତ୍ପାଦନ ୧୪% ବୃଦ୍ଧି

ନୂଆଦିଲ୍ଲୀ: ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ଚଳିତବର୍ଷ ଜୁଲାଇ ମାସରେ ଅଶୋଧିତ ଇସ୍ପାତ ଉତ୍ପାଦନ ପରିମାଣ ୧୫.୬୯ ଲକ୍ଷ ଟନ ହୋଇଛି। ଏହା ୨୦୨୧ ଜୁଲାଇରେ ୧୩.୮୨ ଲକ୍ଷ ଟନ ରହିଥିଲା। ଚଳିତବର୍ଷ ଏଥିରେ ଷ୍ଟାଣ୍ଡ ଆଲୋନ ଭିତ୍ତିରେ ୧୪% ଅଭିବୃଦ୍ଧି ଘଟିଛି। ସେହିଭଳି ଚଳିତବର୍ଷ ଜୁଲାଇରେ କମ୍ପାନୀର ଫ୍ଲାଟ ରୋଲଡ ସାମଗ୍ରୀ ଉତ୍ପାଦନ ଗତବର୍ଷ ଜୁଲାଇ ତୁଳନାରେ ୧୫% ବୃଦ୍ଧି ପାଇ ୧୦.୭୨ ଲକ୍ଷ ଟନ ହୋଇଥିବା ବେଳେ ଲଙ୍ଗ ରୋଲଡ ସାମଗ୍ରୀ ଉତ୍ପାଦନ ୧୯% ବୃଦ୍ଧି ପାଇ ୩.୬୫ ଲକ୍ଷ ଟନ ହୋଇଛି।

# ଦେଶସେବା ହିଁ ଆମର ପରମ କର୍ତ୍ତବ୍ୟ

**କଟକ,୯।୮**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରୁଚି ଉଦ୍ୟୋଗ ପକ୍ଷରୁ ମଙ୍ଗଳବାର 'ଅଗଷ୍ଟ କ୍ରାନ୍ତି' ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ ସହ ଦେଶସେବା ହିଁ ଆମର ପରମ କର୍ତ୍ତବ୍ୟ ହେବା ଉଚିତ ଏବଂ ସମସ୍ତଙ୍କ ଭିତରେ ଦେଶାତ୍ମବୋଧକ ଚେତନା ରହିଲେ ଆମେ ସମାଜ ପାଇଁ କିଛି ମଙ୍ଗଳକର କାର୍ଯ୍ୟ କରିପାରିବା ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ବନ୍ଦେ ମାତରମ୍ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚି ଗ୍ରୁପର ନିର୍ଦ୍ଦେଶିକା ରଶ୍ମି ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ମହାପ୍ରବନ୍ଧକ ସୁବ୍ରମଣ୍ୟ ପ୍ରସାଦ, ମାନବସମ୍ବଳ ମୁଖ୍ୟ ଅମ୍ବରୀଶ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ସମରେନ୍ଦ୍ର କୁମାର, ମୃଣାଳିନୀ ରାଉତ, ଦେବାଶିଷ ପରିଡ଼ା, ଶ୍ରୀକାନ୍ତ ମହାପାତ୍ର, ନିରଞ୍ଜନ ଧଳ, ଡ. ନୀହାର ରଞ୍ଜନ ସାହୁ, ନ୍ୟାୟବ୍ରତ ରାଉତ, ରାମଚନ୍ଦ୍ର ବେହେରା, ଅଶୋକ କୁମାର ନାୟକ, ଶୁଭାଶିଷ ଜେନା, ଦେବସ୍ମିତା ମିଶ୍ର, କାଞ୍ଚନ ଲେଙ୍କା, ସାଇ ସସ୍ମିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରୁଚିର ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ଅଗଷ୍ଟ କ୍ରାନ୍ତି ଦିବସର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଦେଶଜ୍ୟୋତି ମହାନ୍ତି ଓ ରତୁରାଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୁଚି ଅନୁଷ୍ଠାନର ମସଲା ଓ ଫ୍ରୋଜିଟ୍ ଡିଭିଜନ, ପାସ୍ତା ଭିଲେଜ, ଓମ୍ ପ୍ୟାକ୍ ଡିଭିଜନ, ବାଲିକୁଦା ଡିଭିଜନ ଓ ରାମଦାସପୁର ଡିଭିଜନର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଜ ନିଜ ଘରେ ଜାତୀୟପତାକା ଉତ୍ତୋଳନ ପାଇଁ ପରିଚାଳନା ନିର୍ଦ୍ଦେଶକ ଡ. ସାହୁ ସମସ୍ତଙ୍କୁ ଜାତୀୟ ପତାକା ପ୍ରଦାନ କରିଥିଲେ।



'ଅଗଷ୍ଟ କ୍ରାନ୍ତି' ଦିବସ ପାଳନ ଅବସରରେ ରୁଚି କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଭି ଅଭିବୃଦ୍ଧିଶୀଳ ୪ଜି ନେଟ୍‌ୱର୍କ

**ନୂଆଦିଲ୍ଲୀ,୯।୮**

ଭାରତର ଦ୍ରୁତତମ ୪ଜି ନେଟ୍‌ୱର୍କ ଭାବେ ବର୍ତ୍ତମାନ ଭି ଉଭା ହୋଇଛି ବୋଲି ବିଶ୍ୱସ୍ତରୀୟ ସ୍ୱାଧୀନ ଏଜେନ୍ସି ଓପୋନସିଗ୍ନାଲ୍ ପକ୍ଷରୁ ଜାରି କରାଯାଇଥିବା 'ଭାରତ ମୋବାଇଲ ନେଟ୍‌ୱର୍କ ଅନୁଭୂତି ରିପୋର୍ଟ ଏପ୍ରିଲ୍-୨୦୨୨'ରେ ପ୍ରକାଶ କରାଯାଇଛି। ଏପରି କି ତୃତୀୟ ପକ୍ଷ ଏଜେନ୍ସିଦ୍ୱାରା ଭିକୁ ନିରନ୍ତର ଭାବେ ଶ୍ରେଷ୍ଠ ନେଟ୍‌ୱର୍କ ପ୍ରଦାନକାରୀ ସଂସ୍ଥାର ମାନ୍ୟତା ଦିଆଯାଉଛି। ଉତ୍କୃଷ୍ଟ ନେଟ୍‌ୱର୍କ ପ୍ରଦର୍ଶନ ଜରିଆରେ ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଉପରେ କମ୍ପାନୀ ଗୁରୁତ୍ୱ ବଜାୟ ରଖିଛି। କମ୍ପାନୀ ତା'ର ସର୍ବଭାରତୀୟ ୪ଜି ନେଟ୍‌ୱର୍କରେ ଦ୍ରୁତ ଡାଉନ୍‌ଲୋଡ୍ ଓ ଅପ୍‌ଲୋଡ୍ ସ୍ପିଡ୍ ପ୍ରଦାନ କରୁଛି। ଏହା ଗ୍ରାହକମାନଙ୍କୁ କାମ କରିବା, ପାଠ ପଢ଼ିବା, ସୋସିଆଲାଇଜ୍ ହେବା, ମନୋରଞ୍ଜନ, ଇ-କମର୍ସ ଓ ଅନ୍ୟାନ୍ୟ ଡିଜିଟାଲ୍ ସେବା ହାସଲ କରିବାରେ ବେଶ୍ ସହାୟକ ହେଉଛି।

# ଖୁବ୍‌ଶୀଘ୍ର ଜିଓର ୫-ଜି ସେବା

**ମୁମ୍ବାଇ,୯।୮**



ଭାରତର ସର୍ବବୃହତ୍ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଦେଶର ପ୍ରାୟ ୧,୦୦୦ ସହରରେ ୫-ଜି ସେବା ଆରମ୍ଭ କରିବା ଲାଗି ପ୍ରସ୍ତୁତ ହେଉଛି। ଏପରି କି କମ୍ପାନୀ ମଧ୍ୟ ସ୍ୱଦେଶରେ ବିକଶିତ ୫-ଜି ଟେଲିକମ୍ ଉପକରଣର ପରୀକ୍ଷଣ ଶେଷ କରିଛି। ନିକଟରେ ପ୍ରକାଶିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ବାର୍ଷିକ ରିପୋର୍ଟ ୨୦୨୧-୨୨ରେ ଏଭଳି କିଛି ଉଲ୍ଲେଖ କରାଯାଇଛି। ସେହିଭଳି ଜିଓ ୨୦୨୧-୨୨ ଆର୍ଥିକ ବର୍ଷରେ ୧୦୦% ସ୍ୱଦେଶୀ ପ୍ରଯୁକ୍ତି ଜ୍ଞାନକୌଶଳ ସହ ୫-ଜି ସେବା ଲାଗି ନିଜକୁ ପ୍ରସ୍ତୁତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ନିକଟରେ ଶେଷ ହୋଇଥିବା ୫-ଜି ସ୍ପେକ୍ଟ୍ରମ୍ ନିଲାମ ମୋଟ ୧.୫୦ ଲକ୍ଷ କୋଟି ଟଙ୍କାରୁ ଜିଓ ଏକାକୀ ୮୮,୦୭୮ କୋଟି ଟଙ୍କାର ସ୍ପେକ୍ଟ୍ରମ୍ କିଣିବାକୁ ବିଡ୍ ଦାଖଲ କରିଥିଲା। ଆର୍‌ଆଇଏଲ୍‌ର ବାର୍ଷିକ ରିପୋର୍ଟ ଅନୁଯାୟୀ ଦେଶର ୧୦୦୦ ସହରରେ ଜିଓ ୫ଜି ସେବା ପ୍ରଦାନ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛି। ଏହି ସମୟ ମଧ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆର୍), ଭର୍ଚୁଆଲ୍ ରିଅଲିଟି (ଭିଆର୍), କ୍ଲାଉଡ୍ ଗେମିଂ, ଟିଭି ଷ୍ଟ୍ରିମିଂ, ହସ୍ପିଟାଲ୍ ଓ ଉଦ୍ୟୋଗରେ ବ୍ୟବହାର ଲାଗି ଏହାକୁ କମ୍ପାନୀ ପରଖି ସାରିଛି। ଟେଲିକମ୍ ମନ୍ତ୍ରଣାଳୟର ନିୟମ ଅନୁଯାୟୀ ୪ଜି ତୁଳନାରେ ୫ଜିରେ ଡାଉନ୍‌ଲୋଡ୍ ସ୍ପିଡ୍ ୧୦ ଗୁଣା ଅଧିକ ରହିଥାଏ ଏବଂ ସ୍ପେକ୍ଟ୍ରମ୍‌ର କ୍ଷମତା ମଧ୍ୟ ତିନି ଗୁଣା ବୃଦ୍ଧି ପାଇଥାଏ।

ରିଲାଏନ୍ସ ଜିଓ ଅତି ଗୁରୁତ୍ୱପୂର୍ଣ୍ଣ ୭୦୦ ମେଗାହର୍ଜ ବ୍ୟାଣ୍ଡର ସ୍ପେକ୍ଟ୍ରମ୍ ହାସଲ କରିଛି, ଯାହାର ଗୋଟିଏ ଟାୱାର ୬-୧୦ କିଲୋମିଟର ବ୍ୟାପୀ ଅଞ୍ଚଳକୁ ସିଗ୍ନାଲ୍ ପ୍ରଦାନ କରିଥାଏ। କମ୍ପାନୀ ଦେଶର ସମସ୍ତ ୨୨ଟେଲିକମ୍ ସର୍କଲ ଓ ଜୋନ୍‌ରେ ୫ଜି ସେବା ପ୍ରଦାନ କରିବା ଲାଗି ଉତ୍ତମ ଆଧାର ପ୍ରସ୍ତୁତ କରିପାରିଛି।

# ଏସ୍‌ବିଆଇର ନୂଆ ଗ୍ରାହକ ସେବା ନମ୍ବର

**ମୁମ୍ବାଇ,୯।୮**



ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ନୂଆ ଗ୍ରାହକ ସେବା ଟୋଲ ଫ୍ରି ନମ୍ବର ୧୮୦୦-୧୨୩୪ ଓ ୧୮୦୦-୨୧୦୦ ର ଜାରି କରାଯାଇଛି। ଏହାଦ୍ୱାରା ବ୍ୟାଙ୍କର ଖାତା ଧାରକମାନେ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ଓ ଅଭିଯୋଗର ସମାଧାନ ପାଇପାରିବେ। ଏହି ଟୋଲ ଫ୍ରି ନମ୍ବର ବ୍ୟବହାର କରି ଗ୍ରାହକମାନେ ବ୍ୟାଙ୍କିଙ୍ଗ ସେବା ଯଥା ଆକାଉଣ୍ଟ ବାଲାନ୍ସ, ଶେଷ ନେଣଦେଣ ବିବରଣୀ, ଏଟିଏମ୍ କାର୍ଡ ବନ୍ଦ କରିବା, ଏଟିଏମ୍ କାର୍ଡ ପୁନର୍ବାର ମଗେଇବା, କାର୍ଡର ପ୍ରେରଣ ସ୍ଥିତି,ଏଟିଏମ୍ କାର୍ଡର ପିନ୍ ତିଆରି କରିବା, ଚେକ୍ ବହି ପ୍ରେରଣ ସ୍ଥିତି ଯାଞ୍ଚ, ନୂଆ ଚେକ୍ ବହି ମଗେଇବା, ଟିଡିଏସ୍ ଓ ଜମା ସୁଧର ସାର୍ଟିଫିକେଟ ଇମେଲ ମାଧ୍ୟମରେ ମଗେଇବା ଆଦି ଅନେକ ସୁବିଧା ପାଇପାରିବେ। ଭାରତର ସବୁଠୁ ବଡ ବ୍ୟାଙ୍କ ଭାବେ ଜଣା ଏସ୍‌ବିଆଇ ନିଜର ଗ୍ରାହକଙ୍କୁ ଉତ୍କୃଷ୍ଟ ଧରଣର ସେବା ଅତି ସହଜରେ ଯୋଗାଇବାର ଲକ୍ଷ୍ୟ ନେଇ ବିଭିନ୍ନ ପ୍ରକାରର ବ୍ୟାଙ୍କିଙ୍ଗ ସେବାକୁ ଏହି ନୂଆ ଟୋଲ ଫ୍ରି ନମ୍ବରରେ ଯୋଗାଇବାର ବ୍ୟବସ୍ଥା କରିଛି। ଏହି ପରିବର୍ତ୍ତନରେ ମୁଖ୍ୟତଃ ଅନେକଗୁଡ଼ାଏ ନୂଆ ସେବାର ଆରମ୍ଭ ସହ ଗ୍ରାହକ ସେବା କେନ୍ଦ୍ରର ଆଇଭିଆର ଓ କାର୍ଯ୍ୟନିର୍ବାହୀମାନଙ୍କ ଦ୍ୱାରା ଅଭିଯୋଗର ଶୀଘ୍ର ସମାଧାନ ଉପରେ ଧ୍ୟାନ ଦିଆଯାଇଛି। ଏସ୍‌ବିଆଇର ଗ୍ରାହକ ଯୋଗାଯୋଗ କେନ୍ଦ୍ରକୁ ନୂତନ ପ୍ରଯୁକ୍ତି ଓ କାର୍ଯ୍ୟଶୈଳୀ ଦ୍ୱାରା ବିଶ୍ୱରେ ସର୍ବୋତ୍ତମ କରିବାର ଲକ୍ଷ୍ୟ ରଖାଯାଇଛି।

# ଟାଟା ଷ୍ଟିଲ୍ ପକ୍ଷରୁ ଅନ୍ତର୍ଜାତୀୟ ଜନଜାତି ଦିବସ

**ଭୁବନେଶ୍ୱର,୯।୮**

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଟାଟା ଷ୍ଟିଲର ସହଯୋଗୀ ଅନୁଷ୍ଠାନ 'ଟାଟା ଷ୍ଟିଲ୍ ଫାଉଣ୍ଡେସନ' ଏବଂ କଳିଙ୍ଗନଗର ବିସ୍ଥାପିତ ପରିବାର ଉନ୍ନୟନ ପରିଷଦର ମିଳିତ ସହଯୋଗରେ ମଙ୍ଗଳବାର ଯାଜପୁର ଜିଲାର କଳିଙ୍ଗନଗରଠାରେ 'ଅନ୍ତର୍ଜାତୀୟ ଜନଜାତି ଦିବସ' ପାଳିତ ହୋଇଯାଇଛି। ବ୍ୟାସନଗର ମ୍ୟୁନିସିପାଲିଟିର ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଗୋବରଘାଟି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସିନି ସଏ, ସମିତି ସଭ୍ୟା ରିନା ହାଇବ୍ରୁ ଏବଂ ସରପଞ୍ଚ ରତ୍ନାକର ତିୟୁ, କଳିଙ୍ଗନଗର ବିସ୍ଥାପିତ ପରିବାର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଲକ୍ଷଣ ଜାମୁଦା, ସଂପାଦକ ବିରେନ୍ ଜାମୁଦା, ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍‌ର ମୁଖ୍ୟ ଦେବଦୂତ ମହାନ୍ତି ଏବଂ ଟାଟା ଷ୍ଟିଲ୍ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜନଜାତି ସଂସ୍କୃତିରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ କ୍ଷତି ଓ ତା' ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ସଂରକ୍ଷଣ, ଏହାକୁ ପୁନଃ ଶକ୍ତିଶାଳୀ ଓ ପ୍ରସାର କରିବାର ଜରୁରିକାଳୀନ ଆବଶ୍ୟକତା ପ୍ରତି ଧ୍ୟାନ ଆକର୍ଷଣ କରିବା ଲାଗି ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କୁ ନେଇ ଏକ ଅଧିବେଶନ ଗୋବରଘାଟି ପଞ୍ଚାୟତର କମ୍ୟୁନିଟି ହଲ୍-୨ରେ ଆୟୋଜନ କରାଯାଇଥିଲା। ଉକ୍ତ ଅଧିବେଶନରେ ଗୋବରଘାଟିର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ବିତରଣରେ ଜନଜାତି ମହିଳାମାନଙ୍କ ଭୂମିକା' ଶୀର୍ଷକ ଦିବସବ୍ୟାପୀ ବିସ୍ତୃତ ଆଲୋଚନ କରାଯାଇଥିଲା।



# ସିବିଓଆଇର ଜନସଚେତନତା ରାଲି

**ଭୁବନେଶ୍ୱର,୯।୮**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ମଙ୍ଗଳବାର ସକାଳ ୭ ଘଟିକାରେ ଏକ ରୋଡ୍ ଶୋ'ର ଆୟୋଜନ କରାଯାଇଥିଲା। ଯେଉଁଥିରେ ସ୍ୱାଧୀନତାର ୭୫ତମ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯିବା ସହ ସମ୍ବଲପୁର ସହରରେ ସେଣ୍ଟ କ୍ରାନ୍ତି ଅଭିଯାନର ପ୍ରଚାର ପ୍ରସାର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ବୀର ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରି ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଉକ୍ତ ରାଲିରେ ପାମ୍ପଲେଟ୍ ବଣ୍ଟନ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଉତ୍ପାଦ ବିଷୟରେ ଘୋଷଣା କରାଯାଇଥିଲା। ଜନସାଧାରଣଙ୍କୁ ସଚେତନ କରାଇବା ସହ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ପାଇଁ ଗୃହ ଋଣ, ଗାଡି ଋଣ, ବ୍ୟବସାୟିକ ଋଣ ଏବଂ ବିଭିନ୍ନ ବନ୍ଧକ ଋଣ ଇତ୍ୟାଦି ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। ଏହି ସବୁ ଉତ୍ପାଦ ବର୍ତ୍ତମାନ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଭିନ୍ନ ଶାଖାରୁ ଆକର୍ଷଣୀୟ ସୁଧ ହାରରେ ଉପଲବ୍ଧ। ରୋଡ୍ ଶୋ ଶାନ୍ତି ନଗର (ବୁଢାରାଜା) ଠାରୁ ଅଇଁଠାପାଲି ଛକ ପର୍ଯ୍ୟନ୍ତ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ସୁକେଶ କୁମାର ଝା, ମୁଖ୍ୟ ପ୍ରବନ୍ଧକ ଶ୍ରଦ୍ଧାକର ନାୟକ, ପ୍ରବୀର ମହାପାତ୍ର, ଅମିତ କୁମାର ଝା ଏବଂ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ତଥା ସ୍ଥାନୀୟ ସମସ୍ତ ଶାଖା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଫୁରସତ

# ବିବାହର ୫୪ ବର୍ଷ ପରେ ସନ୍ତାନ

**ରାୟପୁର:** ରାଜସ୍ଥାନର ୭୫ ବର୍ଷୀୟ ଗୋପିଚାନ୍ଦ ବିବାହର ୫୪ ବର୍ଷ ପରେ ବାପା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗତ ସୋମବାର ଅଲୱାରରେ ଗୋପିନାଥଙ୍କ ୭୦ ବର୍ଷୀୟା ସ୍ତ୍ରୀ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଏଭଳି ଘଟଣା ରାଜସ୍ଥାନରେ ପ୍ରଥମ ଥର ଘଟିଥିବା ଡାକ୍ତର କହିଛନ୍ତି। ଜନ୍ମିତ ଶିଶୁ ପୁତ୍ରର ଓଜନ ସାଢ଼େ ତିନିକିଲୋ ଥିବାବେଳେ ମା' ଓ ନବଜାତ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ଟେକ୍ନୋଲୋଜି କ୍ଷେତ୍ରରେ ଉନ୍ନତି କାରଣରୁ ବର୍ତ୍ତମାନ ସମୟରେ ୭୦- ୮୦ ବର୍ଷର ମହିଳା ସନ୍ତାନ ଜନ୍ମ ପାଇଁ ସକ୍ଷମ ହେବାରେ ଲାଗିଛନ୍ତି। ଝୁନ୍‌ଝୁନୁର ନୁହାନିୟା ଗ୍ରାମର ଗୋପିଚାନ୍ଦ ସେନାରେ ଚାକିରି କରିଥିଲେ। ପରିବାରରେ କୌଣସି ପ୍ରକାର ଅସୁବିଧା ନ ଥିବାବେଳେ କିନ୍ତୁ ଗୋଟିଏ ସନ୍ତାନ ପାଇଁ ଦୁହେଁ ବର୍ଷ ବର୍ଷ ଧରି ବହୁ ଚେଷ୍ଟା କରିଥିଲେ ହେଁ ସେଥିରେ ସଫଳ ହୋଇ ନ ଥିବା ସେ କହିଛନ୍ତି। କିନ୍ତୁ ଆଇଭିଏଫ୍ (ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍) ଜରିଆରେ ଗୋପିଚାନ୍ଦ ବାପା ହେବାର ସୁଯୋଗ ପାଇଥିବା କହିଛନ୍ତି। ପରିଣତ ବୟସରେ ଖୁବ୍ କମ୍ ଲୋକଙ୍କ ନିକଟରେ ସନ୍ତାନ ଜନ୍ମର କ୍ଷମତା ଥିବା ଆଇଭିଏଫ୍ ଏକ୍ସପର୍ଟ ଡା. ପଙ୍କଜ ଗୁପ୍ତା କହିଛନ୍ତି।

ଆଇଭିଏଫ୍‌ର ପୂରାନାମ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍। କେହି କେହି ଏହି ପ୍ରଣାଳୀକୁ ଟେଷ୍ଟ ଟ୍ୟୁବ୍ ବେବି ବୋଲି କହିଥାନ୍ତି। ମହିଳାଙ୍କ ଡିମ୍ବାଣୁ ଓ ପୁରୁଷଙ୍କ ଶୁକ୍ରାଣୁକୁ ଟେଷ୍ଟ ଟ୍ୟୁବ୍‌ରେ ମିଶ୍ରଣ କରି ରଖାଯାଏ। କିଛିଦିନ ପରେ ସେଥିରୁ ଭ୍ରୁଣ ଜନ୍ମିଥାଏ। ଏହି ଭ୍ରୁଣକୁ ମହିଳାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଏ। ଏହାପରେ ଗର୍ଭାଶୟରେ ଶିଶୁଟି ବିକଶିତ ହୋଇଥାଏ।



# ଆଇଏଫ୍‌ଏଫ୍‌ଏମ୍‌ର ଜଜ୍ ତମନ୍ନା

**ହାଇଦ୍ରାବାଦ:** ଚଳଚ୍ଚିତ୍ର ଅଭିନେତ୍ରୀ ତମନ୍ନା ଭାଟିଆ ଚଳିତ ବର୍ଷ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ନ (ଆ।ଇଏଫ୍‌ଏଫ୍‌ଏମ୍)ରେ ଜଜ୍ ହେବାକୁ ଯାଉଛନ୍ତି। ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଭାରତୀୟ ଡାନ୍ସରଙ୍କ ସମେତ ଫିଜି, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆର ନୃତ୍ୟଶିଳ୍ପୀ ଏଥିରେ ଅଂଶଗ୍ରହଣ କରିବେ। ତମନ୍ନାଙ୍କ ସହ ମିସ୍ ଅଷ୍ଟ୍ରେଲିଆ, ମିସ୍ କ୍ରିଷ୍ଟେନ୍ ରାଇଟ୍ସ ମଧ୍ୟ କାର୍ଯ୍ୟକ୍ରମର ଜଜ୍ ଦାୟିତ୍ୱରେ ରହିବେ। ଆଇଏଫଏଫ୍‌ଏମ୍‌ରେ ଜଜ୍ ହେବା ନେଇ ତମନ୍ନା ବେଶ୍ ଖୁସିଥିବା ଜଣାପଡ଼ିଛି। ବଲିଉଡ୍ ଗୀତ ଓ ନାଚର ପ୍ରଶଂସକ ସାରା ବିଶ୍ୱରେ ରହିଛନ୍ତି। ବିଶେଷ କରି ଅଷ୍ଟ୍ରେଲିଆରେ ବଲିଉଡ୍ ସଙ୍ଗୀତର କ୍ରେଜ୍ ଖୁବ୍ ବେଶି ବୋଲି ଫେଷ୍ଟିଭାଲ ନିର୍ଦ୍ଦେଶକ ମିତୁ ଭୋଉମିକ୍ କହିଛନ୍ତି। ଗତ ଦୁଇ ବର୍ଷ ଆଇଏଫ୍‌ଏଫ୍‌ଏମ୍ ପ୍ରତିଯୋଗିତା ଭର୍ଚୁଆଲମୋଡ୍‌ରେ କରାଯାଇଥିବାବେଳେ ଚଳିତ ବର୍ଷ ଉଭୟ ଭର୍ଚୁଆଲ ଓ ଫିଜିକାଲ ମୋଡ୍‌ରେ ଏହା ଅନୁଷ୍ଠିତ ହେବାକୁ ଯାଉଛି। ଅଗଷ୍ଟ ୧୨ରୁ ୨୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ କାର୍ଯ୍ୟକ୍ରମର ହୋଷ୍ଟିଂ ଦାୟିତ୍ୱରେ ଅଭିଷେକ ବଚ୍ଚନ, ଅନୁରାଗ କଶ୍ୟପ ଏବଂ ବାଣୀ କପୁର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



# ୫୦ବର୍ଷ ପୂର୍ବେ ଚୋରି ପାର୍ବତୀ ମୂର୍ତ୍ତି ଆମେରିକାରେ ଠାବ



**ୱାଶିଂଟନ:** ତାମିଲନାଡୁ କୁମ୍ଭାକୋନାମ ଥାଣ୍ଡାନ୍ଥୋଟ୍ଟମରେ ଥିବା ନାଦାଦପୁରେଶ୍ୱରାର ଶିଭାନ ମନ୍ଦିରରୁ ୫୦ ବର୍ଷ ପୂର୍ବେ ଚୋରି ହୋଇଥିବା ପାର୍ବତୀ ଠାକୁରାଣୀଙ୍କ ମୂର୍ତ୍ତି ନ୍ୟୁୟର୍କରେ ଠାବ ହୋଇଥିବା ତାମିଲନାଡୁ ଆଇଡଲ୍ ୱିଙ୍ଗ୍ ସିଆଇଡି ସୋମବାର ସୂଚନା ଦେଇଛନ୍ତି। ନ୍ୟୁୟର୍କ ବୋନହାସ ଅକ୍‌ସନ୍ ହାଉସ୍‌ରେ ପାର୍ବତୀଙ୍କ ମୂର୍ତ୍ତି ଦେଖିବାକୁ ମିଳିଥିବା ତଦନ୍ତକାରୀ ଏଜେନ୍ସି କହିଛି। ମୂର୍ତ୍ତି ଚୋରି ବାବଦରେ ପୂର୍ବରୁ ୨ଟି ଅଭିଯୋଗ ଦାଖଲ ହୋଇଛି। ୨୦୧୯ ଫେବୃୟାରୀରେ କେ. ବାସୁ ନାମକ ଜଣେ ବ୍ୟକ୍ତି ପ୍ରଥମ ଅଭିଯୋଗ କରିଥିଲେ। ୧୯୭୧ରେ ମନ୍ଦିରରୁ ଉକ୍ତ ମୂର୍ତ୍ତି ଚୋରି ହୋଇଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ। ସେହିପରି ତଦନ୍ତକାରୀ ଏଜେନ୍ସି ଆଇଡଲ୍ ୱିଙ୍ଗ୍‌ସ ପକ୍ଷରୁ ଅଭିଯୋଗ ହେବା ପରେ ୱିଙ୍ଗ୍‌ସ ଇନ୍‌ସ୍ପେକ୍ଟର ଏମ୍. ଚିତ୍ରା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବିଦେଶରେ ଥିବା ବିଭିନ୍ନ ସଂଗ୍ରହାଳୟ ସାଙ୍ଗକୁ ନିଲାମସ୍ଥଳୀମାନ ବୁଲି ଖୋଜାଖୋଜି ଚଳାଇଥିଲା ଆଇଡଲ୍ ୱିଙ୍ଗ୍‌ସର ଟିମ୍। ଚୋଳ ଶାସନ ସମୟର ତମ୍ବାରେ ତିଆରି ଏହି ପାର୍ବତୀ ମୂର୍ତ୍ତିର ଉଚ୍ଚତା ୫୨ ସେଣ୍ଟିମିଟର ଥିବାବେଳେ ଏହାର ମୂଲ୍ୟ ୧,୬୮,୨୬,୧୪୩ ଟଙ୍କା ହୋଇଥିବା ଜଣାପଡ଼ିଛି। ମୂର୍ତ୍ତି ଭାରତ ଫେରାଇ ଆଣିବା ପାଇଁ ତଦନ୍ତକାରୀ ଟିମ୍ ଆବଶ୍ୟକୀୟ କାଗଜ ପ୍ରସ୍ତୁତ କରୁଥିବା ଆଇଡଲ୍ ୱିଙ୍ଗ୍‌ର ଡିଜିପି ଜୟନ୍ତ ମୁରଲୀ କହିଛନ୍ତି।

# ଏଚ୍‌ଆଇଭି ସଂକ୍ରମିତ ପ୍ରେମିକଙ୍କ ରକ୍ତକୁ ଦେହରେ ଇନ୍‌ଜେକ୍ଟ କଲେ



## ଭଲପାଇବାର ପ୍ରମାଣ ଦେଲେ ଯୁବତୀ

**ଦିଶପୁର:** ପ୍ରେମିକ, ପ୍ରେମିକାମାନେ ନିଜ ଭଲପାଇବାର ପ୍ରମାଣ ଦେବାକୁ ଯାଇ ଅନେକ ସମୟରେ ବିଭିନ୍ନ ପ୍ରକାର ଅଜବ ଘଟଣା ସବୁ ଘଟାଇବାର ନଜିର ରହିଛି। ସେହିପରି ପ୍ରେମିକ ନିକଟରେ ନିଜ ପ୍ରେମକୁ ପ୍ରମାଣିତ କରିବାକୁ ଯାଇ ଆସାମର ଜଣେ ୧୫ ବର୍ଷୀୟା ଯୁବତୀ ଏକ ଅଜବ କାଣ୍ଡ ଘଟାଇଛନ୍ତି। ଯୁବତୀଙ୍କ ଘର ଆସାମ ସଉଲକୁଚି ଜିଲାରେ। ବଏଫ୍ରେଣ୍ଡ ଏଚ୍‌ଆଇଭି ସଂକ୍ରମିତ ହୋଇଥିବାବେଳେ ତାଙ୍କ ସଂକ୍ରମିତ ରକ୍ତକୁ ସିରିଞ୍ଜ ସାହାଯ୍ୟରେ ଯୁବତୀ ଜଣକ ନିଜ ଦେହରେ ଇନ୍‌ଜେକ୍ଟ କରିଛନ୍ତି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବାବେଳେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି। ଯୁବତୀଙ୍କୁ ଡାକ୍ତରଖାନାରେ ଅବ୍‌ଜରଭେସନ୍‌ରେ ରଖାଯାଇଛି। ଯୁବତୀଙ୍କ ପରିବାର ପ୍ରେମିକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

ଫେସ୍‌ବୁକ୍ ଜରିଆରେ ଦୁହିଁଙ୍କ ପ୍ରେମ। ସମ୍ପର୍କକୁ ୩ ବର୍ଷ ବିତିଯାଇଥିବାବେଳେ ଦୁହିଁଙ୍କ ପ୍ରେମ ଯେତେ ପୁରୁଣା ହୋଇଥିଲା ସେମାନଙ୍କ ସମ୍ପର୍କ ସେତେ ନିବିଡ଼ ହେବାରେ ଲାଗିଥିଲା। ଯୁବତୀ ଜଣକ ଅନେକଥର ପ୍ରେମିକ ସହ ଘରଛାଡ଼ି ଚାଲିଯିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ପରିବାର ଲୋକେ ତାଙ୍କର ଏ ଯୋଜନାକୁ ସଫଳ ହେବାକୁ ଦେଇ ନ ଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳ ବ୍ୟତୀତ ସୋସିଆଲ ମିଡିଆରେ ଟ୍ରେଣ୍ଡ ପାଲଟିଛି। ୟୁଜରମାନେ ଯୁବତୀଙ୍କ ପାଗଳାମୀକୁ ନେଇ ମିମ୍ ତିଆରି କରିବା ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ: ୩ ଗିରଫ

ବ୍ରଜରାଜନଗର,୯।୮ (ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଟାଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ପୋଲିସ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇଟାଭଟାର ଚିନ୍ତାମଣି ବୁଡା, କୁନା ରଣବିଡା ଓ ସନ୍ତୋଷ ଓରଫ ବିଶ୍ୱନାଥ ନାଗ। ସୂଚନା ଅନୁସାରେ ଦୁଇଦିନ ତଳେ ଅଭିଯୁକ୍ତମାନେ ବିଦ୍ୟାଳୟ ତାଲା ଭାଙ୍ଗି ଦୁଇଟି କମ୍ପ୍ୟୁଟର ମନିଟର, ରୋଷେଇ ସାମଗ୍ରୀ ଓ ଚାଉଳ ବସ୍ତା ଚୋରିକରି ନେଇଥିଲେ। ବିଦ୍ୟାଳୟ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ଚଢାଉ ଜାରି ରଖିଥିଲା।

# ଓଲଟିଲା ବସ୍: ବର୍ତ୍ତିଲେ ୪୦ ଯାତ୍ରୀ

ସମ୍ବଲପୁର,୯।୮ (ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ଝୁଝୁମୁରା ଥାନା ହାତୀବାରୀ ଗ୍ରାମ ନିକଟରେ ମଙ୍ଗଳବାର ସକାଳ ୮ଟାରେ ଭାରସାମ୍ୟ ହରାଇ ଡେଜୀ ନାମକ ଯାତ୍ରୀବାହୀ ବସ୍ ରାସ୍ତା ଉପରେ ଓଲଟି ପଡ଼ିଥିଲା। ହେଲେ ସୌଭାଗ୍ୟବଶତଃ ଏଥିରେ ଥିବା ପ୍ରାୟ ୪୦ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ବସ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଯାତ୍ରୀମାନଙ୍କୁ ବସ୍ ଭିତରୁ ଉଦ୍ଧାର କରିଥିଲେ। ଝୁଝୁମୁରା ପୋଲିସ କିମ୍ବା ହାଇୱେ ପାଟ୍ରୋଲିଂ ଗାଡ଼ି ପ୍ରାୟ ୨୦ମିନିଟ ପର୍ଯ୍ୟନ୍ତ ନ ଆସିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଓଡି୧୫ଡି-୦୭୫୫ନଂ. ବିଶିଷ୍ଟ ବସ୍ ଅନୁଗୋଳରୁ ବାହାରି ସମ୍ବଲପୁର ଦେଇ ସୁନ୍ଦରଗଡ଼ ଯାଉଥିଲା। ଏହି ବସ୍‌ରେ ପ୍ରାୟ ୪୦ଜଣ ଯାତ୍ରୀ ରହିଥିଲେ। ଗଡ଼ଗଡ଼ବାହାଲ ନିକଟରୁ ବସ୍‌ଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତାରେ ଏପଟସେପଟ ହୋଇ ଆସୁଥିଲା। ପ୍ରାୟ ୧୦ କିଲୋମିଟର ପରେ ଗାଡ଼ିଟି ହାତୀବାରିରେ ଓଲଟି ପଡ଼ିଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଉଦ୍ଧାର ପାଇଁ ପହଞ୍ଚିଯାଇଥିଲେ। ପ୍ରାୟ ୭ଜଣ ଯାତ୍ରୀ ସାମାନ୍ୟ ହୋଇଥିବାବେଳେ ହାତୀବାରି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।


ଓଲଟି ପଡ଼ିଥିବା ବସ୍।

# ଭାଇଚାରାର ବାର୍ତ୍ତା ଦିଏ ପବିତ୍ର ମହରମ୍

ସମ୍ବଲପୁର, ୯।୮ (ବ୍ୟୁରୋ)

ଭାଇଚାରାର ବାର୍ତ୍ତା ଦେଇଥାଏ ପବିତ୍ର ମହରମ୍ ପର୍ବ। ସମ୍ବଲପୁର ସହରରେ ଏହାର ସ୍ୱତନ୍ତ୍ରତା ରହିଛି। ମଙ୍ଗଳବାର ଇସଲାମ୍ ଧର୍ମବଲମ୍ବୀଙ୍କ ଏହି ପବିତ୍ର ପର୍ବ ପାଳିତ ହୋଇଯାଇଛି। ଗୋଲବଜାର ଛକଠାରେ ବିଭିନ୍ନ ପଡାର ତାଜିଆ ମିଳନ୍ ହୋଇଥିଲା। ମୁଦିପଡା ହିନ୍ଦୁ ପରିବାରଙ୍କ ତାଜିଆ ମଧ୍ୟ ସାମିଲ ହୋଇଥିଲା। ମୁଦିପଡା, ବଡବଜାର, ଦଲାଇପଡା, କୁମ୍ଭାରପଡା, ପେନ୍‌ସନ୍‌ପଡା, ଭୁତାପଡା, ମୋତିଝରନ ଅଞ୍ଚଳରୁ ଶୋଭାଯାତ୍ରା ବାହାରିଥିଲା। କଡକଡି, ତାସା ବାଦ୍ୟର ତାଳରେ ଯୁବକ ଓ ବାଳକମାନେ ଦୁଃସାହସିକ ଆଖଡା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଇସଲାମ୍ ଧର୍ମବଲମ୍ବୀମାନେ ମହାନଦୀରେ ତାଜିଆ ବିସର୍ଜନ (ଥଣ୍ଡା) କରି ଘରକୁ ଫେରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ବାଇନାକୁଲର ଓ ଡ୍ରୋନ ସାହାଯ୍ୟରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯାଇଥିଲା। ଭାଜପା ସଂଖ୍ୟାଲଘୁ ଯୁବମୋର୍ଚ୍ଚା ପକ୍ଷରୁ ଥଣ୍ଡା ସରବତ ବଣ୍ଟନ କରାଯାଇଥିଲା। ଜିଲା ସଭାପତି ଫିରୋଜ ଖାଁ, ଯୁବମୋର୍ଚ୍ଚା ସଭାପତି ଅଶ୍ୱିନି ମାଝି, ମହମ୍ମଦ ଇସମାଇଲ, ଦୀପକ ବେହେରା, ସଦାମ ହୁସେନ, ସୟଦ ବିକି, ସୁଦିପ ପରିଦା, କମଲଜିତ ସିଂ, ଦିନେଶ ସାହୁ, ରୁବଲ ମହାକୁଡ଼, ଟୁକୁ ମହାନ୍ତି, ବାବୁଲୁ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**Government of Odisha "e" Procurement Notice**
**WORKS DEPARTMENT**
**Bid Identification No. C.C.E.K.C., Keonjhar No.15/2022-23**
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 3342 dt. 30.07.2022

No. B-464:-
1. No. of the work: :- 3 number of Building Works
2. Estimated Cost :- Rs.327.28 Lakhs to Rs.578.19 Lakhs
3. Period of completion :- 6 (Six) Calendar Months to 15 (Fifteen) Calendar Months
4. Date and Time of availability of Bid document in the portal :- From 11.00 hours of **10.08.2022** to 16.00 hours of **25.08.2022**
5. Last date/ Time for receipt of bids in the portal :- 16.00 hours of **25.08.2022**
6. Date of opening of Bid from Portal :- 11.30 hours on **26.08.2022**
7. Name and address of the officer inviting Bid :- Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0023/2223

# ହିନ୍ଦ୍ ମଜଦୁର ସଭାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର,୯।୮ (ବ୍ୟୁରୋ)

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ହିନ୍ଦ୍ ମଜଦୁର ସଭା ଯୁବଶାଖାର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଶ୍ରମ ଆଇନକୁ ଶ୍ରମ କୋଡ୍‌ରେ ପରିବର୍ତ୍ତନ କରିବା, ଭୁଲ ଅର୍ଥନୈତିକ ନିଷ୍ପତ୍ତି ଯୋଗୁ ଭାରତ ବର୍ଷରେ ବୃଦ୍ଧି ହେଉଥିବା ବେକାରୀ ସମସ୍ୟା ସମାଧାନ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦରଦାମ୍ ନିୟନ୍ତ୍ରଣ କରିବା, ନୂତନ ସର୍ବନିମ୍ନ ମଜୁରି ବୃଦ୍ଧି ଲାଗୁ କରିବା, ଶିଳ୍ପ ସଂସ୍ଥା ସହିତ ଶ୍ରମିକ ସଂଗଠନ ମାନଙ୍କ ଦୀର୍ଘମିଆଦି ଚୁକ୍ତିନାମା ନିର୍ଘଣ୍ଟ ସମୟରେ ସ୍ୱାକ୍ଷରିତ କରିବା ପାଇଁ ଆଇନ ପ୍ରଣୟନ କରିବା, ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିରେ ସମଗ୍ର ଓଡ଼ିଶାରେ ଏଚ୍‌ଏମ୍‌ଏସ୍ ପକ୍ଷରୁ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରିବା ସହ ୧୫୦ ସହକାରୀ ଶ୍ରମଅଧିକାରୀ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁପତ୍ରରେ ଲାଗିଥିବା ଜିଏସ୍‌ଟି ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ କୁଚିଣ୍ଡା ବିଧାୟକ କିଶୋର ନାୟକ, ଜିଲା ପରିଷଦ ଅଧ୍ୟକ୍ଷ କୁମୁଦିନି ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତପ୍ରକାଶ କରିଥିଲେ। ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଉପ ସାଧାରଣ ସମ୍ପାଦକ ଗୋକୁଳ ମେହେର, ଲକ୍ଷ୍ମିଧର ସାହୁ, ଯୁବ ସଭାପତି ବିଜୟ ପତି, ଉପସଭାପତି ଦିନବନ୍ଧୁ ବେହେରା, ଦିଗମ୍ବର ମହାନ୍ତି, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ଯୁବ ସଭାପତି ଲକ୍ଷ୍ମୀ ମହାପାତ୍ର, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ଜିଲାପରିଷଦ ସଭ୍ୟ ଦେବନାରାୟଣ ତିୱାରୀଙ୍କ ସମେତ ଓଡ଼ିଶାର ୧୦୯ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**idco | ODISHA NEW OPPORTUNITIES**
**OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER,BHUBANESWAR**
**TCN No. BBSR/ELECT/ E-4333/2022-23/1762, Dt.05.08.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**No.CAD-1417: Name of the work** :Supply, installation, testing and commissioning of 250 Kva, 415v, 50hz, Radiator cooled Silent DG sets with LT cables, DG foundation and earthing installation works for back-up power supply to pre-processing centre of Sea Food at Srikona, Balasore.

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | **Bid ID No.BBSR/ ELECT/e-06/22-23** | 17.08.2022 at 12.00 Hrs. | 25.08.2022 at 12.00 Hrs. |

**Further details can be seen from the e-Procurement Portal.www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
**OIPR-14003/11/0099/2223** **Sd./- Divisional Head (Elect), IDCO, Bhubaneswar**

### ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ଝାରସୁଗୁଡ଼ା ଅଫିସ,୯।୮

ଡିଏଭି ପବ୍ଲିକ ସ୍କୁଲରେ ମଙ୍ଗଳବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡିଏଭି ପରିବାର ତରଫରୁ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ଉତ୍ତର ଦାୟାଦଙ୍କ ହୃଦୟରେ ତାଙ୍କ ଆଦର୍ଶ, ଚିନ୍ତାଧାରା ଜାଗ୍ରତ କରାଇ ପାରିଲେ ଗଙ୍ଗାଧର ଜୟନ୍ତୀ ପାଳନ ସାର୍ଥକ ହେବ ବୋଲି କହିଥିଲେ। ଶିକ୍ଷକ ସତ୍ୟନାରାୟଣ ଜେନା ଗଙ୍ଗାଧରଙ୍କ ଜୀବନୀ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ବବିତା ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଗୀତାଞ୍ଜଳି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ନାଥ, ରାହାସ ବିହାରୀ ଦାଶ, ଅକ୍ଷୟ କୁମାର ପାଣି, ସୁମନ୍ତ ବେହେରା, ମଞ୍ଜୁମ ସାହୁ, ସୁନିତା ମଞ୍ଜରୀ ପଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

**EXPRESSION OF INTEREST**

"Expression of Interest" in sealed cover is hereby invited from interested Producer Groups / Artisans / Suppliers for supply of processed Golden Grass for SANKALP Kendrapara Project at Kendrapara.

For details of EoI, ToR etc please visit the websites: www.sidacodisha.org.in, https://kendrapara.nic.in The last date for submission of EoI at SANKALP Kendrapara Project Office, O/o the Assistant Director (Handicrafts), Tinimuhani, Kendrapara is upto 11.00 am on 19th August 2022. The details of EoI is available on the website w.e.f. 6th August 2022.

Sd/-
Assistant Director (Handicrafts)
Kendrapara

**SANKALP Kendrapara Project Office, Office of the Assistant Director (Handicrafts), Tinimuhani, Kendrapara**
No. PP-28 OIPR-31037/11/0002/2223

**WORKS DEPARTMENT**
**OFFICE OF THE SUPERINTENDING ENGINEER BHADRAK (R&B) DIVISION**
No. B-467 e-mail - bhadrakrnbdivision@gmail.com
**Government of Odisha "e" Procurement Notice**
Bid Identification No. SE (R&B) BDK - 4/2022-23
No.-2760/dt. 03.08.2022
1. Nature of work:- **Building Works**
2. Number of works:- **2 (Two) Nos. of Buildings**
3. Amount put to Tender:- **Rs.98,98,902/-, 98,98,902/-**
4. Class of Contractor:- **"B" & "A", "B" & "A"**
5. Date & Time of availability of bid document in the portal:- **Dt. 20.08.2022 AT 10.00 AM**
6. Last Date/Time of receipt of bid in the portal:- **Dt.30.08.2022 up to 05.00 P.M.**
7. Date of opening of bid:- **Dt.02.09.2022 at 11.30 AM**
8. Name & address of the Officer inviting bid:- **Superintending Engineer, Bhadrak (R&B) Division**
9. The bidders have to participate in **ONLINE** bidding only. Further details can be seen from the e-procurement portal "**http//tendersodisha.gov.in**". All future corrigendum will be available on ONLINE mode only.

**Sd./- Superintending Engineer, Bhadrak (R&B) Division**
OIPR-34079/11/0005/2223

**Government of Odisha "e" procurement Notice No-05**
No.b-8: **PH. No. 0674-2540603, E-mail id: senhcnorth_bbsr@rediffmail.com**

**Identification No. 05 /CCE NH, NORTHERN of 2022-23**

| Sl. No. | Name of the Work | Value of Work (Rs.) | Class of Contractor | Period of Completion (in calendar months) | Last date/ time for receipt of bids | Date of Opening of tender | Name and address of the officer inviting tender |
|---|---|---|---|---|---|---|---|
| 01 (3rd Call) | Shifting of 33KV, 11KV,LT lines and S/S from Light House Chhaka to Chandrabhaga to nearby safety place due to Improvement and Widening of 6 Lane road under Electrical Section Konark In 6% deposit work scheme. | 1,47,36,710.00 | Valid HT Licensed Electrical Contractor | 03 (Three) | 24.08.2022 upto 17.30 hours. | 26.08.2022 AT 11.00 A.M. | Chief Construction Engineer, Northern NH Circle Unit-IX (Flat), BBSR-22. |
| 03 | Further details can be seen from the "e" procurement website www.tendersodisha.gov.in with effect from 10.08.2022. | | | | | | |
| 04 | Addendum / Corrigendum / Cancellation of tender if required shall be hosted in the aforesaid website only. | | | | | | |
| 05 | The authority reserves the right to cancel any/all bids without assigning any reason thereof. | | | | | | |

**Sd./- Chief Construction Engineer, Northern NH Circle, BBSR**
OIPR-34010/11/0003/2223

**OFFICE OF THE MUNICIPAL COUNCIL, RAYAGADA**
No.4254 Dtd.8.8.22
**"e" Procurement Notice**
Bid Identification No.RGDA-MUN- 03/2022-23

**No.C-971:**Bid documents consisting of 02 (Two) nos. of Civil Work (Roads and Building) with their Estimated Cost (Work Value) Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e.http:// tendersodisha.gov.in.)
1. Name of the Work : Civil Works (Roads and Building) as mentioned in the website
2. No. of Works : 02 (Two) nos
3. Estimated Costs : (As mentioned in the DTCN)
4. Period of Completion : As mentioned against the work in the NIT /DTCN.
5. Date & Time of availability of Bid documents on the portal : From dated 08.08.2022, 11.30 A.M. Hrs to Dtd. 23.08.2022, 05.30 P.M. Hrs
6. Last date & time for original documents submission on or before : Dated 24.08.2022, 05.30 P.M.
7. Bids received online to be opened on : Dated 25.08.2022, 11.30 A.M.
8. Name and Address of the Officer inviting the Bid : Executive Officer, Rayagada Municipality, Rayagada

Further details can be seen from the Procurement Portal http://tendersorissa.gov.in.
**Sd./- Executive Officer, Rayagada Municipality**
OIPR-13150/11/0025/2223

**OFFICE OF THE NIMAPARA NOTIFIED AREA COUNCIL**
At/P.O./P.S.: Nimapara, Dist.: Puri, Odisha, PIN - 752106
e-Mail: nimapadanac@gmail.com, Web: www.nimaparanac.in
Phone No./Fax: (06758) 250229
**QUOTATION CALL NOTICE**
No. 2094 Date: 06.08.2022

No. C-973: Sealed quotations are invited from Registered/Experienced/ Reputed Consultants/Architects having valid Income Tax and GST Registration Certificate, who are already involved in preparation of Plan, Designs, detailed estimates, rate analysis and supervision of works of projects may apply to the undersigned for engagement of consultant for different Development Projects of Nimapara N.A.C. for the year 2022-23. The bidder should be a qualified architect and registered member of Council of Architecture. In case of Proprietorship firm, the proprietor and in case of partnership, firm, all the partners must have valid registration under Council of Architecture. The consultant should have previous experience and must have completed similar nature of works under any Development Authority of Urban Local Bodies of the Odisha State. Preference shall be given to those consultant who has already rendered similar type of service to various Urban Local Bodies of Odisha State Government. The consultant should also possess Registration Certificate under any Development Authority of ULB of the State. The quotation shall be submitted on or before Dt.24.08.2022 at 2.00 P.M. and it will be opened on same day i.e. 24.08.2022 at 4.00 P.M. in the presence of the bidder or their authorized representative. The undersigned reserves all rights to reject any or all quotations without assigning any reason thereof.

**Sd./- Executive Officer, Nimapara N.A.C.**
OIPR-13112/11/0004/2223

**idco | ODISHA NEW OPPORTUNITIES**
**OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER,BHUBANESWAR**
**TCN No. BBSR/ELECT/ E-4335/2022-23/1772, Dt.05.08.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**No.CAD-1419: Name of the work** :Shifting of 11KV line with 11/0.4KV, 25KVA, substation and construction of 11KV line towards power supply to newly Constructed Pump House inside Food and Textile Park at Dhamnagar, Bhadrak

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | **Bid ID No.BBSR/ ELECT/e-08/22-23** | 19.08.2022 at 12.00 Hrs. | 26.08.2022 at 12.00 Hrs. |

**Further details can be seen from the e-Procurement Portal.www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
**OIPR-14003/11/0103/2223** **Sd./- Divisional Head (Elect), IDCO, Bhubaneswar**

### ବଡ଼ଗାଁ ଯୁକ୍ତ ୨ କଲେଜ: ପାସ୍‌ହାର ୯୨ ପ୍ରତିଶତ

ବଡ଼ଗାଁ, ୯।୮ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଯୁକ୍ତଦୁଇ କଲେଜର ପାସହାର ୯୨ ପ୍ରତିଶତ ହୋଇଛି। କଳା ବିଭାଗରେ ମୋଟ ୨୨୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୨୦୮ଜଣ ପାସ୍ କରିଛନ୍ତି। ପରୀକ୍ଷା ଦେଇଥିବା ୨୨୬ ଜଣଙ୍କ ମଧ୍ୟରୁ ୭୦ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିଲାବେଳେ ୫୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ସୂଚନା ଯୋଗ୍ୟ ଯେ,ବଡ଼ଗାଁ ଯୁକ୍ତ ଦୁଇ କଲେଜରେ ଶିକ୍ଷାଦାନ ଓ ଶୃଙ୍ଖଳା ପ୍ରତି କଲେଜ କର୍ତ୍ତୃପକ୍ଷ ସତର୍କ ଦୃଷ୍ଟି ରଖିଥିବାରୁ କିଛି ବର୍ଷ ହେଲା ଭଲ ରେଜଲ୍ଟ ହୋଇଆସୁଛି।

**OFFICE OF THE NOTIFIED AREA COUNCIL, SURADA, GANJAM**
Main Road, Surada, Ganjam, Odisha, PIN: 761108
Phone : 06819-270129, Fax: 06819-270129
Email: officerexecutive14@yahoo.com
Letter No.1270/NAC Date:08.08.22
**QUOTATION CALL NOTICE**

**No.C-977:**The Executive Officer, NAC Surada , Ganjam invites sealed quotation in prescribed form from the authorised Dealers/Agencies for supply and Fixing of Wall mounted Book Selves, U-Shape conference Table, Study Table etc. at Jagannath Library situated at the office of Surada N.A.C. as per the specification mentioned below.

| INTERIOR WORK OF JAGANNATH LIBRARY, SURADA N.A.C. | | | |
|---|---|---|---|
| Sl. No. | Name & Nature of Work | Unit | Rate |
| 1. | Wall mounted Book selves with 19mm Gurjan Ply and 1 mm thickness Outer Micca with glass framing doors as per user requirement . | 670 Sqft | |
| 2. | U- Shape conference Table with 19mm Gurjan Ply and 1 mm thickness Outer Micca and .8 mm inner & 8 Degree Superior quality Stainless Steel etc. | 200 Sqft | |

**: Critical Dates:**
1. Starting Date for receipt of quotation paper is 08.08.2022 ,10.00 A.M onwards ( During Office Hours Except Govt. Holidays)
2. Last Date for receipt of quotation paper is 16.08.2022 Upto 5.00 P.M.
3. Date of Opening Sealed quotation is 17.08.2022 at 11.00 A.M. by the undersigend presence of Tender Committee.

**Sd./- Executive Officer, NAC, Surada, Ganjam**
OIPR-13132/11/0006/2223

**GOVERNMENT OF ODISHA** No.O-811
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
(E-Mail:- serwbpr2004@yahoo.com, Tel/Fax:- 0680-2404287)
At:- Ambapua, Po:- Engineering School, Near Income Tax Office, Berhampur-760011
**NATIONAL COMPETITIVE BIDDING THROUGH e-Procurment**
**Bid Identification No. Online Tender/31-2022-23/BPR**

| Identification No. | Name of work | No. of Works | Approx. Estimated cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 31-2022-23/ BPR | Road Works | 01 No. | Rs.132.75 Lakhs | "B" Class, "A" Class as applicable | 04 (Four) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/31-2022-23/ BPR | 12.08.2022 at 10.00 A.M. | 26.08.2022 upto 3.00 P.M. |

(i) **No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.**
(ii) **Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.**

**Further details & Corrigendum if any can be seen from the website:- www.tendersodisha.gov.in**

Sd./- P.K. Jena
Chief Construction Engineer, R.W. Circle, Berhampur
OIPR-25071/11/0054/2223

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**
At/Po- Nuabazar, Dist.Cuttack-753004,Phone-0671-2443399, email id- serw_ctc@yahoo.com
NIT No.Tender Online RWC-17/22, Letter No.3305, Date:05.08.22
**E-Procurement NOTICE**

**No.O-813:**The Chief Construction Engineer, R.W.Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Cuttack and Jagatsinghpur for 11 (Eleven) numbers of packages with estimated cost totaling to Rs.59.15 Cr. (Approximately) including their maintenance for five years from the eligible contractors registered with State PWD/ CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement: dtd.12.08.2022.
Availability of Bid documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized certifying authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and (c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with Chief Construction Engineer, R.W.Circle, Cuttack on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Summary for key dates is provided below:**

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RWC-17/22 | 12.08.2022 at 11.00 A.M. | 02.09.2022 to 5.00 P.M. | 30.08.2022 upto 5.00 P.M. | 03.09.2022 at 11.00 A.M. | Will be intimated later on |

Date of Submission of original documents such as Bid Security Declaration, Cost of Bid document and Affidavit: Dt.03.09.2022 at 11.30 A.M. to 06.09.2022 at 05.00 P.M.
Further details can be seen from the website www.pmgsytenders.gov.in.
**Sd./- Chief Construction Engineer, Rural Works Circle, Cuttack**
OIPR-25097/11/0021/2223

# ସ୍ୱାଧୀନତା ସଂଗ୍ରାମକୁ ସଶକ୍ତ କରିଥିଲା ଅଗଷ୍ଟ କ୍ରାନ୍ତି



ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ରାଜ୍ୟ ଅଭିଲେଖାଗାରରେ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ 'ଅଗଷ୍ଟ ବିପ୍ଳବ' ଅତ୍ୟନ୍ତ ପ୍ରଭାବଶାଳୀ ଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନରେ ଦେଶବାସୀ କ୍ରାନ୍ତି ଆନ୍ଦୋଳନକୁ ସଶକ୍ତ କରିଥିଲେ। ଓଡ଼ିଶା ଇତିହାସରେ ଅଗଷ୍ଟ କ୍ରାନ୍ତିର ବିସ୍ତୃତ ଅଧ୍ୟାୟ ସ୍ମରଣୀୟ ହୋଇ ରହିବ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟ ଅଭିଲେଖାଗାରରେ ଆୟୋଜିତ ଅଗଷ୍ଟ କ୍ରାନ୍ତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଜାତୀୟତାବାଦ ଓ ଦେଶପ୍ରୀତି ଅଗଷ୍ଟ କ୍ରାନ୍ତିର ମୂଳମନ୍ତ୍ର ଥିଲା ବୋଲି ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତଛାଡ଼ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୧୫ ମସିହାରେ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ ପରେ ଦେଶର ସ୍ୱାଧୀନତା ସଂଗ୍ରାମକୁ ଗାନ୍ଧିଜୀ ନୂତନ ଦିଗ୍‌ଦର୍ଶନ ଓ ନେତୃତ୍ୱ ଦେଇ ଜନଆନ୍ଦୋଳନରେ ପରିଣତ କରିଥିଲେ। ଅଗଷ୍ଟ କ୍ରାନ୍ତିର ଗୁରୁତ୍ୱ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ 'ଅଗଷ୍ଟ ବିପ୍ଳବର ପ୍ରତିଧ୍ୱନି' ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ୧୯୪୨ ଅଗଷ୍ଟ ୯ରେ ଗାନ୍ଧିଜୀଙ୍କ ସମେତ ଏକାଧିକ ତୁଙ୍ଗ ନେତା ଗିରଫ ହୋଇଥିଲେ ମଧ ଭାରତବାସୀ ଗାନ୍ଧିଜୀଙ୍କ 'କର ବା ମର' ଆହ୍ୱାନରେ ଆନ୍ଦୋଳନରେ ଝାସ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଦମନଲୀଳା କ୍ରମେ ଆନ୍ଦୋଳନ ଅନେକ ସ୍ଥାନରେ ହିଂସାତ୍ମକ ରୂପ ଧାରଣ କରିଥିଲା। ଭଦ୍ରକ, ବାଲେଶ୍ୱର, ପୁରୀ, ମାଲକାନଗିରି ଏବଂ କୋରାପୁଟ ଜିଲାକୁ ମଧ ଏହି ଆନ୍ଦୋଳନ ବ୍ୟାପୀ ଯାଇଥିଲା ଏବଂ ସଂଗ୍ରାମୀମାନେ ପୋଲିସ ଗୁଳିର ଶିକାର ହୋଇଥିଲେ ବୋଲି ସେ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସ୍ୱାଧୀନତା ପ୍ରାପ୍ତି ପରେ ମଧ ସ୍ୱାଧୀନତାର ମୂଲ୍ୟବୋଧକୁ ବଞ୍ଚାଇ ରଖିବା ପାଇଁ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ପ୍ରତି ଘରେ ତ୍ରିରଙ୍ଗା ଓ ଆଜାଦି କା ଅମୃତ ମହୋତ୍ସବ ପାଳନ ପ୍ରସଙ୍ଗରେ ଉଲ୍ଲେଖ କରି ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ଏବଂ ମହାପୁରୁଷମାନଙ୍କୁ ସ୍ମରଣ କରିବା ଅଗଷ୍ଟ କ୍ରାନ୍ତି ଦିବସର ଉଦ୍ଦେଶ୍ୟ ବୋଲି କହିଥିଲେ। ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ପ୍ରାରମ୍ଭିକ ସୂଚନା ଓ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ସୁବୋଧ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ପୁରୀ ସମୁଦ୍ରରେ ଭାସିଗଲେ ୩ ପର୍ଯ୍ୟଟକ

## ଛତିଶଗଡ଼ର ଯୁବତୀ ମୃତ, ୨ ଉଦ୍ଧାର

ପୁରୀ ଅଫିସ,୯।୮

ଲଘୁଚାପ ଯୋଗୁ ପୁରୀ ସମୁଦ୍ର ଅଶାନ୍ତ ଥିବାବେଳେ ମଙ୍ଗଳବାର ସମୁଦ୍ରରେ ଗାଧୋଇବାକୁ ଯାଇ ୩ ପର୍ଯ୍ୟଟକ ଭାସିଯାଇଛନ୍ତି। ଜୁଆର ଅଧିକ ଥିବାରୁ ୩ଜଣ ଭିତରକୁ ଚାଲିଯିବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ମୃତା ହେଲେ ଛତିଶଗଡ଼ ରାୟପୁର ଜିଲା ଧରମଜୟଗ ଗ୍ରାମର ମିନାକ୍ଷୀ ନାୟକ(୨୩)। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ-୨୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଯୁବତୀଙ୍କ ମୃତଦେହକୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଶବଗୃହରେ ରଖାଯାଇଛି।

ସୂଚନା ଅନୁଯାୟୀ, ଛତିଶଗଡ଼ ଧରମଜୟଗ ଅଞ୍ଚଳରୁ ୩ଜଣ ପୁଅ ଏବଂ ୩ଜଣ ଝିଅ ଏକାଠି ହୋଇ ସୋମବାର ପୁରୀ ଆସିଥିଲେ। ରାତିରେ ସମୁଦ୍ରକୂଳସ୍ଥିତ ହୋଟେଲ ସିଟି ପ୍ଲାଜାରେ ରହିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ଦିଗବାରେଣି ଖୁଣ୍ଟି ପାର୍କ ସମ୍ମୁଖ ସେକ୍ଟର-୧ ସମୁଦ୍ରରେ ସମସ୍ତେ ମିଶି ଗାଧୋଉଥିଲେ। ୧୧ଟା ବେଳେ ହଠାତ୍ ମିନାକ୍ଷୀଙ୍କ ସମେତ ୨ଜଣ ପୁଅ ଜୁଆର ମାଡ଼ରେ ସମୁଦ୍ରରେ ଭାସିଯାଇଥିଲେ। ଏହାଦେଖି ସେଠାରେ ମୁତୟନ ଲାଇଫଗାର୍ଡମାନେ ଯାଇ ଦୁଇଜଣଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ହେଲେ ମିନାକ୍ଷୀଙ୍କୁ ଖୋଜିଥିଲେ ମଧ ପାଇ ନ ଥିଲେ। କିନ୍ତୁ ୧୧ଟା ୨୦ରେ ମିନାକ୍ଷୀ ଭାସି ଯାଇ ବ୍ଲୁ-ଫ୍ଲାଗ ବିଚ୍‌ରେ ଲାଗିଥିଲେ। ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସମୁଦ୍ରକୂଳ ଥାନା ପୋଲିସ ମିନାକ୍ଷୀଙ୍କ ପୁରୁଷବନ୍ଧୁ ଓ ତାଙ୍କ ସହ ଆସିଥିବା ଅନ୍ୟ ୨ଜଣ ଯୁବତୀ ଓ ୨ଜଣ ଯୁବକଙ୍କୁ ଥାନାକୁ ଆଣି ବୟାନ ରେକର୍ଡ କରାଯାଇ ଛାଡ଼ି ଦିଆଯାଇଛି। ଅନ୍ୟପଟେ ମିନାକ୍ଷୀଙ୍କ ପରିବାରଲୋକ ଆସିବା ପରେ ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ। ଏହାପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସମୁଦ୍ରକୂଳ ଥାନାଧିକାରୀ ଚିନ୍ମୟ ରାଉତ କହିଛନ୍ତି। ଏ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି, ବ୍ଲୁ-ଫ୍ଲାଗ ବିଚ୍, ନୀଳାଦ୍ରି ବିଚ୍, ସେକ୍ଟର-୧ ଓ ୬, ଚନ୍ଦ୍ରଭାଗା ସମୁଦ୍ରରେ ଲାଇଫ୍ ଗାର୍ଡ ମୁତୟନ କରାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ଭିତରକୁ ନ ଯିବାକୁ ମାଇକ୍ ଯୋଗେ ପ୍ରଚାର କରାଯାଉଛି । ଏହାସତ୍ତ୍ୱେ ବି ଜଣଙ୍କର ଆଜି ଜୀବନ ଚାଲିଗଲା। ଉଲ୍ଲେଖଯୋଗ୍ୟ, ପୁରୀ ସମୁଦ୍ରରେ ଗତ ୧୦ବର୍ଷରେ ଉପରୋକ୍ତ ମୃତ୍ୟୁ ସଂଖ୍ୟାକୁ ମିଶାଇ ୩୭ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଛି । ସେହିପରି ୨୯୮୩ଜଣଙ୍କୁ ଉଭୟ ଅଗ୍ନିଶମ ଟିମ ଓ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି।

# କୋଭିଡ ପାଇଁ ପରେଡ୍ ବନ୍ଦ

**ସ୍ୱାଧୀନତା ଦିବସ ସମାରୋହ**

■ ସ୍କୁଲ ଆସିବେନି ଛାତ୍ରୀଛାତ୍ର

ଭୁବନେଶ୍ୱର,୯।୮ (ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ପରେଡ ହେବ ନାହିଁ । ରାଜ୍ୟରେ କୋଭିଡ ସଂକ୍ରମଣ ଜାରି ରହିଥିବାରୁ ମଙ୍ଗଳବାର ଅନୁଷ୍ଠିତ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। କୋଭିଡ ସଂକ୍ରମଣ ଜାରି ରହିଥିବାରୁ ରାଜ୍ୟ ସରକାର କୌଣସି ପ୍ରକାର ଜଳଗହଳି କରିବାକୁ ଚାହୁଁ ନାହାନ୍ତି। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ବିନା ପରେଡରେ ଜାତୀୟ ପତାକା ଉତ୍ତୋଳନ ହେବ। ପରେଡ ନ ହେଲ ମଧ ଗାର୍ଡ ଅଫ ଅନର କାର୍ଯ୍ୟକ୍ରମ ହେବ । ସ୍ୱାଧୀନତା ଦିବସରେ ପୋଲିସ ବ୍ୟାଣ୍ଡ ସହ ଓଏସଏପି, ଓଡ୍ରାଫ, ବିଏସଏଫ, ଏସଏସ ବାଟାଲିୟନ ମଧ ଗାର୍ଡ ଅଫ ଅନର କାର୍ଯ୍ୟକ୍ରମରେ ଯୋଗ ଦେବେ। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ବାଟାଲିୟନ ସଦସ୍ୟମାନଙ୍କର କୋଭିଡ ଟେଷ୍ଟ କରାଯିବା ସହ ସାମାଜିକ ଦୂରତ୍ୱ ବଜାୟ ରଖାଯିବ। ଯେଉଁ ଅଧିକାରୀମାନେ ପତାକା ଉତ୍ତୋଳନ ବେଳେ ଉପସ୍ଥିତ ରହିବେ ସେମାନଙ୍କର ମଧ କୋଭିଡ ଟେଷ୍ଟ ହେବ। ଅଫିସରମାନଙ୍କୁ ମାସ୍କ ଓ ହ୍ୟାଣ୍ଡଗ୍ଲୋବ ମଧ ପରିଧାନ କରିବାକୁ ପଡିବ।

କୋଭିଡ ଯୋଗୁ ଗତ ଦୁଇବର୍ଷ ହେବ ବିନା ପରେଡରେ ପତାକା ଉତ୍ତୋଳନ କରାଯାଇ ଆସୁଛି। ଯଦିଓ ପୂର୍ବବର୍ଷ ଅପେକ୍ଷା ସଂକ୍ରମଣ ହ୍ରାସ ପାଇଛି ତଥାପି ଏହାର ଭୟାବହତା ଏବେ ସୁଦ୍ଧା ଦୂର ହୋଇ ନାହିଁ। ଚଳିତ ବର୍ଷ ମଧ ଛାତ୍ରୀଛାତ୍ରମାନେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍ ଲାଇନ୍ ଜାରି ହୋଇଛି।

# ରମାୟାଙ୍କ ମରଶରୀର ପଠାଇବାକୁ ସାହାଯ୍ୟର ହାତ ବଢାଇ 'ଓଡିଶା ମୋ ପରିବାର'

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ୨୭ ବର୍ଷିୟ ବାସିନ୍ଦା ବୁଙ୍ଗା ରମାୟା କେରଳରେ ଜଣେ ମତ୍ସ୍ୟଜିବୀ ଭାବେ କାମ କରୁଥିଲେ। ସେ ମାଛ ଧରିବାରୁ ଯାଇଥିବା ବେଳେ ତାଙ୍କ ବୋଟ୍ ବୁଡିଯାଇଥିଲା। ବୋଟ୍ ବୁଡ଼ିବାରୁ ଘଟଣାସ୍ଥଳରେ ରମାୟାଙ୍କ ମୃତ୍ୟୁ ଘଟିଥିଲା। ପରିବାର ସଦସ୍ୟ କୌଣସି ପ୍ରକାରେ ଚେଷ୍ଟା କରି ତାଙ୍କ ମୃତଦେହ କେରଳରୁ ବିମାନ ଯୋଗେ ଭୁବନେଶ୍ୱର ଆଣିଥିଲେ। ସେମାନେ ଆର୍ଥିକ ଚାପରେ ଥିବାରୁ ରମାୟାଙ୍କ ମରଶରୀର ତାଙ୍କ ଗାଁକୁ ନେବା ଲାଗି ଓଡ଼ିଶା ମୋ ପରିବାରକୁ ଅନୁରୋଧ କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀର ଗାଁକୁ ପଠାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ଗୋପବନ୍ଧୁ ଦାଶ, ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ଏବଂ ଓଡିଶା ମୋ ପରିବାର ଟିମ୍ ଭୁବନେଶ୍ୱର ବିମାନବନ୍ଦରରେ ଶୋକସନ୍ତପ୍ତ ପରିବାରକୁ ଆଶ୍ୱସନା ଦେଇଛନ୍ତି।

# ୧୧କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଜଟଣୀ,୯।୮ (ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନରେ ଆର୍‌ପିଏଫ ଓ ଜିଆରପି ମିଳିତଭାବେ ଚଢ଼ାଉ କରି ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ ଗରିଛି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଏନ୍.ଗଣେଶ ରେଡ୍ଡି(୧୯)। ତାଙ୍କ ନିକଟରୁ ୧୧ କେଜି ୨ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ଜିଆରପି ଥାନାରେ ଏକ ମାମଲା (ନଂ.୯୯/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଗତ ସୋମବାର ପୁରୀ-ସୁରଟ ଏକ୍ସପ୍ରେସ ଟ୍ରେନରେ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ସୂଚନା ମିଳିଥିଲା। ଆରପିଏଫ ଏବଂ ଜିଆରପି ମିଳିତଭାବେ ଷ୍ଟେଶନରେ ଯାଞ୍ଚ କରି ରେଡ୍ଡିଙ୍କୁ ଧରିଥିଲେ।

# ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ


ଭୁବନେଶ୍ୱର ଜନତା ମଇଦାନ ମହାତ୍ମା ଗାନ୍ଧୀ ପାର୍କରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ କରାଯାଉଛି।

## ଦସ୍ତଖତ କରିବେ ରାଜ୍ୟର ୫ଲକ୍ଷ ଘରୋଇ ସ୍କୁଲ ଅଭିଭାବକ

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ମଙ୍ଗଳବାର ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିରେ ରାଜ୍ୟର ପ୍ରାୟ ପାଞ୍ଚ ଲକ୍ଷ ଅଭିଭାବକ ସାମିଲ ହେବେ। ତିନୋଟି ପ୍ରମୁଖ ଦାବି ସମ୍ବଳିତ ଦସ୍ତାବିଜକୁ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଛି। ସ୍କୁଲରେ ଯୋଗାଇ ଦିଆଯାଉଥିବା ସୁବିଧା ଅନୁସାରେ ଫି' ନିର୍ଦ୍ଧାରଣ, ସ୍କୁଲ ବ୍ୟାଗ ଓଜନ ୧.୫ କେଜିରୁ ୫କେଜି ପର୍ଯ୍ୟନ୍ତ ଥିବା ନିୟମ ପାଳନ, ସବୁ ସ୍କୁଲରେ ଏନ୍‌ସିଇଆର୍‌ଟି ବହିରେ ପାଠପଢ଼ା ଏବଂ ସର୍ବସାଧାରଣଙ୍କ ଟଙ୍କା କାରବାର କରୁଥିବାରୁ ସ୍କୁଲଗୁଡ଼ିକୁ ଏକ ସ୍ୱତନ୍ତ୍ର ସରକାରୀ ଅଡିଟ କରାଯିବାକୁ ମହାସଂଘ ପକ୍ଷରୁ ଦାବି ରଖାଯାଇଛି।

ଭୁବନେଶ୍ୱର ଜନତା ମଇଦାନ ମହାତ୍ମା ଗାନ୍ଧୀ ପାର୍କରେ ମହାସଂଘର କର୍ମକର୍ତ୍ତାଙ୍କୁ ନେଇ ମହାତ୍ମା ଗାନ୍ଧୀଙ୍କୁ ମାଲ୍ୟାର୍ପଣ କରି ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଏବଂ ରାଜ୍ୟ କର୍ମକର୍ତ୍ତା ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ କରିଥିଲେ। ପ୍ରଥମେ ସାଧାରଣ ସମ୍ପାଦକ ଅଶୋକ ପାଇକରାୟ ଏବଂ ପରେ ମହାସଂଘର ଦେଢ଼ଶହ କର୍ମକର୍ତ୍ତା ଦସ୍ତଖତ କରିଥିଲେ। ମହାସଂଘର କର୍ମକର୍ତ୍ତା କହିଛନ୍ତି, ଗଣଶିକ୍ଷା ବିଭାଗର ୧୯୯୬ ସେପ୍ଟେମ୍ବର ୨୩ର ରିଜୋଲ୍ୟୁଶନ ଓ ହାଇକୋର୍ଟଙ୍କ ରାୟ ଅନୁସାରେ ସର୍ବଦା ସ୍କୁଲ ଦେଉଥିବା ସୁବିଧା ସୁଯୋଗ ଅନୁଯାୟୀ ଫି' ନିର୍ଦ୍ଧାରଣ ହେବା କଥା। ଗଣଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ହେଡ୍ ଅନୁଯାୟୀ ସ୍କୁଲଗୁଡ଼ିକ ଫି' ଆଦାୟ କରିବେ। କିନ୍ତୁ ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନ ଏହାକୁ ପାଳନ କରୁନାହାନ୍ତି। ସେହିଭଳି ୨୦୧୫ରେ ହାଇକୋର୍ଟଙ୍କ ଏକ ପିଆଇଏଲ୍‌ର ନିର୍ଦ୍ଦେଶ ମୁତାବକ ଶ୍ରେଣୀ ଅନୁଯାୟୀ ନିର୍ଦ୍ଧାରିତ ଓଜନର ସ୍କୁଲ ବ୍ୟାଗ ବ୍ୟବହାର ତଥା ୨୦୦୫ର ନ୍ୟାଶନାଲ କରିକୁଲମ ଫ୍ରେମୱାର୍କ ଦ୍ୱାରା ଧାର୍ଯ୍ୟ ଏବଂ ଗଣଶିକ୍ଷା ବିଭାଗର ୨୦୧୯ ଅଗଷ୍ଟ ୧ର ସ୍ପଷ୍ଟ ନିର୍ଦ୍ଦେଶରେ ଏନ୍‌ସିଇଆର୍‌ଟି ଓ ଏସ୍‌ସିଇଆର୍‌ଟି ସିଲାବସ୍ ବହିରେ ପାଠ ପଢ଼ାଇବା ବାଧ୍ୟତାମୂଳକ। କିନ୍ତୁ ଏହି ନିୟମକୁ ଘରୋଇ ବିଦ୍ୟାଳୟଗୁଡ଼ିକ ପାଳନ କରୁ ନ ଥିବା ମହାସଂଘ ଅଭିଯୋଗ କରିଛି। ତେଣୁ ଏହି ଗୁରୁତର ପ୍ରସଙ୍ଗକୁ ନେଇ ଶିକ୍ଷା କ୍ରାନ୍ତି ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟର ସବୁ ସ୍କୁଲର ଅଭିଭାବକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ସମସ୍ତ ରାଜ୍ୟ କମିଟି ଓ ଜିଲା କମିଟିର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ସ୍ମାରକପତ୍ର ଦେବେ ବୋଲି ସହ-ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି। ଶିକ୍ଷାକୁ ଦଲାଲ ମୁକ୍ତ କରିବା ଓ ଅଭିଭାବକଙ୍କୁ ଆର୍ଥିକ ମାନସିକ ବୋଝରୁ ମୁକ୍ତି ଦେବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ


ହରଭଙ୍ଗି ନଦୀରେ ଆସିଥିବା ବନ୍ୟା ।

## ଲଗାଣ ବର୍ଷାରେ ଭାସିଗଲା ପୋଲ

■ ଡାକ୍ତରଖାନା ଯାଇ ନ ପାରି ରୋଗୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୯।୮ (ଡି.ଏନ୍.ଏ)

ଗଜପତି ଜିଲାରେ ଗତ ଦୁଇଦିନ ଧରି ଲାଗିରହିଛି ଲଘୁଚାପ ବର୍ଷା। ଜନ ଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ମଧ ବୃଦ୍ଧିପାଇ କୂଳ ଲଘୁଛି। ମୋହନା ନିକଟରେ ପ୍ରବାହିତ ହେଉଥିବା ହରଭଙ୍ଗି ନଦୀର ପ୍ରଖର ସ୍ରୋତରେ ଭାସିଯାଇଛି ଅସ୍ଥାୟୀ ପୋଲ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଜଣେ ରୋଗୀଙ୍କୁ ଡାକ୍ତରଖାନା ନେଇ ନ ପାରିବାରୁ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ମୋହନା ବ୍ଲକରେ ପ୍ରବାହିତ ହେଉଛି ହରଭଙ୍ଗି ନଦୀ। ମୋହନାକୁ ଯିବାକୁ ହେଲେ ଏହି ନଦୀ ପାର ହେବାକୁ ପଡ଼େ ବାଢ଼େଇପୁର, ଗୁଣ୍ଡିରିଗୁଡ଼ା, ଧନପଙ୍କ ଓ ନୂଆସାହିବାସୀଙ୍କୁ। ଲୋକଙ୍କ ଯିବାଆସିବା ପାଇଁ ହରଭଙ୍ଗିରେ ନିର୍ମାଣ ହୋଇଥିଲା ଏକ ଅସ୍ଥାୟୀ ପୋଲ। ଆଖପାଖ ଲୋକଙ୍କ ଜୀବନଜୀବିକା ପାଇଁ ଗମନାଗମନର ମାଧମ ପାଲଟିଥାଏ ଏହି ପୋଲ। ହେଲେ ଗତ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ନଦୀରେ ପ୍ରଖର ସ୍ରୋତ ଆସିବାରୁ ସୋମବାର ରାତିରେ ପୋଲଟି ଭାସିଯାଇଛି। ବନ୍ଧ ବାଡ଼ ଡେଇଁ ମାଡ଼ିଚାଲିଛି ଜଳରାଶି। ଫଳରେ ଉପରୋକ୍ତ ୪ଟି ଗାଁକୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଖାଲି ସେତିକି ନୁହେଁ, ଛାତ୍ରୀଛାତ୍ରମାନଙ୍କ ସ୍କୁଲ କଲେଜ୍ ଯିବାରେ ବାଧା ସୃଷ୍ଟି ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ଯୋଗୁଁ ଗୁଣ୍ଡିରିଗୁଡ଼ାର ଇସ୍ରାଇଲ ମଣ୍ଡଳ ନାମକ ଜଣେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନିଆଯାଇ ନ ପାରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ ଗ୍ରାମ ପଞ୍ଚାୟତ ଅଧିକାରୀ (ଜିପିଓ) ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ଗୋପୀନାଥ ଦାସ
ପରକରଣସାହି, ଓଲଡ୍ ଟାଉନ୍, ଭୁବନେଶ୍ୱର
ଧରାବତରଣ: ୨୬।୧୨।୧୯୩୩
ସ୍ୱର୍ଗାରୋହଣ: ୩୧।୦୭।୨୦୨୨
ଅଚାନକ ଭାବେ ତମେ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲ। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁ
ଧ-୧୧୮୪

ଶ୍ରଦ୍ଧାଞ୍ଜଳି
ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ

✓ ଦେବେନ୍ଦ୍ରନାଥ ଦାସ
(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ,
ହାଉସିଂବୋର୍ଡ କଲୋନୀ,ଭୁବନେଶ୍ୱର
ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ୨୭.୦୮.୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୧୨୨୮

ତ୍ରୟୋବିଂଶତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ଆବିର୍ଭାବ: ୧୪।୦୨।୧୯୧୨
ତିରୋଧାନ: ୨୪।୦୮।୧୯୯୯
ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁପରିଜନ ଓ ଛାତ୍ରଛାତ୍ରୀବୃନ୍ଦ।
ଧ-୧୨୨୫

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ

✓ ଇଂ. ପିତାମ୍ବର ଧଳ
୫୮୫/୧, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ - ୨୪.୦୩.୧୯୩୫
ତିରୋଧାନ - ୦୧.୦୮.୨୦୨୦
ବହୁତ ମନେ ପଡୁଛନ୍ତି ଆପଣ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ଉପରେ ପୂର୍ବପରି ରହିଥାଉ । ଆଜି ଏହି ପବିତ୍ର ଦିନରେ ଆପଣଙ୍କର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହାହିଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ବିକ୍ରମ ଧଳ ଓ ପରିବାରବର୍ଗ
୭୧୬୫୧

# ଗହ୍ମାପୂର୍ଣ୍ଣିମା ଓ ଗୋପୂଜନ



ଡା. ବୀରକିଶୋର ପରିଡ଼ା

ଗହ୍ମାପୂର୍ଣ୍ଣିମା ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଏକ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ। ଚଳିତ ବର୍ଷ ତା୧୧।୦୮।୨୨ ରିଖରେ ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଅଛି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା, ରକ୍ଷାବନ୍ଧନ ଓ ପ୍ରଭୁ ଶ୍ରୀ ବଳଭଦ୍ର ଦେବଙ୍କ ଜନ୍ମୋତ୍ସବ। ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ। ଗହ୍ମାର ଅର୍ଥ ହେଉଛି ଗୋମାତା ଏବଂ ଗୋମାତାଙ୍କୁ ଏହିଦିନ ପୂଜା କରାଯାଉଥିବାରୁ ଏହା ଗହ୍ମାପୂର୍ଣ୍ଣିମା ବୋଲି କୁହାଯାଏ। ଗହ୍ମାର ଅନ୍ୟ ଅର୍ଥ ହେଲା – ଗଭୀର ମୁହାଁ ଲଙ୍ଗଳ ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ। ତେଣୁ କୃଷିର ଆଦ୍ୟ ଦେବତା ହେଉଛନ୍ତି ବଳରାମ। ଗହ୍ମାପର୍ବ ଶ୍ରାବଣ ମାସର ପୂର୍ଣ୍ଣିମାଦିନ ଅତି ଆନନ୍ଦ ଉଲ୍ଲାସରେ ଗହ୍ମାପୂନେଇ ପର୍ବ ଭାବେ ସର୍ବତ୍ର ପାଳିତ ହୋଇଥାଏ। କୃଷକ ପରିବାର ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ମହାନ୍ କୃଷିଭିତ୍ତିକ ପର୍ବ। ଏହି ପବିତ୍ର ଦିନ ଗୋମାତା ବିଶେଷକରି ବଳଦମାନଙ୍କୁ ରଙ୍ଗିନ ବେଶରେ ସୁସଜ୍ଜିତ କରାଯାଇ 'ଗୋଲକ୍ଷ୍ମୀ' ଭାବେ ପୂଜା କରାଯିବାର ବିଧି ରହି ଆସିଛି। ସକଳ କୃଷିକାର୍ଯ୍ୟ ସମାପ୍ତ ପରେ ଏହିଦିନଠାରୁ ଗୋମାତା ତଥା ବଳଦକୁ ବିଶ୍ରାମ ଦିଆଯାଇଥାଏ।

ଗହ୍ମାପୂର୍ଣ୍ଣିମାରେ ମଧ୍ୟ ଗୋ–ପୂର୍ଣ୍ଣିମା, ବଳଦ ପୂଜା ବା ବଳଦେବଙ୍କ ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ଏହି ପର୍ବ ଅଗଷ୍ଟ ମାସରେ ପଡୁଥିବା ଶ୍ରାବଣ ପୂର୍ଣ୍ଣିମା ଦିନ ଗ୍ରାମାଞ୍ଚଳରେ ଧୁମଧାମରେ ପାଳନ କରାଯାଏ। ହିନ୍ଦୁ ପରମ୍ପରା ଅନୁସାରେ ମାନବ ଜାତିର ହିତରେ ସଦାସର୍ବଦା ଉପକାରରେ ଆସୁଥିବା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ପୂଜା କରାଯାଏ। ଗୋମାତା ହେଉଛି ଆମର ମା'। ତେଣୁ ଗହ୍ମାପୂର୍ଣ୍ଣିମା କୃଷକ ଓ କୃଷି ବିଶେଷଜ୍ଞମାନଙ୍କ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଗୋମାତାଙ୍କୁ ପୂଜା କରାଯାଏ। ଏହି ପର୍ବର ଅନ୍ୟ ନାମ ହେଉଛି ବଳଦେବ ପୂଜା ବା ବଳଦେବ ଜୟନ୍ତୀ।

ଏହି ପବିତ୍ରଦିନ ଗୋରୁ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ। କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମଇ, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଦି ଆଙ୍କିଥାନ୍ତି। କୃଷକମାନେ ସକାଳୁ ବଳଦକୁ ଗାଧୋଇଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅବିର ଆଦି ଲଗାଇ ସୁସଜ୍ଜିତ କରିଥାନ୍ତି। ଗୋରୁଙ୍କ ଶିଙ୍ଗରେ ତେଲ ମରାଯାଏ। ଏଥିସହିତ ଗୋମାତା ବା ବଳଦମାନଙ୍କୁ ରାଖୀ ପିନ୍ଧା ଯାଇଥାଏ। ଗୃହକର୍ତ୍ତା ଗୋରୁ ଗୁହାଳରେ ଗୋପୂଜନ କରିଥାନ୍ତି।





ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ। ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା – ପିଠାପଣା, ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ଶ୍ରୀମନ୍ଦିରରେ ଗହ୍ମାପର୍ବ ପାଳନର ପରମ୍ପରା ବିଧି ରହିଆସିଛି। ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି।

**ଗହ୍ମାଡିଆଁ ପର୍ବ :** ପ୍ରଭୁ ବଳଦେବଙ୍କ ଜନ୍ମଦିବସ ଲୋକପ୍ରିୟର ଗହ୍ମାଡିଆଁ ଖେଳ ମାଧ୍ୟମରେ ପାଳିତ ହେବାର ଦୃଶ୍ୟ କେତେକ ଅଞ୍ଚଳରେ ଦେଖିବାକୁ ମିଳେ। ଗହ୍ମାଡିଆଁର ଅର୍ଥ ହେଉଛି ଗହ୍ମା ଡେଇଁବା ବା ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଡେଇଁବା। ଏହି ପର୍ବ ପାଳନ ପୂର୍ବରୁ ଇଟା, ମାଟି ଓ ଘାସରେ ଏକ ପ୍ଲାଟ୍‌ଫର୍ମ ତିଆରି କରାଯାଏ। ଏହାର ମଧ୍ୟଭାଗରେ ପଥରଖଣ୍ଡ ପକାଇ ମଜଭୁତ କରାଯାଏ। ଏହା ଏକ ସ୍ୱର୍ ପରି ଉପର ଆଡୁ ତଳ ଆଡ଼କୁ ହୋଇଥାଏ। ଏହାର ଦୁଇପାର୍ଶ୍ୱରେ ଦୁଇଟି ପୋଲ୍ ପୋତାଯାଏ ଏବଂ ଏହାର ଦୁଇପଟ ପୋଲ ବା ଖୁଣ୍ଟକୁ ବାଉଁଶ ବାଡ଼ି ବା ଦଉଡ଼ି ଦ୍ୱାରା ବାନ୍ଧି ଦିଆଯାଏ। ଏଥିରେ ବିଭିନ୍ନ ଫଳ ଯଥା ଲେମ୍ବୁ, କଦଳୀ, ନଡ଼ିଆ ଆଦି ବାନ୍ଧି ଦିଆଯାଏ। ଜଣେ ପରେ ଜଣେ ଏହି ପ୍ଲାଟ୍‌ଫର୍ମ ବା ଗହ୍ମାର ତଳ ଆଡୁ ଉପର ଆଡ଼କୁ ଦୌଡ଼ିଆସି ବନ୍ଧାଯାଇଥିବା ଫଳକୁ ଡେଇଁକରି ଆଣନ୍ତି। ଏଥିରେ ଯିଏ ଉତ୍ତୀର୍ଣ୍ଣ ହୁଏ ସେ ପୁରସ୍କୃତ ହୁଅନ୍ତି। ସାଧାରଣତଃ ଏହି ପର୍ବ କଟକ, ନୟାଗଡ଼, ଗଜପତି ଜିଲା ଓ ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳେ।

**ଝୁଲଣ ପର୍ବ :** ଆମ ରାଜ୍ୟର ଜଗନ୍ନାଥ ସଂସ୍କୃତି ଅନୁଯାୟୀ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧା ଶ୍ରାବଣ ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ, ବର୍ଷାଋତୁରେ ଧରିତ୍ରୀ ଶସ୍ୟଶ୍ୟାମଳା ଦୃଶ୍ୟକୁ ଉପଭୋଗ କରି ଧରିତ୍ରୀବାସୀଙ୍କୁ ଆଶୀର୍ବାଦ କରିଥାନ୍ତି। ଏହା ଶ୍ରାବଣ ପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମା ଦିନ ସୁସଜ୍ଜିତ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇ ପୂଜାର୍ଚ୍ଚନା କରାଯାଉଥିବାରୁ ଏହାକୁ ଝୁଲଣଯାତ୍ରା ବା ଝୁଲଣପର୍ବ ବୋଲି କୁହାଯାଏ।

**ଜନଇଁ ପୂର୍ଣ୍ଣିମା :** ରାଖୀ ପୂର୍ଣ୍ଣିମାକୁ ଜନଇଁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ବ୍ରାହ୍ମଣ, କ୍ଷତ୍ରିୟ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ପରିଧାନ କରିଥିବା ପଇତାକୁ ବର୍ଷକୁ ଥରେ ବଦଳାଇଥାନ୍ତି। ସାଧାରଣତଃ ହିନ୍ଦୁ ଓ ଜୈନମାନଙ୍କ ଦ୍ୱାରା ଏହି ପର୍ବ ପାଳିତ ହୋଇଥାଏ।

**ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ :** ରକ୍ଷାବନ୍ଧନର ଅର୍ଥ ହେଉଛି ସୁରକ୍ଷାର ବନ୍ଧନ। ଆଜକୁ ୬୦୦୦ ବର୍ଷ ପୂର୍ବେ ଆର୍ଯ୍ୟ ସଭ୍ୟତା ସମୟରୁ ହିନ୍ଦୁ ପର୍ବ ରକ୍ଷାବନ୍ଧନ ପାରମ୍ପରିକ ରୀତିରେ ଆମ ଦେଶରେ ପାଳିତ ହୋଇ ଆସୁଅଛି। ପୌରାଣିକ ଦୃଷ୍ଟିରୁ ଆକଳନ କଲେ ଜଣାଯାଏ ଧରାପୃଷ୍ଠରେ ଧର୍ମରକ୍ଷା ସହିତ ଉତ୍ତମ ମାନବର ସୁରକ୍ଷା ନିମନ୍ତେ ସ୍ୱୟଂ ଶ୍ରୀକୃଷ୍ଣ କ୍ରୋଧାନ୍ୱିତ ହୋଇ ରାଜା ଶିଶୁପାଳଙ୍କୁ ସୁଦର୍ଶନ ଚକ୍ର ପେଷି ବିନାଶ କରିଥିଲେ। ଚକ୍ର ଫେରିଆସିବା ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗୁଳିରେ ଲାଗିଯିବାରୁ ଅଙ୍ଗୁଳି କଟି ରକ୍ତସ୍ରାବ ହେବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିକୁ ଚିରି ସେହି କପଡ଼ାରେ ବାନ୍ଧିଦେଇ ପ୍ରଭୁଙ୍କଠାରେ ଭ୍ରାତୃତ୍ୱର ଭାବ ସୃଷ୍ଟି କରିପାରିଥିଲେ। କୌରବ ସଭାରେ ପଶାଖେଳରେ ପାଣ୍ଡବ ହାରିଯିବା ପରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସୁଦୀର୍ଘ ବସ୍ତ୍ର ପ୍ରଦାନ କରି ଭଉଣୀର ସୁରକ୍ଷା ପୂର୍ବକ ମାନ୍ୟତା ପ୍ରଦାନ କରିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ସେହିଭଳି ଅସୁର କୁଳର ରାଜା ବଳିଙ୍କ ଆସକ୍ତିରୁ ମୁକ୍ତି ପାଇବା ପାଇଁ ମହାଲକ୍ଷ୍ମୀ ବଳିରାଜାଙ୍କ ହସ୍ତରେ ରାଖୀ ପିନ୍ଧାଇ ସ୍ୱୟଂ ବିଷ୍ଣୁଙ୍କୁ ବୈକୁଣ୍ଠପୁରକୁ ଫେରାଇ ଆଣିଥିଲେ।

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ପ୍ରାଣୀଙ୍କୁ ସଂକ୍ରାମକ ରୋଗ ହେଲେ...



ବର୍ଷାଦିନେ ଗାଈଗୋରୁଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ । ସାହାଣା ରୋଗ ପ୍ରାପ୍ତବୟସ୍କ ଗାଈଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ। ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩–୫ ଦିନ ପର୍ଯ୍ୟନ୍ତ ଦିଆଗଲେ ଏଥିରୁ ପ୍ରାଣୀଙ୍କୁ ଉପଶମ ମିଳିଥାଏ। ଏମାନଙ୍କୁ ସାହାଣା ରୋଗରୁ ଦୂରେଇରଖିବା ଲାଗି ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍‌ଏସ୍ ଟିକା ଦେଇଦେବା ଦରକାର। ଅନ୍ୟପକ୍ଷରେ ଫାଟୁଆ ଚଉଆ ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଈ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ମା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ। ଏଥିରେ ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହିତ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

## ପୁସ୍ତକ ପରିଚୟ





**ମୃତ୍ତିକା:** ମାଟି ସମ୍ବନ୍ଧୀୟ ବିଭିନ୍ନ ଉପାଦେୟ ବିଷୟବସ୍ତୁକୁ ନେଇ ନିକଟରେ ପ୍ରକାଶ ପାଇଛି କୃଷିଭିତ୍ତିକ ପୁସ୍ତକ 'ମୃତ୍ତିକା'। କୃଷି ବିଶ୍ୱବିଦ୍ୟାଳୟର ମୃତ୍ତିକା ରସାୟନ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ପ୍ରଫେସର ଡ. ସୁବୋଧ କୁମାର ସାହୁଙ୍କ ଦ୍ୱାରା ରଚିତ ଏହି ପୁସ୍ତକରେ ରହିଛି ୨୭ଟି ଉପାଦେୟ ବିଷୟ। ଏଥିରେ ମୃତ୍ତିକାର ସୃଷ୍ଟି, ଗଠନ, ବୟନ, ସଂରଚନା, ମୃତ୍ତିକାର କିସମ ନେଇ ଫସଲ ଚାଷ, ମୃତ୍ତିକାସ୍ଥ ଜଳ, ବାୟୁ, ଉତ୍ତାପର ଫସଲ ଚାଷ ଉପରେ ଭୂମିକା, ମୃତ୍ତିକା ଉପରେ ଜଳବାୟୁ ଓ ପରିବେଶର ପ୍ରଭାବ ବିଷୟରେ ବର୍ଣ୍ଣନା ବେଶ୍ ସୁନ୍ଦର ଏବଂ ଶିକ୍ଷଣୀୟ ହୋଇଛି। ସମସ୍ୟା ବହୁଳ ମାଟି, ଏହାର ପ୍ରତିକାର ଏବଂ ଉକ୍ତ ମାଟିରେ ସଫଳ ଫସଲ ଚାଷ ବିଷୟରେ ମଧ୍ୟ ଏଥିରେ ଉପସ୍ଥାପନା କରାଯାଇଛି । ମୃତ୍ତିକା ପରୀକ୍ଷା ଦ୍ୱାରା ଖତସାରର ଅନୁମୋଦନ ଏବଂ ଜୈବିକ ପଦ୍ଧତିରେ ମୃତ୍ତିକାର ଉର୍ବରତା ରକ୍ଷା ବିଷୟରେ ବିଶେଷ ଧ୍ୟାନ ଦିଆଯାଇଛି । ଉକ୍ତ ପୁସ୍ତକ ସମ୍ପର୍କରେ ଅଧିକ ବିବରଣୀ ଜାଣିବା ପାଇଁ ମୋ:୯୫୫୬୨୬୬୦୮୫ ସହ ଯୋଗାଯୋଗ କରିପାରିବେ । ପ୍ରାପ୍ତିସ୍ଥାନ : 'ସାଇରାମ ବୁକ୍ ଷ୍ଟୋର' କୃଷି ବିଶ୍ୱବିଦ୍ୟାଳୟ ନିକଟସ୍ଥ ଶିରିପୁର ଛକ ୟୁନିଟ–୮, ଭୁବନେଶ୍ୱର ।

## ଜଡ଼ା କିସମ...

**ଅରୁଣା**, ଜ୍ୟୋତି, କ୍ରାନ୍ତି.ଏସ୍.ଏ– ୧ ଏବଂ କିସି–୨ ଆଦି ଜଡ଼ା କିସମ ସଂଗ୍ରହ କରନ୍ତୁ ଓ ବୁଣାବୁଣି ଶୀଘ୍ର ଶେଷ କରନ୍ତୁ। ଜଡ଼ାକୁ ଅନ୍ତ ଫସଲ ଭାବେ ନ ନେଇ ଏକକ ଫସଲ ଭାବେ ଚାଷ କରନ୍ତୁ। ଭଲ ଗଜା ହେବା ପାଇଁ ଲଗାଇବା ପୂର୍ବରୁ ବିହନକୁ ୨୪ ରୁ ୪୮ ଘଣ୍ଟା ପାଣିରେ ବତୁରାଇ ଦିଅନ୍ତୁ। ଏକର ପ୍ରତି ୮ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ଗ୍ରାମ୍ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୩୦ ରୁ ୪୫ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା. ଫସ୍‌ଫରସ୍ ଓ ୧୨ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।



## ଅଧିକ ଅମଳକ୍ଷମ କାଜୁ



**କାଜୁ**ର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବିପିପି ଭୁବନେଶ୍ୱର –୧, ଭିଆରଇ–୨, ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।

## ସଘନ ମାଛଚାଷ

**ସ**ଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଭାକୁର, ୪୦୦୦ ରୋହି ଏବଂ ୩୦୦୦ ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦, ରୋହି ୪୦୦୦, ମିରିକାଳି ୨୦୦୦ ଏବଂ ବିଲାତି ରୋହି ୧୦୦୦ (୨୧–୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ।



## ହରଡ଼ରେ ଫୁଲ ଧରୁଥିଲେ...

**ବ**ର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡ଼ର ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ବିଳମ୍ବରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ଲାଗି ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।



## ମଲ୍ଲୀଗଛ ଲାଗି ମନ୍ଦା



**ମ**ଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ସେହିମାଟିକୁ ମନ୍ଦାରେ ଦେଇ ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଦ୍ରବଣ ବା ପ୍ରଲେପରେ କଟା ଡାଳର ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। କିମ୍ବା ବଜାରରେ ମିଳୁଥିବା ସେରାଡେକସ୍–ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।

## ଧାନରେ କାଣ୍ଡବିନ୍ଧା ପୋକ ଦମନ

**ଧା**ନଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଢିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ। ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍÷୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆହେବାର ୩–୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ବିଷଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ।



## ରୁଡି କୋର୍ଜନଙ୍କ ପରଲୋକ



**କେପ୍‌ଟାଉନ୍,୯।୮:** କ୍ରିକେଟର ଅନ୍ୟତମ ଲୋକପ୍ରିୟ ଅମ୍ପାୟର ରୁଡି କୋର୍ଜନଙ୍କ ପରଲୋକ ଘଟିଛି। ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମଙ୍ଗଳବାର ୭୩ ବର୍ଷ ବୟସରେ ସେ ପ୍ରାଣ ହରାଇଛନ୍ତି। ଗଲ୍ଫ ୱିକେଣ୍ଡ ପରେ କେପ୍‌ଟାଉନରୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ନେଇ ତାଙ୍କ ପୁଅ ରୁଡି କୋର୍ଜନ ଜୁନିୟର ପ୍ରକାଶ କରିଛନ୍ତି। ଗଲ୍ଫ ଖେଳି ସେ ସୋମବାର ଫେରିବାର ଥିଲା। ମାତ୍ର ଆଉ ଏକ ରାଉଣ୍ଡର ଗଲ୍ଫ ଖେଳିବାକୁ ଅଟକି ଯାଇଥିଲେ। ୧୯୮୧ରେ ଅମ୍ପାୟାରିଂ ଆରମ୍ଭ କରିଥିବା କୋର୍ଜନ ପାଖାପାଖି ୪୦୦ ମ୍ୟାଚ ପରିଚାଳନା କରିଛନ୍ତି। ୧୯୯୨ରେ ଭାରତୀୟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଥର ଅମ୍ପାୟରିଂ କରନ୍ତି। ୧୯୯୭ରେ ପ୍ରଥମ ଥର ପାଇଁ ପୂର୍ଣ୍ଣକାଳୀନ ଅମ୍ପାୟର ହେବା ସହିତ ୨୦୦୨ରେ ଏଲିଟ୍ ପ୍ୟାନେଲରେ ସାମିଲ ହୋଇଥିଲେ। ଷ୍ଟିଭ୍ ବକନରଙ୍କ ପରେ ଦ୍ୱିତୀୟ ଅମ୍ପାୟର ଭାବରେ ୧୦୦ ଟେଷ୍ଟ ଓ ୨୦୦ ଦିନିକିଆରେ ଅମ୍ପାୟାରିଂ କରିଥିଲେ କୋର୍ଜନ। ୨୦୧୦ରେ ପାକିସ୍ତାନ-ଅଷ୍ଟ୍ରେଲିଆ ଟେଷ୍ଟ ମ୍ୟାଚ୍ ପରେ ସେ ଅବସର ଘୋଷଣା କରିଥିଲେ।

# ଭାରତ ମହିଳା 'ଏ', ପୁରୁଷ 'ବି' ଦଳକୁ ବ୍ରୋଞ୍ଜ

**ମାମାଲ୍ଲାପୁରମ, ୯।୮ (ପି.ଟି.)**

ଚେନ୍ନାଇର ମାମାଲ୍ଲାପୁରମଠାରେ ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଭାରତର ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ମହିଳା 'ଏ' ଏବଂ ପୁରୁଷ 'ବି' ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତରେ ପ୍ରଥମଥରପାଇଁ ଚେସ୍ ଅଲିମ୍ପିଆଡ୍ ଅନୁଷ୍ଠିତ ହୋଇଥିଲା।

ଭାରତୀୟ 'ବି' ଦଳ ଏହାର ଅନ୍ତିମ ରାଉଣ୍ଡ ମ୍ୟାଚରେ ଜର୍ମାନୀକୁ ୩-୧ରେ ପରାସ୍ତ କରି ତୃତୀୟ ସ୍ଥାନ ସ୍ପଷ୍ଟ କରିଥିଲା। ସମସ୍ତଙ୍କୁ ବିସ୍ମିତ କରି ଉଜ୍‌ବେକିସ୍ତାନ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଶେଷ ରାଉଣ୍ଡରେ ଏହି ଦଳ ନେଦରଲାଣ୍ଡସ୍କୁ ୨-୧ରେ ହରାଇ ଶୀର୍ଷସ୍ଥାନ ଅଧିକାର କରିଛି। ଆର୍ମେନିଆ ଦଳକୁ ରୌପ୍ୟ ପଦକ ମିଳିଛି। ଉଜ୍‌ବେକିସ୍ତାନ ଓ ଆର୍ମେନିଆ ୧୧ ରାଉଣ୍ଡରୁ ୧୯ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ଉନ୍ନତ ଟାଇବ୍ରେକର ପଏଣ୍ଟରେ ଉଜ୍‌ବେକିସ୍ତାନ ଆଗରେ ରହିଛି। ପୂରା ଟୁର୍ନାମେଣ୍ଟରେ ଏହି ଦଳ ଅପରାଜେୟ ରହିଥିଲା। ଭାରତ 'ବି' ୧୧ ରାଉଣ୍ଡରୁ ୧୮ ପଏଣ୍ଟ ପାଇଛି। ଆର୍ମେନିଆ ଏହାର ଶେଷ ମ୍ୟାଚରେ ସ୍ପେନ୍‌କୁ ୨.୫-୧.୫ରେ ହରାଇ ଦେଇଥିଲା। ଭାରତ 'ଏ' ଦଳ ୧୧ ରାଉଣ୍ଡରୁ ୧୭ ପଏଣ୍ଟ ପାଇ ୪ର୍ଥ





ଚେସ୍ ଅଲିମ୍ପିଆଡ୍‌ର ମହିଳା 'ଏ' ଓ ପୁରୁଷ 'ବି' ବିଭାଗରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

ଏବଂ 'ସି' ଦଳ ୧୪ ପଏଣ୍ଟରେ ରହି ୩୧ତମ ସ୍ଥାନ ପାଇଛି।

୧୦ମ ରାଉଣ୍ଡ ଶେଷସୁଦ୍ଧା ସ୍ୱର୍ଣ୍ଣ ପଦକ ଦୌଡ଼ରେ ଥିବା ଟପ୍ ସିଡ୍ ଭାରତ 'ଏ' ଦଳ ୧୧ତମ ରାଉଣ୍ଡରେ ଆମେରିକାଠାରୁ ୧-୩ରେ ହାରିଯିବାରୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ଯୁଦ୍ଧ ପ୍ରଭାବିତ ୟୁକ୍ରେନ ଭାବପ୍ରବଣ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଜର୍ଜିଆ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛି। ୟୁକ୍ରେନ ଓ ଜର୍ଜିଆ ୧୧ ରାଉଣ୍ଡରୁ ୧୮ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଟାଇବ୍ରେକର ପଏଣ୍ଟରେ ବାଜି ମାରିଥିଲା ୟୁକ୍ରେନ। ଭାରତ 'ଏ' ୧୧ ରାଉଣ୍ଡରୁ ୧୭ ପଏଣ୍ଟ ପାଇଥିଲା। ଭାରତ 'ବି' ଦଳ ୧୧ ରାଉଣ୍ଡରୁ ୧୬ ଏବଂ 'ସି' ଦଳ ୧୫ ପଏଣ୍ଟ ପାଇ ଯଥାକ୍ରମେ ୮ମ ଏବଂ ୧୭ତମ ସ୍ଥାନରେ ରହିଥିଲା।

ଅଲିମ୍ପିଆଡ୍‌ରେ ଭାରତର ଏହାଥିଲା ଦ୍ୱିତୀୟ ବ୍ରୋଞ୍ଜ ପଦକ। ୨୦୧୪ରେ ମଧ୍ୟ ଭାରତକୁ ଏହି ସଫଳତା ମିଳିଥିଲା। ୨୦୧୪ ଅଲିମ୍ପିଆଡ୍‌ରେ ପଦକ ପାଇଥିବା ଦଳରେ ବି. ଅଧିବନ ସାମିଲ ଥିଲେ। ମାତ୍ର ପ୍ରତିଯୋଗିତାରେ ଚମତ୍କାର ଫର୍ମ ଦେଖାଇଥିବା ଯୁବ ଖେଳାଳି ଡି. ଗୁକେଶ, ଆର.

**ଚେସ୍ ଅଲିମ୍ପିଆଡ୍ ଉଦ୍‌ଯାପିତ**

ପ୍ରଜ୍ଞାନନ୍ଦ, ନିହାଲ ସରିନ ଓ ରୌନକ ସାଧ୍ୱାନୀଙ୍କ ପାଇଁ ଏହା ପ୍ରଥମ ଅଭିଜ୍ଞତା ଥିଲା। ଆମେରିକା ବିପକ୍ଷ ଅନ୍ତିମ ରାଉଣ୍ଡରେ ଭାରତ 'ଏ'ର ଅର୍ଜୁନ ଇରିଗାସି ବିଜୟୀ ହୋଇଥିଲେ ଏବଂ ପେଣ୍ଟାଲା ହରିକ୍ରିଷ୍ଣା ଓ ଭିଦିତ ସନ୍ତୋଷ ଗୁଜରାଠୀ ମ୍ୟାଚ ଡ୍ର ରଖିଥିଲେ। ତେବେ ଏସ.ଏଲ. ନାରାୟଣନ ହାରି ଯାଇଥିଲେ। ଜର୍ମାନୀ ବିପକ୍ଷରେ ଭାରତ 'ବି'ର ନିହାଲ ସରିନ ଓ ରୌନକ ସାଧ୍ୱାନୀ ବିଜୟୀ ହୋଇଥିଲେ ଏବଂ ଡି. ଗୁକେଶ ଓ ଆର. ପ୍ରଜ୍ଞାନନ୍ଦ ମ୍ୟାଚ ଡ୍ର ରଖିଥିଲେ। କାଜାଖସ୍ତାନ ବିପକ୍ଷରେ ଭାରତ 'ସି'ର ମୁରଲୀ କାର୍ତ୍ତିକେୟନ ବିଜୟୀ ହୋଇଥିଲେ ଏବଂ ଏସ.ପି. ସେଥୁରମଣ ଓ ପୁରାଣିକ ଅଭିମନ୍ୟୁ ମ୍ୟାଚ ଡ୍ର ରଖିଥିଲେ। ସୂର୍ଯ୍ୟ ଶେଖର ଗାଙ୍ଗୁଲି ମ୍ୟାଚ ହାରି ଯାଇଥିଲେ।

ଆମେରିକା ବିପକ୍ଷ ଅନ୍ତିମ ରାଉଣ୍ଡରେ ଭାରତ 'ଏ' ମହିଳା ଦଳର କୋନେରୁ ହମ୍ପି ଏବଂ ଆର. ବୈଶାଳୀ ଡ୍ର ରଖିଥିବାବେଳେ ତାନିଆ ସଚଦେବ ଓ ଭକ୍ତି କୁଲକର୍ଣ୍ଣୀଙ୍କ ପରାଜୟ ଭାରତୀୟ 'ଏ' ଦଳର ସ୍ୱର୍ଣ୍ଣ ପଦକ ଆଶାକୁ ଧକ୍କା ପହଞ୍ଚାଇଥିଲା। ଭାରତ 'ବି' ଦଳ ଏହାର ଶେଷ ରାଉଣ୍ଡ ମ୍ୟାଚକୁ ସ୍ଲୋଭାକିଆ ବିପକ୍ଷରେ ୨-୨ରେ ଡ୍ର ରଖିଥିଲା। ଦିବ୍ୟା ଦେଶମୁଖ ବିଜୟୀ ହୋଇଥିବାବେଳେ ଭାନ୍ତିକା ଅଗ୍ରୱାଲଓ ମାରିଆନ ଗୋମ୍ସ ମ୍ୟାଚ ଡ୍ର ରଖିଥିଲେ ଏବଂ ପଦ୍ମିନୀ ରାଉତ ହାରି ଯାଇଥିଲେ। ଭାରତ 'ସି' କାଜାଖସ୍ତାନଠାରୁ ୧.୫-୨.୫ରେ ପରାଜିତ ହୋଇଥିଲା। ପ୍ରତ୍ୟୁଷା ବୋଡ଼ା ବିଜୟୀ ହୋଇଥିବାବେଳେ ସହିଥି ବର୍ଷିନୀ ମ୍ୟାଚ ଡ୍ର ରଖିଥିଲେ। ତେବେ ଇଷା କାର୍ଭାଡେ ଓ ପି.ଭି. ନନ୍ଦିଧା ମ୍ୟାଚ ହାରି ଯାଇଥିଲେ।

## ପ୍ରଭାକର ନେପାଳ କ୍ରିକେଟ ଦଳ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୯।୮ (ପି.ଟି.):** ପୁବୁଦୁ ଦାସାନାୟକେଙ୍କ ସ୍ଥାନରେ ପୂର୍ବତନ ଅଲରାଉଣ୍ଡର ମନୋଜ ପ୍ରଭାକର ନେପାଳ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଦାସାନାୟକେ ଜୁଲାଇରେ ତାଙ୍କ ପଦ ତ୍ୟାଗ କରିଛନ୍ତି। ସେ କାନାଡା କ୍ରିକେଟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବେ। ପ୍ରଭାକର ୧୯୮୪ ରୁ ୧୯୯୬ ମଧ୍ୟରେ ଭାରତ ପାଇଁ ୩୯ଟି ଟେଷ୍ଟ ଓ ୧୩୦ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସେ ପୂର୍ବରୁ ଦିଲ୍ଲୀ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ରଣଜୀ ଟ୍ରଫିର କୋଚ୍ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୨୦୧୬ରେ ସେ ଆଫଗାନିସ୍ତାନ ଜାତୀୟ ଦଳର ବୋଲିଂ କୋଚ୍ ଭାବେ କାର୍ଯ୍ୟକରିଛନ୍ତି। ନେପାଳରେ କ୍ରିକେଟ ପ୍ରତି ଆଗ୍ରହ, ସେମାନଙ୍କ ପ୍ରତିଭା ଓ ଦକ୍ଷତା ସ୍ତର ଦେଖି ସେ ନେପାଳ କ୍ରିକେଟ ଦଳ ସହ କାର୍ଯ୍ୟକରିବାକୁ ଆଗ୍ରହୀ ବୋଲି ପ୍ରଭାବର କହିଛନ୍ତି।

## ଡୋପିଂ: ଟେନିସ ଖେଳାଳି ମାର୍ଟିନ ସସ୍‌ପେଣ୍ଡ

**ଲଣ୍ଡନ, ୯।୮ (ଏପି):** ଟେନିସ ଖେଳାଳି ଆନ୍ଦ୍ରେଜ ମାର୍ଟିନ ଏକ ପ୍ରତିଯୋଗିତା ବେଳେ ହୋଇଥିବା ଡୋପ୍ ଟେଷ୍ଟରେ ବିଫଳ ହେବାରୁ ମଙ୍ଗଳବାର ତାଙ୍କୁ ସସ୍‌ପେଣ୍ଡ କରାଯାଇଛି। ସ୍ଲୋଭାକିଆର ଏହି ୩୨ ବର୍ଷୀୟ ଖେଳାଳିଙ୍କର ଗତ ଜୁନ୍‌ରେ ତାଙ୍କ ଦେଶର ଏକ ଦ୍ୱିତୀୟ ପାହ୍ୟା ଟୁର୍ନାମେଣ୍ଟ ବେଳେ ଡୋପ୍ ଟେଷ୍ଟ କରାଯାଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ଏସ୍‌ଏଆର୍‌ଏମ୍ ଏସ୍-୨୨ (ଏକ ପ୍ରକାର ସିନ୍ଥେଟିକ୍ ପଦାର୍ଥ) ଠାବ କରାଯାଇଥିଲା, ଯାହାକି ପୁରୁଷ ହରମୋନ ବୃଦ୍ଧିରେ ସହାୟକ ହୋଇଥାଏ। ୨୦୨୦ରେ ମାର୍ଟିନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୯୩ତମ ସ୍ଥାନ ହାସଲ କରିଥିଲେ। ପଜିଟିଭ ଟେଷ୍ଟ ବେଳେ ସେ ୧୯୧ତମ ସ୍ଥାନରେ ରହିଥିଲେ। ତାଙ୍କ କ୍ୟାରିୟରର ବିଜୟ ପରାଜୟ ରେକର୍ଡ ୨୭-୩୮ ରହିଛି। ଚଳିତବର୍ଷ ପ୍ରତିଟି ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର କ୍ୱାଲିଫାଇଂ ରାଉଣ୍ଡରୁ ସେ ବିଦାୟ ନେଇଛନ୍ତି। ମାମଲା ବିଚାରାଧୀନ ଥିବାରୁ ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ତାଙ୍କୁ ବର୍ତ୍ତମାନ ଇଭେଣ୍ଟରେ ଖେଳିବା ଓ ଉପସ୍ଥିତକୁ ବାରଣ କରିଛି।

## ରେଣୁକାଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

**ଦୁବାଇ, ୯।୮ (ପି.ଟି.)**

ଭାରତୀୟ ପେସ୍ ବୋଲର ରେଣୁକା ସିଂ ମଙ୍ଗଳବାର ପ୍ରକାଶିତ ଆଇସିସି ଟି୨୦ ମହିଳା ର୍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୧୮ତମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ହୋଇଥିଲେ। ବର୍ମିଂହାମ୍ ଗେମ୍ସରେ ସେ ୧୧ଟି ଉଇକେଟ ଅକ୍ତିଆର କରିଥିଲେ। ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ଟୁର୍ନାମେଣ୍ଟରେ ଏକ ରୌପ୍ୟ ପଦକ ପାଇଥିଲା। ରେଣୁକା ର୍ୟାଙ୍କିଙ୍ଗ ତାଲିକାରେ ୧୦ ସ୍ଥାନ ଉପରକୁ ଉଠିଥିବା ବେଳେ ପ୍ରଥମ ଥର ଟପ୍ ୨୦ରେ ପ୍ରବେଶ କରିଛନ୍ତି। ଜେମିମା ରୋଡ୍ରିଗୁଏଜ୍ ବର୍ମିଂହାମ୍‌ରେ ୧୪୬ ରନ ସ୍କୋର କରିବା ଦ୍ୱାରା ସେ ଫର୍ମକୁ ଫେରିଥିବା ସୂଚନା ମିଳୁଛି। ବର୍ମିଂହାମ୍‌ରେ ସେ ୧୪୬ରନ ସଂଗ୍ରହ କରିଛନ୍ତି। ସେ ୭ଟି ସ୍ଥାନ ଉପରକୁ ଉଠିଥିବା ବେଳେ ପୁଣିଥରେ ଟପ୍ ୧୦ ବ୍ୟାଟରମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ର୍ୟାଙ୍କିଙ୍ଗ ତାଲିକାରେ ସେ ୧୦ମ ସ୍ଥାନରେ ରହିଛନ୍ତି। ବ୍ୟାଟର ତାଲିକାରେ ସ୍ମୃତି ମନ୍ଧାନା ଦୁଇଟି ସ୍ଥାନ ତଳକୁ ଖସି ୩୬ତମ ସ୍ଥାନରେ ଅଛନ୍ତି। ବୋଲରମାନଙ୍କ ମଧ୍ୟରେ ବାମହାତି ସ୍ପିନର ରାଧା ଯାଦବ ୧୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।



ରେଣୁକା ସିଂ

## ଯୌନଶୋଷଣ ଅଭିଯୋଗରେ ରେସିଂ କୋଚ ବାସନ୍ଦ

**ଲଣ୍ଡନ,୯।୮(ପି.ଟି)**

ଯୌନ ଶୋଷଣ ଅଭିଯୋଗରେ ଇଂଲଣ୍ଡ ରେସିଂ ଦଳର କୋଚ ଟୋନି ମିନିଚିଏଲୋଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ଦୀର୍ଘ ୧୫ ବର୍ଷର କ୍ୟାରିୟର ମଧ୍ୟରେ ଏକାଧିକ ଖେଳାଳିଙ୍କ ସହିତ ଅସଦାଚରଣ କରିଥିବା ପ୍ରମାଣିତ ହେବା ପରେ ୟୁକେ ଆଥଲେଟିକ୍ସ ପରିଚାଳନା ବୋର୍ଡ ଏହି ନିଷ୍ପତ୍ତି ନେଇଛି। ଟୋନିଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ପରେ ବୋର୍ଡ ପକ୍ଷରୁ ଏକ ୪ ଜଣିଆ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ଟ୍ରିବ୍ୟୁନାଲର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖେଳାଳି ମାନଙ୍କୁ ଏଣେ ତେଣେ ଛୁଇଁବା, ଅଶ୍ଳୀଳ ଇଙ୍ଗିତ କରିବା, ଉତ୍ୟକ୍ତ ବ୍ୟବହାର ଓ ମାନସିକ ନିର୍ଯାତନା ନେଇ ଏକାଧିକ ଖେଳାଳି ବୟାନ ଦେଇଥିଲେ।

ଯେଉଁ ଖେଳାଳି ମାନେ ବୟାନ ଦେଇଛନ୍ତି ସେମାନଙ୍କ ନାମ ଗୋପନ ରଖାଯାଇଛି। ଏହି ଖେଳାଳି ମାନେ ଯେଉଁ ଭଳି ସାହସ ଦେଖାଇ ସାମ୍ନାକୁ ଆସିଲେ ତାହା ପ୍ରଶଂସାଯୋଗ୍ୟ ବୋଲି ଆଥଲେଟିକ୍ସ ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ଏହି ଆଥଲେଟ ମାନଙ୍କ ତାଲିକାରେ ହେପ୍ଟାଥେଲନ୍ ଷ୍ଟାର ଏନିସ୍ ହିଲ୍ ଅଛନ୍ତି କି ନା ତାହା ସ୍ପଷ୍ଟ ହୋଇନାହିଁ। ଟୋନିଙ୍କ ପ୍ରଶିକ୍ଷଣରେ ଏନିସ୍ ୨୦୦୯ରୁ ୨୦୧୫ ମଧ୍ୟରେ ୩ଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ସହିତ ଗୋଟିଏ ଲେଖାଏଁ ଅଲିମ୍ପିକ୍ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ୨୦୧୨ରେ ହିଲ୍ ଲଣ୍ଡନ ଅଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ଜିତିଥିବା ବେଳେ ୨୦୧୬ ରିଓରେ ରୌପ୍ୟ ହାସଲ କରିଥିଲେ। ତଦନ୍ତ ମଧ୍ୟରେ ଟୋନି ମିନିଚିଏଲୋଙ୍କ ଲାଇସେନ୍ସ ରଦ୍ଦ ହୋଇ ଯାଇଥିବାରୁ ୟୁକେ ଟ୍ରାକ୍ ଆଣ୍ଡ ଫିଲ୍ଡ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇ ପାରିନଥିଲା। ଫଳରେ ବ୍ରିଟିଶ ଆଥଲେଟିକ୍ସ କମିଟି ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଛି।



ଟୋନି ମିନିଚିଏଲୋ

## ଭାରତୀୟ ମହିଳା ଦଳକୁ ରୌପ୍ୟ ପଦକ

**ଭୁବନେଶ୍ୱର, ୯।୮ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। ଭାରତୀୟ ଦଳରେ କିସ୍‌ର ୩ ଖେଳାଳି ହୁପି ମାଝି, ତରୁଲତା ନାଏକ ଓ ଡୁମୁନି ମାର୍ଣ୍ଡି ସାମିଲ ହୋଇ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ଭାରତ ଲିଗ୍ ମ୍ୟାଚରେ ମଙ୍ଗୋଲିଆକୁ ୩୯-୦, ଗୁଆମକୁ ୨୬-୨୧, ୟୁଏଇକୁ ୨୧-୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଦଳ ଇଣ୍ଡୋନେସିଆକୁ ୧୭-୧୨ରେ ହରାଇଥିଲେ ହେଁ ଫାଇନାଲରେ ସିଙ୍ଗାପୁରଠାରୁ ୫-୧୭ରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ରୌପ୍ୟ ବିଜୟୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

**ଏସିଆ ରଗ୍‌ବୀ ସେଭେନ୍ସ**



ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ତରୁଲତା ନାଏକ, ହୁପି ମାଝି ଓ ଡୁମୁନି ମାର୍ଣ୍ଡି।

## ଅବସର ପ୍ଲାନ୍ ଘୋଷଣା କଲେ ସେରେନା

**ନ୍ୟୁୟର୍କ,୯।୮(ପି.ଟି):**

୨୩ଟି ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା ୱିଲିୟମ୍ସ ଟେନିସ୍ ଛାଡିବା ନେଇ ପରୋକ୍ଷରେ ସୂଚନା ଦେଇଛନ୍ତି। ଅବସର ସମ୍ପର୍କରେ ସିଧାସଳଖ ସୂଚନା ଦେଇ ନଥିଲେ ହେଁ ଟେନିସ୍‌ରୁ ଦୂରେଇ ଆଉ ଏକ ସନ୍ତାନ ଜନ୍ମ କରିବା ସହିତ ନିଜର ବ୍ୟବସାୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସପକ୍ଷରେ ସେରେନା ମତ ଦେଇଛନ୍ତି। ମଙ୍ଗଳବାର ଭୋଗ୍ ମାଗାଜିନରେ ସେରେନାଙ୍କ ଏକ ସ୍ତମ୍ଭରୁ ଏହି କଳ୍ପନା ଜଳ୍ପନା ଆରମ୍ଭ ହୋଇଥିଲା। ଅବସର ଶବ୍ଦଟି ମୋତେ ଠିକ୍ ଲାଗେ ନାହିଁ। ଚଳିତ ମାସରେ ମୁଁ ୪୧ ବର୍ଷରେ ପାଦଦେବି ତେଣୁ ଟେନିସରୁ ଦୂରେଇ ଅନ୍ୟ କିଛି ଜିନିଷ ଉପରେ ମୁଁ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହିଁବି। ଅଗଷ୍ଟ ୨୯ରୁ ଆରମ୍ଭ ହେଉଥିବା ୟୁଏସ୍ ଓପନର ପ୍ରସ୍ତୁତି ପାଇଁ ସେରେନା ଚଳିତ ସପ୍ତାହରେ ଟରଣ୍ଟୋରେ ଏକ ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ପ୍ରଫେସନାଲ ଏରାରେ ସେ ସର୍ବାଧିକ ୨୩ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ହାସଲ କରିଛନ୍ତି। ୨୪ ଟାଇଟଲ ସହିତ ମାର୍ଗାରେଟ୍ କୋର୍ଟ ପ୍ରଥମ ସ୍ଥାନରେ ରହିଥିଲେ ହେଁ ଏଥିମଧ୍ୟରୁ କିଛି ଟୁର୍ନାମେଣ୍ଟ ଓପନ ଏରାରେ ଖେଳାଯାଇଥିଲା।

## ଛେତ୍ରୀ, ମନୀଷା ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୯।୮ (ପି.ଟି.)**

ଭାରତ ପୁରୁଷ ଫୁଟ୍‌ବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ମଙ୍ଗଳବାର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଦ୍ୱାରା ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ବିବେଚିତ ହୋଇଛନ୍ତି। ସେ ୭ମ ଥର ପାଇଁ ଏହି ପୁରସ୍କାର ଜିତିଛନ୍ତି। ଅନ୍ୟପକ୍ଷରେ ମହିଳା ବର୍ଗରେ ମନୀଷା କଲ୍ୟାଣ ପ୍ରଥମ ଥର ୨୦୨୧-୨୨ ସିଜନ ପାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୁରସ୍କାର ପାଇଁ ଛେତ୍ରୀ ଓ କଲ୍ୟାଣଙ୍କୁ କୋଚ୍ ଇଗୋର ଷ୍ଟିମାକ୍ ଓ ଥୋମାସ ଡେନର୍ବି ମନୋନୀତ କରିଛନ୍ତି। ବର୍ତ୍ତମାନ ସକ୍ରିୟ ରହିଥିବା ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ଛେତ୍ରୀ ତୃତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହେଉଛନ୍ତି। ସେ ପ୍ରଥମେ ଏହି ପୁରସ୍କାର ୨୦୦୭ରେ ଜିତିଥିଲେ। ପରେ ସେ ୨୦୧୧, ୨୦୧୩, ୨୦୧୪, ୨୦୧୭, ୨୦୧୮-୧୯ରେ ଏହି ପୁରସ୍କାର ଲାଭ କରିଥିଲେ। ସାଫ୍ କପ୍‌ରେ ସୁନୀଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ୫ଟି ଗୋଲ ଦେବା ସହ ଆମର ଟପ୍ ସ୍କୋରର ହୋଇଥିଲେ ବୋଲି ଷ୍ଟିମାକ୍ କହିଛନ୍ତି। ପୁନଶ୍ଚ କୋଲକାତାରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡରେ ଖେଳାଯାଇଥିବା ୩ଟି ମ୍ୟାଚରେ ୪ଟି ଗୋଲ ସ୍କୋର କରିଥିଲେ। ଦଳର ଭଲ ଓ ଖରାପ ସମୟରେ ତାଙ୍କ ପ୍ରତିଶ୍ରୁତିବଦ୍ଧତା, ନେତୃତ୍ୱ ଓ କଠିନ ପରିଶ୍ରମ ପ୍ରଭାବଶାଳୀ ରହିଥିଲା। ଅନ୍ୟପକ୍ଷରେ କଲ୍ୟାଣଙ୍କ ପାଇଁ ଏହାହେଉଛି ପ୍ରଥମ ମହିଳା ଫୁଟ୍‌ବଲର ଅଫ୍ ଦି ଇୟର ପୁରସ୍କାର। ପୂର୍ବରୁ ସେ ୨୦୨୦-୨୧ ସିଜନରେ ମହିଳା ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଥିଲେ। ମନୀଷାଙ୍କର ଜାତୀୟ ଦଳ ଏବଂ ତାଙ୍କ କ୍ଲବକୁ ଉଲ୍ଲେଖନୀୟ ସହାୟତା କରିଛନ୍ତି। ନିୟମିତ ଗୋଲ ସ୍କୋର କରିବା ସହ ଗୋଲ ଦେବାରେ ଅନ୍ୟ ଖେଳାଳିଙ୍କୁ ସହାୟତା ମଧ୍ୟ କରିଛନ୍ତି। ତାଙ୍କର ଭଲ ସ୍ପିଡ୍ ରହିଛି। ସେ ଜଣେ ଉତ୍ତମ ଡ୍ରିବଲର ହୋଇଥିବାରୁ ବଡ଼ ଲିଗ୍‌ରେ ଖେଳିବା ପାଇଁ ସେ ଦକ୍ଷତା ରଖିଛନ୍ତି। କଲ୍ୟାଣ ନିକଟରେ ସାଇପ୍ରସର ଟପ୍ ଡିଭିଜନ ବିଜେତା ଆପୋଲନ ଲେଡିଜ୍ ସହ ଏକ ବହୁ ବର୍ଷର ଚୁକ୍ତି କରିଛନ୍ତି। ଏହି ଫୁଟ୍‌ବଲ କ୍ଲବ ୨୦୨୨-୨୩ ୟୁଫା ମହିଳା ଚାମ୍ପିୟନଶିପ୍ କ୍ୱାଲିଫାଇଂ ରାଉଣ୍ଡରେ ସ୍ଥାନ ପାଇଛି। ଅନ୍ୟ ପୁରସ୍କାର ମଧ୍ୟରେ ମାର୍ଟିନା ଥୋକ୍‌ଚୋମ୍ ୨୦୨୧-୨୨ ବର୍ଷ ପାଇଁ ମହିଳା ଇମର୍ଜିଂ ଫୁଟ୍‌ବଲର ଅଫ୍ ଇୟର ଏବଂ ବିକ୍ରମ ପ୍ରତାପ ସିଂ ୨୦୨୧-୨୨ ପୁରୁଷ ଇଭର୍ଜିଂ ଫୁଟ୍‌ବଲର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।





ସୁନୀଲ ଛେତ୍ରୀ ଓ ମନୀଷା କଲ୍ୟାଣ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗାଁ ସମୀପ କପାକ୍ଷେତରୁ ମଙ୍ଗଳବାର ଏକ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗାଁର ହେମନ୍ତ ମାଝି(୨୨) । ସକାଳୁ କେତେକ ବ୍ୟକ୍ତି ଚାଷ ଜମି ଆଡେ ଯାଇଥିବା ବେଳେ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ତୁରେକେଲା ପୋଲିସ କଣ୍ଟାବାଞ୍ଜି ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

**ସଂକ୍ଷେପରେ**

## ‘୭ଦିନ ଭିତରେ ସହଅଭିଯୁକ୍ତଙ୍କୁ ଗିରଫ କର’

ଲାଠୋର,୯।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ଥାନା ଖର୍ଲି ଗ୍ରାମର ଜଣେ ନାବାଳିକା(୧୫)ଙ୍କ ମୃତଦେହ ସନମୁଡ଼ା ଜଙ୍ଗଲରେ ଥିବା ବାଘବିନ୍ଧା ପୋଖରୀ ହୁଡାରେ ପୋତା ଯାଇଥିବା ଅବସ୍ଥାରେ ଗତ ୩୦ ଜୁଲାଇରେ ପୋଲିସ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ହତ୍ୟା କରି ପୋତି ଦେଇଥିବା ଘଟଣାରେ ଖର୍ଲି ଗ୍ରାମର ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବା ଜଣା ପଡିଥିଲା। ତାଙ୍କୁ ପୋଲିସ ଧରି ବାଳ ସ୍ୱଧାର ଗୃହକୁ ପଠାଇଛି। ତେବେ ଏହି ହତ୍ୟାକାଣ୍ଡରେ ସହଯୋଗ କରିଥିବା ଡେବ୍ରିଆମୁଣ୍ଡା ଓ ଖର୍ଲି ଗ୍ରାମର ଅନ୍ୟ ୮ ଜଣଙ୍କୁ ପୋଲିସ ଗିରଫ କରୁନାହିଁ। ସେମାନଙ୍କୁ ୭ଦିନ ମଧ୍ୟରେ ଗିରଫ କରା ନଗଲେ ରାସ୍ତାକୁ ଓହ୍ଲାଇବ ବୋଲି ତୁରେକେଲା ବ୍ଲକ ଯାଦବ ସମାଜ ଚେତାବନୀ ଦେଇଛି। ଏ ନେଇ ଏକ ଦାବିପତ୍ର ତୁରେକେଲା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କୁ ସେମାନେ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ଣ୍ଣଚନ୍ଦ୍ର ବାଗ, ପୁଷ୍ପମ ନାଗ, ନାନୁ ଖର୍ସେଲ, ରସିକ ବାଗ, ଯାଦବ ସମାଜ ବ୍ଲକ ସଭାପତି ଯୁଧିଷ୍ଠିର ଜାଲ, ଲକ୍ଷ୍ମଣ ବାଗ, ଜଳଧର ମହାକୁଡ଼, ମହୁଲପାଟି ସଭାପତି ଜୟଦେବ ଷାଣ୍ଡ, ଘୁନେଶ ସଭାପତି ବଦନ ହଂସ, ହିଆଲ ସଭାପତି ଡ଼ମବୁଢ଼ା ଗହିର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ମୃତାଙ୍କ ବାପା ସହଅଭିଯୁକ୍ତମାନଙ୍କୁ ୭ଦିନ ମଧ୍ୟରେ ଗିରଫ ନ କଲେ ତୁରେକେଲା ଥାନା ସମ୍ମୁଖରେ ଆତ୍ମହୁତି ଦେବେ ବୋଲି କହିଛନ୍ତି। ଏନେଇ ଥାନା ଅଧିକାରୀ ଶାନ୍ତିଙ୍କୁ ପଚାରିବାରେ ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି।

## ଋଣ ଟଙ୍କା ଆତ୍ମସାତ: ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ଲୋଇସିଂହା,୯।୮(ଡି.ଏନ.ଏ.): ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ପ୍ରାଥମିକ କୃଷି ସମବାୟ ସମିତିରେ କେତେକ ଚାଷୀଙ୍କ ଋଣ ଟଙ୍କା ଆତ୍ମସାତ ହୋଇଛି। ଏ ନେଇ କେତେକ ଚାଷୀ ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମନହୀରା ପଞ୍ଚାୟତର ମଦନ ସାହୁ, ଭୂଜ ରଣା, ବିନୋଦ ବଡକା ଓ ମିତ୍ରଭାନୁ ବେହେରା ଖରିଫ ଚାଷ ପାଇଁ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିରେ ଋଣ ପାଇଁ ଆବେଦନ କରିଥିଲେ। ଜଣପିଛା ୧୦ହଜାର ଲେଖାଏ ଋଣ ମଞ୍ଜୁର ହୋଇଥିବା ଜାଣି ସେମାନେ ଖୁସି ହୋଇଥିଲେ । ହେଲେ ପାକ୍ସ କର୍ତ୍ତୃପକ୍ଷ ସେମାନଙ୍କଠାରୁ ୨ଟି ଖାଲି ଚେକରେ ଦସ୍ତଖତ ନେଇ ଯାଇଥିଲେ । ଋଣ ଟଙ୍କା ଉଠାଣ କରି ସେମାନଙ୍କୁ ୨ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ବାକି ଟଙ୍କାର ରସିଦ ମାଗିବାରୁ ପରେ ଦେବାକୁ କର୍ତ୍ତୃପକ୍ଷ କହିଥିଲେ । ଅଂଶଧନ ଓ ବୀମା ଟଙ୍କା କାଟି ଜଣ ପିଛା ୧୫ ଶହରୁ ୨ ହଜାର ଟଙ୍କା ଆତ୍ମସାତ କରିଥିବା ଜଣାପଡିଥିଲା। ଏପରି ସମିତିର ଅନ୍ୟଚାଷୀମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଚାଷୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।



ବଲାଙ୍ଗୀରରେ ମଙ୍ଗଳବାର କ୍ରାନ୍ତି-ଜାଗୃତି ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

# ବିନା ତ୍ୟାଗରେ ସମାଜ ନିର୍ମାଣ ସମ୍ଭବ ନୁହେଁ

ବଲାଙ୍ଗୀର ଅଫିସ,୯।୮

**ବଲାଙ୍ଗୀର କ୍ରାନ୍ତି-ଜାଗୃତି ସମାରୋହ ଉଦ୍‌ଘାଟିତ**

**■ଆଟଗାଁ ଧରମସିଂ ମାନ୍ଧାତାଙ୍କ ପୀଠରୁ ଆରମ୍ଭ ହେଲା ବାଇକ୍ ରାଲି**

ବିନା ତ୍ୟାଗରେ ରାଷ୍ଟ୍ର ଓ ସମାଜ ନିର୍ମାଣ ସମ୍ଭବପର ନୁହେଁ। ଏଣୁ ଆମେ ଆମର ପୂର୍ବସୂରୀଙ୍କ ବଳିଦାନ ଓ ତ୍ୟାଗକୁ ସବୁବେଳେ ମନେପକାଇ ଉଦ୍‌ବୁଦ୍ଧ ହେବାକୁ ପଡିବ। ବଲାଙ୍ଗୀରରେ କ୍ରାନ୍ତି–ଜାଗୃତି ଉଦ୍‌ଘାଟନୀ ସମାରୋହରେ ଅତିଥି ବକ୍ତାମାନେ ଏହା କହିଛନ୍ତି। ଆୟୋଜକ କମିଟି ସଭାପତି ପ୍ରଫେସର ଡ. ଶିବପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବରେଣ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର, ପୌରାଧ୍ୟକ୍ଷା ଲିକା ସାହୁ, ଉପଦେଷ୍ଟା ପ୍ରଫେସର ଡ. ମଧୁସୂଦନ ପତି, ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକ, ସମାଜସେବୀ ବିକ୍ରମାନନ୍ଦ ବହିଦାର, ଗୁରୁଶ୍ରୀ ଘାସିରାମ ମିଶ୍ର, ନାଗରିକ କମିଟି ସଭାପତି ଇଂ ବେଲାର ସିଂ ଭୋଇ, ଶୋଭାଯାତ୍ରା କମିଟି ମୁଖ୍ୟ ଗୋପାଳଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ଗାନ୍ଧୀଜୀଙ୍କ କ୍ରାନ୍ତି ଦିବସର ବାର୍ତ୍ତା ସମ୍ପର୍କରେ କହି ଆଜି ଚରମ ସଙ୍କଳ୍ପର ଦିବସ ବୋଲି କହିଥିଲେ। ସ୍ୱାଧୀନତା ପୂର୍ବରୁ ପରସ୍ପର ପ୍ରତି ଥିବା ବିଶ୍ୱାସ, ପ୍ରତ୍ୟୟ ଏବଂ ଆସ୍ଥା ଟିକକ ପୁଣି ଥରେ ଫେରାଇ ଆଣିପାରିଲେ ପ୍ରକୃତରେ କ୍ରାନ୍ତି ଓ ଜାଗୃତି ସଫଳ ହେଲା କହିପାରିବା ବୋଲି ସେ କହିଥିଲେ। ବିଧାୟକ ନରସିଂହ ମିଶ୍ର ତାଙ୍କ ବକ୍ତବ୍ୟରେ ୧୯୩୭ ମସିହାରେ କଟକ ରେଭେନ୍ସା କଲେଜରେ ଯାହାଙ୍କ ନେତୃତ୍ୱରେ ତ୍ରିରଙ୍ଗା ପତାକା ଉଡାଯାଇଥିଲା ସେ ଥିଲେ ବଲାଙ୍ଗୀର ମାଟିର ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର । ତାଙ୍କୁ ସେତେବେଳେ ବ୍ୟାଡ କଣ୍ଡକ୍ଟ ସାର୍ଟିଫିକେଟ୍ ଦିଆଯାଇଥିଲା। ଆଟଗାଁ ଜମିଦାର ଧରମ ସିଂ ମାନ୍ଧତା ଓ ବଙ୍ଗୋମୁଣ୍ଡା ଅଞ୍ଚଳର ସଂଗ୍ରାମୀ ମୋହନ ମାଝିଙ୍କ ଲଢ଼େଇ, ୧୯୩୮ ମସିହାର କୃଷକ ସମାବେଶ ଭଳି ଅନେକ ଘଟଣା ବଲାଙ୍ଗୀର ମାଟିରେ ବୀରତ୍ୱର ଗାଥା ବହନ କରୁଛି। ଏସମ୍ପର୍କରେ ଯେଉଁ ପୁସ୍ତକ ପ୍ରକାଶନ ଉଦ୍ୟମ କରାଯାଇଛି ତାକୁ ସାଧୁବାଦ ଜଣାଇଥିଲେ। ଆଜିର ପରିସ୍ଥିତିରେ ସ୍ୱାଧୀନତା, ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷା ସବୁଠୁ ଅଧିକ ଜରୁରୀ ହୋଇପଡିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ପୌରାଧ୍ୟକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ କ୍ରାନ୍ତି ଦିବସ ବାର୍ତ୍ତା, ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ ସମ୍ପର୍କରେ କହି ବଲାଙ୍ଗୀରର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାବିତ୍ ନାୟକ ତାଙ୍କ ବକ୍ତବ୍ୟରେ ନିଜେ ଉଦ୍‌ବୁଦ୍ଧ ନହେଲେ କ୍ରାନ୍ତି–ଜାଗୃତି ସମ୍ଭବ ନୁହେଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଡ. ମିଶ୍ର ବଲାଙ୍ଗୀର ଜିଲାର ପୂର୍ବସୂରୀଙ୍କ ତ୍ୟାଗକୁ ସ୍ମରଣ କଲେ ଅଦମ୍ୟ ଉତ୍ସାହ ଓ ପ୍ରେରଣା ମିଳିବ ବୋଲି କହିଥିଲେ। ଅନ୍ୟ ଅତିଥି ଇଂ ଭୋଇ, ପାଣିଗ୍ରାହୀ, ଶୋଭାଯାତ୍ରା କମିଟିର ମୁକେଶ ବହିଦାର ଓ ସୋମନାଥ ମିଶ୍ର ବକ୍ତବ୍ୟ ରଖିଥିଲେ। ସଭାକୁ କମିଟି ସମ୍ପାଦକ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ସକାଳ ୮ଟାରୁ ଆଟଗାଁ ଜମିଦାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାନ୍ଧତାଙ୍କ ଦେବୀ ପୀଠରୁ ମଶାଲ ଓ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପୂଜାର୍ଚ୍ଚନା ପରେ ବିଧାୟକ ମିଶ୍ର ଶୋଭାଯାତ୍ରା ଟିମ୍‌କୁ ମଶାଲ ଅର୍ପଣ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଗୋପାଳଜୀ ପାଣିଗ୍ରାହୀ, ସୋମନାଥ ମିଶ୍ର ଓ ମୁକେଶ ବହିଦାରଙ୍କ ନେତୃତ୍ୱରେ ପ୍ରବଳ ବର୍ଷା ସତ୍ତ୍ୱେ ବାଇକ୍ ଶୋଭାଯାତ୍ରା ଆଟଗାଁ ପରିକ୍ରମା କରି ବଲାଙ୍ଗୀର ସହର ଅଭିମୁଖେ ବାହାରିଥିଲା। ରେଲୱେ ଫାଟକ ନିକଟରେ ବଲାଙ୍ଗୀର ନାଗରିକ କମିଟି ସଦସ୍ୟମାନେ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ଦଳ ବଲାଙ୍ଗୀର ସହର ପରିକ୍ରମା କରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ପ୍ରତାପ ଚନ୍ଦ୍ର ରଥ, ଡ. ଅଭିମନ୍ୟୁ ମିଶ୍ର, ଆହ୍ଲାଦ ପୂଜାରୀ, ମନୋରଞ୍ଜନ ସାହୁ, ଜୟରାମ ମିଶ୍ର, ଲୋକନାଥ କୁମରା, ଘାସିରାମ ବେହେରା, ରାମଶଙ୍କର ଶତପଥୀ, ତୋଫାନ୍ ନାଏକ, କାଳିନ୍ଦୀ ମାଝି, ପ୍ରଶାନ୍ତ ସ୍ୱାଇଁ, ଗୋପଭୂଷଣ ନାଥ, ପଙ୍କଜିନୀ ପଣ୍ଡା, ଅଶୋକ ମିଶ୍ର, ସଂଗ୍ରାମ ବହିଦାର, ବୁଲୁ ଦାନୀ, ସୁରୁଲାଲ ମଟାରୀ, ଶୁଭ୍ରାଂଶୁ ପଣ୍ଡା, ଜୁଲୁ ପଟ୍ଟନାୟକ, ଅସିତ ମିଶ୍ର, ଦେବଦତ୍ତ ବେହେରା, ଜୟନାରାୟଣ ବହିଦାର, ବିନୋଦ କାଳସାଏ, ଅଙ୍କୁଶ ପାଣ୍ଡିଆ, ରଞ୍ଜିତ ମିଶ୍ର, ରିଲୁ ରଥ, ଚିତ୍ତରଞ୍ଜନ ଦାଶ, ଅଖିଳ ଚନ୍ଦ୍ର ହୋତା, ଧର୍ମେନ୍ଦ୍ର ନନ୍ଦ, ଯୁଧିଷ୍ଠିର ମେହେର, ଦୀନେଶ ଶର୍ମା, ସନ୍ଦୀପ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହ ୫୦ ଦିନ ବ୍ୟାପୀ ଅନୁଷ୍ଠିତ ହେବ।

## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ଟିଟିଲାଗଡ,୯।୮ (ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଟିଟିଲାଗଡ ବ୍ଲକର ସାମ୍ବିଧାନିକ ସମ୍ମିଳନୀ ଦିଗଶିରା ହାଇସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଶିବ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁଧାଂଶୁ ଶେଖର ବାବୁ, ଗୋପୀନାଥ ମିଶ୍ର, ଦୁର୍ଗାମାଧବ ସାହୁ, ଲୋକନାଥ ମେହେର ଓ ପ୍ରଦୀପ ପଟେଲ ଉପସ୍ଥିତ ଥିଲେ। ସଂଘ ଉପସଭାପତି ଧରଣୀଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଦିଲ୍ଲୀପ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଦାବି ଦିବସ ରୂପେ ସଂଘ ପକ୍ଷରୁ ପାଳନ କରାଯିବାକୁ ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ। ସମ୍ମିଳନୀର ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଅଧିକାରୀ ସୁଧୀର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆଗାମୀ ତିନି ବର୍ଷ ପାଇଁ ଟିଟିଲାଗଡ ବ୍ଲକର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଂଘ ସଭାପତିଭାବେ ପିତାମ୍ବର ଛତର, ଉପସଭାପତି ଶେଫାଳୀ ପଟ୍ଟନାୟକ ଓ ତପନ ସାହୁ, କାର୍ଯ୍ୟକାରୀ ସଭାପତି ଭଗବାନ ସାହୁ, ସମ୍ପାଦକ ଗୋବର୍ଦ୍ଧନ ସାହୁ, ସହ ସମ୍ପାଦକ ସୁଚିସ୍ମିତା ରଥ ଓ ପୀତବାସ ପଟେଲ,କାର୍ଯ୍ୟକାରୀ ସମ୍ପାଦକ ଭାବେ ପ୍ରଫୁଲ୍ଲ ପ୍ରଧାନି ନିର୍ବାଚିତ ହୋଇଛନ୍ତି। ଟିକେରାମ ବରଗର୍ତ୍ତୀ, ଦେବସାଗର ବାଗ, ପୁଣ୍ୟବନ୍ତ ସାହୁ ଜିଲାସ୍ତରୀୟ ସଭ୍ୟ ଏବଂ ଦିଗାମ୍ବର ପାଢ଼ୀ, ତ୍ରିଲୋକ୍ୟ ଜେନା ରାଜ୍ୟସ୍ତରୀୟ ସଭ୍ୟଭାବେ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ସର୍ବସମ୍ମତିକ୍ରମେ ଗୋପୀନାଥ ମିଶ୍ର, ଶିବ ଶଙ୍କର ହୋତା ଓ ଦୁର୍ଗା ମାଧବ ହୋତା ନିର୍ବାଚିତ ହୋଇଥିଲେ। ଶିକ୍ଷକ ରୂପେନ୍ଦ୍ର ବରଗର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ।

## କୃଷି, ଜଳସେଚନ ସମ୍ପର୍କିତ ସମନ୍ୱୟ ବୈଠକ

ଖପ୍ରାଖୋଲ,୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟରେ କୃଷି ଓ ଜଳସେଚନ ସମ୍ପର୍କିତ ସମନ୍ୱୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ବାରିକ, ଉଠା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ବଳରାମ ବେହେରା, ସମବାୟ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ଶଙ୍କର ମିଶ୍ର, ପ୍ରାଣୀସମ୍ପଦ ବିଭାଗ ଅଧିକାରୀ କାରୁ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚଳିତ ଖରିଫ ଋତୁରେ ଚାଷର ଅଗ୍ରଗତି ଓ ଜଳସେଚନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ବୈଠକରେ, ସମସ୍ତ ରାଜସ୍ୱ ନିରୀକ୍ଷକ, କୃଷି ଓ ଉଦ୍ୟାନ କୃଷିବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ତହସିଲଦାର, କୃଷି ଅଧିକାରୀ ଓ ଆର.ଆଇମାନେ।

## ସଂସ୍କୃତ ସପ୍ତାହୋତ୍ସବ

ବଲାଙ୍ଗୀର ଅଫିସ,୯।୮

ସଂସ୍କୃତ ଭାଷାର ପ୍ରଚାର ପ୍ରସାର, ପୁନରୁତ୍ଥାନ ନିମନ୍ତେ ବଲାଙ୍ଗୀର ସଂସ୍କୃତ ଭାରତୀ ପକ୍ଷରୁ ସଂସ୍କୃତ ସପ୍ତାହୋତ୍ସବ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତାଭାବେ ପଣ୍ଡିତ ଟୀକେଶ୍ୱର ଗୁରୁ, ମୁଖ୍ୟଅତିଥି ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଯୋଗଦେଇଥିଲେ। ଏହି ଭାଷାର ଅଧ୍ୟୟନ ଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଂସ୍କୃତ ଭାରତୀର ପ୍ରାନ୍ତ ସମ୍ପାଦକ ତଥା ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଧର୍ମରାଜ ବାଗ ସଂସ୍କୃତର ବିଶେଷତା ବିଷୟରେ କହିଥିଲେ। ବିଭିନ୍ନ ପ୍ରତିଯୋଗିତା ଓ ସଭା ସଞ୍ଚାଳନ ଜିଲା ସଂଯୋଜକ ଶେଷଦେବ ମିଶ୍ର କରିଥିଲେ। ଗୀତ, ନୃତ୍ୟ, କଥୋପକଥନ, ଶ୍ଳୋକ ଉଚ୍ଚାରଣ ତଥା ସାଧାରଣ ଜ୍ଞାନ ପରୀକ୍ଷାର କୃତୀ ପ୍ରତିଭାଗୀମାନଙ୍କୁ ପୁରସ୍କାର କରାଯାଇଥିଲା। ତପନ କୁମାର ପ୍ରଧାନ, ଦିବ୍ୟ ଥନାପତି, ରୀନା ମିଶ୍ର, ହୀରାକାନ୍ତୀ ମାଝି, ଶ୍ୱେତପଦ୍ମା ଷଡଙ୍ଗୀ, ଟୀକେଶ୍ୱର ବିଶିଓ ସଂସ୍କୃତ ଶିକ୍ଷକ, ଅଧ୍ୟାପକ, ସଂସ୍କୃତାନୁରାଗୀ ଅଭିଭାବକ ସହଯୋଗ କରିଥିଲେ।

## ବିକାଶ ପାଇଁ ସଂଗ୍ରାମ ଲୋଡ଼ା



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଖପ୍ରାଖୋଲ, ୯।୮(ଡି.ଏନ.ଏ.)

**ତେଲେନପାଲିରେ ବିଶ୍ୱ ଆଦିବାସୀ ଦିବସ ପାଳିତ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ବିଶ୍ୱ ଆଦିବାସୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆଦିବାସୀ କର୍ମଚାରୀ ସଂଘ ସଭାପତି ନିହାର ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ହରିଶଙ୍କର ବନବିଭାଗ ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ଅଭିରାମ ମଲ୍ଲିକ, ସମ୍ମାନିତ ଅତିଥି ଆଦିବାସୀ କଲ୍ୟାଣ ସଂଘ ବ୍ଲକ ସଭାପତି ବିପ୍ର ବିଶି, ସଂଗଠକ ଶ୍ରୀପତି କୁମ୍ଭାର ଯୋଗଦେଇ ବିଶ ଆଦିବାସୀ ଦିବସର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ସାମଗ୍ରିକ ବିକାଶ ପାଇଁ ସମସ୍ତ ଆଦିବାସୀ ସଙ୍ଗଠିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଆଦିବାସୀଙ୍କ ଭାଷା, ସଂସ୍କୃତି, ପରମ୍ପରା, ପୂଜା, ରୀତିନୀତି ସୁରକ୍ଷା ସହ ସାମାଜିକ ଏବଂ ଅର୍ଥନୈତିକ ବିକାଶ ଉପରେ ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ଧାରୁଆ, ସତ୍ୟାନନ୍ଦ ଭୋଇ, ଗୋଲାପ ବିଶି, ଶଶି ବିଶି, କରୁଣାକର ଧରୁଆ, ବୃନ୍ଦାବନ ଧରୁଆ, ଯୁଗୁଲେ ବାଗ, ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## କୁଲି ମେହେର ସମାଜ ପାଳିଲା ଆଦିବାସୀ ଦିବସ

ଲୋଇସିଂହା, ୯।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଉଲବାଠାରେ ନିଖିଳ ଉତ୍କଳ କୁଲି ମେହେର ସମାଜ ତରଫରୁ ବିଶ୍ୱ ଆଦିବାସୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ମା କରମସାନୀ ଓ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା । ରାଜ୍ୟ ସଭାପତି ଧନସିଂ ମେହେର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମେହେର, ମୁଖ୍ୟ ଉପଦେଷ୍ଟା ଦୀନବନ୍ଧୁ ମେହେର, ଜିଲା ଉପଦେଷ୍ଟା ଶଙ୍କର ମେହେର ଅତିଥିଭାବେ ଯୋଗଦେଇଥିଲେ । ସମାଜର ଭାଇଭାଉଣୀଙ୍କ ସାମ୍ବିଧାନିକ ଅଧିକାର, ପ୍ରକୃତି ସୁରକ୍ଷା, ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ସମ୍ପ୍ରସାରଣ, ଆଦିବାସୀ ମହିଳାଙ୍କ ଭୂମିକା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାଦେବ ମେହେର, ପ୍ରେମାନନ୍ଦ ମେହେର, ସୁଜାତା ମେହେର, ମହେନ୍ଦ୍ର ମେହେର, ହିମାଞ୍ଚଳ ମେହେର, ସୁରେଶ ମେହେର, ଦୁର୍ଗାପ୍ରସାଦ ମେହେର ସଭାରେ ଯୋଗଦେଇଥିଲେ ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମାଜର ଯୁବତୀ ଓ ଅନ୍ୟମାନେ।

## ପରମ୍ପରା, ସଂସ୍କୃତି ବଜାୟ ରଖିବାକୁ ସଙ୍କଳ୍ପ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତା।

ଲୋଇସିଂହା,୯।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ସଭାରେ ବ୍ଲକ ଅନ୍ତର୍ଗତ ୨୦ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ। ସଭାରେ ବଂଶୀଧର କାଲସାଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଆଦିବାସୀ ସଂଘ ଉପଦେଷ୍ଟା ସତ୍ୟନାରାୟଣ ଭୋଇ ମୁଖ୍ୟ ଅତିଥି,ଗଣ୍ଡୱାନା ଗୋଣ୍ଡ ମହାସଭା ସଭାପତି ଶ୍ୟାମସୁନ୍ଦର ଭୋଇ ମଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଆଦିବାସୀଙ୍କ ଭାଷା, ପରମ୍ପରା ଓ ସଂସ୍କୃତିକୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ ଅତିଥି। ନିଜର ପରମ୍ପରା ଓ ସଂସ୍କୃତିକୁ ଭୁଲି ଅନ୍ୟର ପରମ୍ପରାକୁ ଆପଣାଇବା ଆମେ ଦିନେ ସର୍ବ ସାଧାରଣ ତଥା ଜାତି ସମାଜକୁ କୁଠାରଘଷାତ କରି ଆଦିବସୀ ମାନ୍ୟତା ହରାଇ ଦେବାକୁ ବେଶୀ ସମୟ ଲାଗିବ ନାହିଁ। ଏଣୁ ଆଦିବସୀ ପରମ୍ପରା ତଥା ସଂସ୍କୃତିକୁ ବଜାୟ ରଖିବା ପାଇଁ ସଙ୍କଳ୍ପ ନେବାକୁ କହିଥିଲେ। ଏହି ଦିବସକୁ ଆଗାମୀ ଦିନରେ ଛୁଟି ଘୋଷଣା କରିବାକୁ ସରକାରଙ୍କଠାରେ ଦାବି ଉପସ୍ଥାପନା କରିବାକୁ ମତପ୍ରକାଶ ପାଇଥିଲା। ସମାଜର ଗରିବ ଲୋକଙ୍କ ଉପକୃତ ପାଇଁ ଆଗାମୀ ଦିନରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ସଭାକୁ ଦଶରଥ ଛତ୍ରିଆ ସଂଯୋଜନା କରିଥିଲେ । କୁମର ସଲତର, ଗୋପାଳ ପଧାନ, ଦେବରାଜ ଭୋଇ, ଦୁର୍ଜନ କୁମୁରା, ଗୋବର୍ଦ୍ଧନ ଧରୁଆ, ଦେବାଶିଷ ବିଶୋଇ, ଭୀଷ୍ମ ବରିହା, ମିଶ୍ର ବରିହା ପ୍ରମୁଖ ସହଯୋଗ କରିଥିଲେ । ରାଜେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଗଠିତ ହେବା ବେଳ ଆସିଛି

ମୁରିବାହାଲ,୯।୮(ଡି.ଏନ.ଏ.)

**ମୁରିବାହାଲରେ ପାଳିତ ହେଲା ବିଶ୍ୱ ଆଦିବାସୀ ଦିବସ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମଙ୍ଗଳବାର ଆଦିବାସୀ ଭବନଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ବ୍ଲକ ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଦିବସଭାବେ ଘୋଷଣା କରିବା ଉପରେ ଅତିଥିମାନେ ମତ ରଖିଥିଲେ। ଆଦିବାସୀଙ୍କ ସାମଗ୍ରିକ ବିକାଶ କିଭଳି ସାଧିତ ହୋଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମାନୀତ ଅତିଥିଭାବେ ଚୂଡାମଣି ପୂଝାରି, ଶ୍ରୀକାନ୍ତ ଭୋଇ ଉପସ୍ଥିତ ଥିଲେ। ଆଦିବାସୀଙ୍କ ପୂଜାସ୍ଥଳଗୁଡିକର ବିକାଶ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନରେ ଯଦୁମଣି ଭୋଇ, ଦୁଲବ ଭୋଇ, ଲକ୍ଷ୍ମୀ ମାଝି, ଯୁଧିଷ୍ଠିର ଭୋଇ, ସରକୁଟୁ ମାଝିଟ୍, ଭରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ଆଦିବାସୀ ଦିବସ ପାଳନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ଯୁକ୍ତ ୨ ପରୀକ୍ଷାରେ ଅଦିତିର ଶତ ପ୍ରତିଶତ ସଫଳତା

ସୋନପୁର,୯।୮(ନି.ପ୍ର.): ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଅବସ୍ଥିତ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରି ପୂର୍ବ ରେକର୍ଡ ବଜାୟ ରଖିଛି। ମୋଟ ୧୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୩ ଜଣ ଓ ତୃତୀୟ ଶ୍ରେଣୀରେ ୩ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି । ଜିଲାର ଏହା ଏକମାତ୍ର ଆବାସିକ କଳା ଯୁକ୍ତ ୨ ବିଦ୍ୟାଳୟ । ବିଦ୍ୟାଳୟର ଚେୟାରମ୍ୟାନ ଡ. ଜ୍ୟୋତିରଞ୍ଜନ ବହିଦାର ଏହାର ଶ୍ରେୟ ଛାତ୍ରୀଛାତ୍ରଙ୍କ ଅଧ୍ୟବସାୟ, ଅଧ୍ୟାପିକା ଅଧ୍ୟାପକଙ୍କ ନିଷ୍ଠା ଓ ଅଧ୍ୟକ୍ଷା ଲିଖିତ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନକୁ ଦେଇଛନ୍ତି ।

### ୬୯ ଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍

**ବୌଦ୍ଧ ମହିଳା କଲେଜରେ ଯୁକ୍ତ ୨ କଳା ପରୀକ୍ଷା ଫଳ**

ବୌଦ୍ଧ,୯।୮(ସ୍ୱ.ପ୍ର.): ଯୁକ୍ତ ୨ କଳା ପରୀକ୍ଷାରେ ବୌଦ୍ଧ ମହିଳା କଲେଜ ଛାତ୍ରୀମାନଙ୍କୁ ଭଲ ସଫଳତା ମିଳିଛି। କଲେଜ ଅଧ୍ୟକ୍ଷ ରବିନ୍ଦ୍ରନାଥ ଗୁରୁଙ୍କ ନିକଟରୁ ମିଳିଥିବା ସୂଚନା ମୁତାବକ, କଲେଜର ୧୨୧ ଜଣ ଛାତ୍ରୀ ଯୁକ୍ତ ଦୁଇ କଳା ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୧୩ ଜଣ ଛାତ୍ରୀ ପାସ୍ କରିଛନ୍ତି । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୯ଜଣ, ଦ୍ୱିତୀୟରେ ୨୪ ଜଣ, ତୃତୀୟରେ ୨୦ ଜଣ ଛାତ୍ରୀ ପାସ୍ କରିଛନ୍ତି। ସମୁଦାୟ ପାସ୍ ହାର ୯୩.୩୮ ପ୍ରତିଶତ ହୋଇଛି। ଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକମାନଙ୍କ କଠିନ ପରିଶ୍ରମ ଦ୍ୱାରା କଲେଜକୁ ଏହି ସଫଳତା ମିଳିପାରିଛି ବୋଲି ଅଧ୍ୟକ୍ଷ ଗୁରୁ ପ୍ରକାଶ କରିଛନ୍ତି ।

### ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ନେଇ ଗଣ୍ଡଗୋଳ

ଅମରପାଲି,୯।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଗବର ପଞ୍ଚାୟତ ଅଧୀନ ଫୁଲଚରା ଗାଁରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ନେଇ ଗଣ୍ଡଗୋଳ ଘଟିଛି। ଅଭିଯୋଗ ଅନୁସାରେ, ଗ୍ରାମରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ବ୍ୟୟ ଅଟକଳ ସରିଥିଲା। ରାଜସ୍ୱ ନିରୀକ୍ଷକ ଓ ବ୍ଲକ ଯନ୍ତ୍ରୀଙ୍କ ଉପସ୍ଥିତିରେ ସ୍ଥାନ ନିର୍ଦ୍ଧାରଣ ହୋଇଥିଲା। କାର୍ଯ୍ୟ ଆରମ୍ଭ କରିବା ପାଇଁ ଫଳକ ନିର୍ମାଣ ପରେ କିଛି ଖଳ ପ୍ରକୃତିର ଲୋକ ଆସି ଫଳକକୁ ଭାଙ୍ଗିବା ସହ ନିର୍ମାଣ ଦାୟିତ୍ୱରେ ଥିବା ଗାଁ ର ପର୍ଶୁରାମ ଲୁହାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରିଥିଲେ । ପର୍ଶୁରାମ ବୀରମହାରାଜପୁର ବିଡିଓ ଓ ବୀରମହାରାଜପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା(୧୬୮/୨୨)ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

### ଋଣ ଟଙ୍କା ଆତ୍ମସାତ: ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ଲୋଇସିଂହା,୯।୮(ଡି.ଏନ.ଏ.): ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ପ୍ରାଥମିକ କୃଷି ସମବାୟ ସମିତିରେ କେତେକ ଚାଷୀଙ୍କ ଋଣ ଟଙ୍କା ଆତ୍ମସାତ ହୋଇଛି। ଏ ନେଇ କେତେକ ଚାଷୀ ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମନହୀରା ପଞ୍ଚାୟତର ମଦନ ସାହୁ, ଭୂଜ ରଣା, ବିନୋଦ ବଡକା ଓ ମିତ୍ରଭାନୁ ବେହେରା ଖରିଫ ଚାଷ ପାଇଁ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିରେ ଋଣ ପାଇଁ ଆବେଦନ କରିଥିଲେ। ଜଣପିଛା ୧୦ହଜାର ଲେଖାଏ ଋଣ ମଞ୍ଜୁର ହୋଇଥିବା ଜାଣି ସେମାନେ ଖୁସି ହୋଇଥିଲେ । ହେଲେ ପାକ୍ସ କର୍ତ୍ତୃପକ୍ଷ ସେମାନଙ୍କଠାରୁ ୨ଟି ଖାଲି ଚେକରେ ଦସ୍ତଖତ ନେଇ ଯାଇଥିଲେ। ଋଣ ଟଙ୍କା ଉଠାଣ କରି ସେମାନଙ୍କୁ ୨ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ବାକି ଟଙ୍କାର ରସିଦ ମାଗିବାରୁ ପରେ ଦେବାକୁ କର୍ତ୍ତୃପକ୍ଷ କହିଥିଲେ । ଅଂଶଧନ ଓ ବୀମା ଟଙ୍କା କାଟି ଜଣ ପିଛା ୧୫ ଶହରୁ ୨ ହଜାର ଟଙ୍କା ଆତ୍ମସାତ କରିଥିବା ଜଣାପଡିଥିଲା। ଏପରି ସମିତିର ଅନ୍ୟଚାଷୀମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଚାଷୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# କାଞ୍ଜିଆହୁଦାରେ ଥିବା ୧୩୨ଗୋରୁଙ୍କ ମିଳୁନି ପତ୍ତା

ସୋନପୁର,୯।୮(ନି.ପ୍ର.)

ସୋନପୁର ପଟାଭାଡି(କୋହ୍ଲପଡା)ସ୍ଥିତ କାଞ୍ଜିଆହୁଦାରେ ଥିବା ୧୩୨ଗୋରୁଙ୍କ ପତ୍ତା ମିଳୁନି। ଗତ ୫ ଦିନ ହେଲା ଏହି ଗୋରୁଙ୍କୁ ପ୍ରଶାସନ ଠାବ କରି ପାରନାହିଁ। ଏତେ ସଂଖ୍ୟକ ଗୋରୁ ଠାବ ହୋଇ ନ ପାରିବା ଆଲୋଚନାର ବିଷୟ ପାଲଟିଛି।

ପୌର ପ୍ରଶାସନର ନିଷ୍ପତ୍ତି ଅନୁସାରେ, ଗତବର୍ଷ ଅଗଷ୍ଟ ୧୬ ତାରିଖରୁ ପୌରାଞ୍ଚଳର ବୁଲା ଗୋରୁଙ୍କୁ ସହର ଉପକଣ୍ଠ କୋହ୍ଲପଡା କାଞ୍ଜିଆହୁଦାରେ ରଖାଯାଇଥିଲା। ପ୍ରଥମେ ୧୫୦ରୁ ଉର୍ଦ୍ଧ୍ୱ ବୁଲା ଗୋରୁ ଥିଲେ। ଏହା ହ୍ରାସ ପାଇ ୫୫ରେ ପହଞ୍ଚି ଥିଲା। କିଛିମାସ ପୂର୍ବରୁ ଏଠାରେ ଥିବା ସମସ୍ତ ଗୋରୁଙ୍କୁ ବିନିକାସ୍ଥିତ ଏକ ଗୋଶାଳାକୁ ସ୍ଥାନାନ୍ତର କରାଯାଇଥିଲା। ସହରର ବିଭିନ୍ନ ରାସ୍ତା, ଛକ ଓ ବଜାରରେ ବୁଲି ଟ୍ରାଫିକ୍ ଜାମ କରୁଥିବା ଓ ରାସ୍ତା ଅପରିଷ୍କାର କରୁଥିବା ୧୬୦ଗୋରୁଙ୍କୁ ପରିଷଦ ପକ୍ଷରୁ ଗତ ଜୁଲାଇ ମାସରେ ଧରାଯାଇ କାଞ୍ଜିଆହୁଦାରେ ରଖାଯାଇଥିଲା। କିନ୍ତୁ ଗତ ୪ ତାରିଖ ରାତିରେ ସମସ୍ତ ଗୋରୁ କୁଆଡେ ଚାଲି ଯାଇଥିଲେ ଜଣାପଡିନାହିଁ। କାଞ୍ଜିଆହୁଦାରେ ରାତିରେ କୌଣସି ସୁରକ୍ଷା କର୍ମଚାରୀ ନିୟୋଜିତ ନ ଥିବାରୁ କୌଣସି ଦୁର୍ବୃତ୍ତ ଏହି ସୁଯୋଗରେ ଫାଟକ ତାଲା ଭାଙ୍ଗିବା ସହ ତାରବାଡ କାଟି ଦେଇଥିବା ଅଭିଯୋଗ ହୋଇଛି। ୫ତାରିଖ ସକାଳେ ଗୋରୁ ନ ଥିବା ଦେଖି କର୍ମଚାରୀମାନେ ଖୋଜାଖୋଜି କରିବା ସହ ସୋନପୁର ଟାଉନ ଥାନାରେ ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପରେ ୨୮ଟି ଗୋରୁଙ୍କୁ କର୍ମଚାରୀମାନେ ଠାବ କରି କାଞ୍ଜିଆହୁଦାକୁ ଆଣିଛନ୍ତି। ମାତ୍ର ଅନ୍ୟ ଗୋରୁଙ୍କ ପତ୍ତା ମିଳୁନି। ଗୋରୁଗୁଡିକୁ ମାଲିକ ମାନେ ନେଇଛନ୍ତି କିମ୍ବା ଗୋରୁ ବ୍ୟବସାୟୀମାନେ ଧରି ନେଇ ବିକ୍ରି କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ପ୍ରଶାସନ ଏଥିପ୍ରତି ସେତେଟା ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲା ସଦର ମହକୁମା ରାସ୍ତାରେ ବୁଲୁଥିବା ଓ ଦୁର୍ଘଟଣାର ଶିକାର ହେଉଥିବା ଗୋରୁଙ୍କୁ ପରିଷଦ ପକ୍ଷରୁ ଧରି କାଞ୍ଜିଆହୁଦାରେ ସର୍ବାଧିକ ୭ ଦିନ ପର୍ଯ୍ୟନ୍ତ ରଖାଯିବାର ବ୍ୟବସ୍ଥା ରହିଛି। ଏହି ସମୟସୀମା ମଧ୍ୟରେ ଯଦି ଗୋରୁ ମାଲିକ ନିଜର ମାଲିକାନା ଦାବି କରନ୍ତି ତେବେ ତାଙ୍କୁ ଦୈନିକ ୫ ଶହ ଟଙ୍କା ହିସାବରେ ଜରିମାନା କରାଯିବ। ଦାବିଦାର ନ ଥିବା ଗାଇଗୋରୁଙ୍କୁ ୭ଦିନ ପରେ ଯେ କୌଣସି ସମୟରେ ଜ୍ଞାତି ପରିବାର କିମ୍ବା ଆଗ୍ରହୀ ବ୍ୟକ୍ତିଙ୍କୁ ବିକ୍ରୟ କିମ୍ବା ବଣ୍ଟନ ବ୍ୟବସ୍ଥା ରହିଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଉଦ୍ୟମରେ ଏହି ଗୋ ଶ୍ରଦ୍ଧା ଯୋଜନା ଆରମ୍ଭ ହୋଇଥିଲା। ଗୋରୁଙ୍କୁ ରଖିବା ପାଇଁ ପୌର ପରିଷଦ ପକ୍ଷରୁ ଗୋ ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି। ଜିଲାପାଳ ନିଜସ୍ୱ ଉଦ୍ୟମରେ ଗୋରୁଙ୍କ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବା ସହ ସେବା ପାଇଁ କର୍ମଚାରୀ ନିୟୋଜିତ କରିଥିଲେ। ତେବେ କେତେକ କର୍ମଚାରୀ ଓ ପୌର ପରିଷଦର ଅବହେଳା କାରଣରୁ ଏହି କାର୍ଯ୍ୟକ୍ରମ ବିଫଳ ହେବାକୁ ବସିଛି।



ସଭାରେ ଉପସ୍ଥିତ ଭାଜପା ନେତୃବୃନ୍ଦ ।

# ବିନିକାରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ସୋନପୁର,୯।୮(ନି.ପ୍ର.)

ଦେଶ ସ୍ୱାଧୀନ ହେବାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦି କା ଅମୃତ ମହୋତ୍ସବ ପାଳନ ହେଉଛି। ଏହି ଉପଲକ୍ଷେ ଭାରତବର୍ଷର ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ସକାଶେ ଦିଆ ଯାଇଥିବା ଆହ୍ୱାନକୁ ସଫଳ କରିବା ପାଇଁ ଭାଜପା ପକ୍ଷରୁ ପ୍ରୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିନିକା ଭାଜପା ତରଫରୁ ମଙ୍ଗଳବାର ସ୍ଥାନୀୟ ଯୋଗେଶ୍ୱର ମନ୍ଦିରଠାରୁ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରି ସବୁ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସୁବର୍ଣ୍ଣପୁର ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର ଶୋଭାଯାତ୍ରାକାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏମ୍‌ପି ପ୍ରତିନିଧି ତଥା ଯୁବ ଓକିଲ ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସନାଙ୍କ ନେତୃତ୍ୱରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ଏକ ସଭା ହୋଇଥିଲା । ଏଥିରେ ବରିଷ୍ଠ ଭାଜପା ନେତା ଆନନ୍ଦ ବାରିକ, ଏମ୍‌ପି ପ୍ରତିନିଧି ଶରତ ଶତପଥୀ, ସରପଞ୍ଚ ଅଶୋକ ପୃଷ୍ଟି, ବିଶ୍ୱମ୍ଭର ମିଶ୍ର, ସମ୍ପିତ ନେପାକ, ବିଶଦେବ ବଡ଼ପଣ୍ଡା, ଗୋପାଳ କୃଷ୍ଣ ମହାଲିଙ୍ଗ, ଭୁବନେଶ୍ୱର ପାତ୍ର, ଧର୍ମେନ୍ଦ୍ର ସାହୁ, ମଧୁସୂଦନ କ୍ଷେତି, ଅଜିତ ସାମନ୍ତରାୟ, କୃଷ୍ଣଚନ୍ଦ୍ର କୁମ୍ଭାର, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା, ଚନ୍ଦ୍ରମା ଅଗ୍ରୱାଲ, ସୁରଚି ବେହେରା ପ୍ରମୁଖ ଯୋଗଦେଇ ତ୍ରିରଙ୍ଗା ଭାରତର ଗର୍ବ, ଗୌରବ ଓ ଏକତାର ପ୍ରତୀକ ବୋଲି କହିବା ସହ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

# କୃଷି, ଜଳସେଚନ ସମ୍ପର୍କିତ ସମନ୍ୱୟ ବୈଠକ



ବୈଠକରେ ଉପସ୍ଥିତ ତହସିଲଦାର, କୃଷି ଅଧିକାରୀ ଓ ଆର.ଆଇମାନେ।

ଖପ୍ରାଖୋଲ,୯।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟରେ କୃଷି ଓ ଜଳସେଚନ ସମ୍ପର୍କିତ ସମନ୍ୱୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ବାରିକ, ଉଠା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ବଳରାମ ବେହେରା, ସମବାୟ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ଶଙ୍କର ମିଶ୍ର, ପ୍ରାଣୀସମ୍ପଦ ବିଭାଗ ଅଧିକାରୀ କାରୁ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ଖରିଫ ଋତୁରେ ଚାଷର ଅଗ୍ରଗତି ଓ ଜଳସେଚନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ବୈଠକରେ, ସମସ୍ତ ରାଜସ୍ୱ ନିରୀକ୍ଷକ, କୃଷି ଓ ଉଦ୍ୟାନ କୃଷିବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ଟିଟିଲାଗଡ,୯।୮ (ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଟିଟିଲାଗଡ ବ୍ଲକର ସାମ୍ବିଧାନିକ ସମ୍ମିଳନୀ ଦିଗଶିରା ହାଇସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଶିବ ଶଙ୍କର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁଧାଂଶୁ ଶେଖର ବାବୁ, ଗୋପୀନାଥ ମିଶ୍ର, ଦୁର୍ଗାମାଧବ ସାହୁ, ଲୋକନାଥ ମେହେର ଓ ପ୍ରଦୀପ ପଟେଲ ଉପସ୍ଥିତ ଥିଲେ। ସଂଘ ଉପସଭାପତି ଧରଣୀଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଦିଲ୍ଲୀପ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଦାବି ଦିବସ ରୂପେ ସଂଘ ପକ୍ଷରୁ ପାଳନ କରାଯିବାକୁ ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ। ସମ୍ମିଳନୀର ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଅଧିକାରୀ ସୁଧୀର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆଗାମୀ ତିନି ବର୍ଷ ପାଇଁ ଟିଟିଲାଗଡ ବ୍ଲକର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଂଘ ସଭାପତିଭାବେ ପିତାମ୍ବର ଛତର, ଉପସଭାପତି ଶେଫାଳୀ ପଟ୍ଟନାୟକ ଓ ତପନ ସାହୁ, କାର୍ଯ୍ୟକାରୀ ସଭାପତି ଭଗବାନ ସାହୁ, ସମ୍ପାଦକ ଗୋବର୍ଦ୍ଧନ ସାହୁ, ସହ ସମ୍ପାଦକ ସୁଚିସ୍ମିତା ରଥ ଓ ପୀତବାସ ପଟେଲ,କାର୍ଯ୍ୟକାରୀ ସମ୍ପାଦକ ଭାବେ ପ୍ରଫୁଲ୍ଲ ପ୍ରଧାନି ନିର୍ବାଚିତ ହୋଇଛନ୍ତି। ଟିକେରାମ ବଗର୍ତ୍ତୀ, ଦେବସାଗର ବାଗ, ପୁଣ୍ୟବନ୍ତ ସାହୁ ଜିଲାସ୍ତରୀୟ ସଭ୍ୟ ଏବଂ ଦିଗାମ୍ବର ପାଢ଼ୀ, ତ୍ରିଲୋକ୍ୟ ଜେନା ରାଜ୍ୟସ୍ତରୀୟ ସଭ୍ୟଭାବେ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ସର୍ବସମ୍ମତିକ୍ରମେ ଗୋପୀନାଥ ମିଶ୍ର, ଶିବ ଶଙ୍କର ହୋତା ଓ ଦୁର୍ଗା ମାଧବ ହୋତା ନିର୍ବାଚିତ ହୋଇଥିଲେ। ଶିକ୍ଷକ ରୂପେନ୍ଦ୍ର ବଗର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଖା ବଦଳାଇ ଗୋଦାମରୁ ଚାଉଳ ଚୋରା ଚାଲାଣ



ଭାଇରାଲ ହୋଇଥିବା ଫଟୋ।

ବାଉଁଶୁଣୀ,୯।୮(ଡି.ଏନ.ଏ.)

**ସୋସିଆଲ ମିଡିଆରେ ଫଟୋ ଭାଇରାଲ**

ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତରେ ଜାତୀୟ ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାର ଚାଉଳ ଗୋଦାମରୁ ନିୟମିତ ଭାବରେ ବାହାରକୁ ଚାଉଳ ଚୋରା ଚାଲାଣ ହେଉଥିବା ସମ୍ପର୍କିତ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଭାଇରାଲ ଭିଡିଓରେ ଅଖା ବଦଳାଇ ଚାଉଳ ଗୋଦାମ ବାହାରକୁ ଚାଲାଣ ହେଉଥିବା ଦେଖାଯାଇଛି । ଖାଦ୍ୟ ନିରାପତ୍ତା ଯୋଜନାର ବସ୍ତାରେ ଚାଉଳ ନ ନେଇ ସାର କିମ୍ବା ଚିନି ଆସୁଥିବା ଧଳା ଜରି ବସ୍ତା ବ୍ୟବହାର କରାଯାଉଥିବା ଏଥିରେ ଦେଖିବାକୁ ମିଳିଛି। ମୂଲିଆ ଲଗାଇ ପଞ୍ଚାୟତ ଗୋଦାମ ମଧ୍ୟରେ ପ୍ରଥମେ ଅଖା ଚାଉଳ ବସ୍ତାରୁ ଜରି ବସ୍ତାକୁ ଚାଉଳ ବଦଳା ଯାଉଛି । ଯେପରି ଲୋକେ ଏହା ଚାଉଳ ବୋଲି ଜାଣିପାରିବେ ନାହିଁ, ସେଥିପାଇଁ ଏପରି ଅଭିନବ ପ୍ରୟାସ କରାଯାଉଛି । ଏହାପରେ ଗାଡିରେ ଲଦା ହୋଇ ପାର୍ ହେଉଥିବା ଅଭିଯୋଗ ହେଉଛି । ଏସମ୍ପର୍କରେ ବୌଦ୍ଧ ବିଡିଓ ଓ ଜିଲା ଯୋଗାଣ ଅଧିକାରୀ ସତ୍ୟାସତ୍ୟ ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଫଟୋ ମେଲ ରେ ଯାଇଛି।

# କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବ ଯାତ୍ରା




କଂଗ୍ରେସର ଗୌରବ ଯାତ୍ରା।

ବୌଦ୍ଧ,୯।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ଠାରୁ ସ୍ୱାଧୀନତାର ଗୌରବ ଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳ ପକ୍ଷରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା । ବୌଦ୍ଧ ସହରସ୍ଥିତ ହାତୀଶାଳ ଛକଠାରେ ଥିବା ମହାତ୍ମାଗାନ୍ଧୀ ଓ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଯାତ୍ରା ଆରମ୍ଭ କରାଯାଇଥିଲା। ଏଥିରେ କଂଗ୍ରେସର ବୌଦ୍ଧ ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ବିନୋଦ ପାତ୍ର ମଧ୍ୟ ଯୋଗଦେଇଥିଲେ। ଏହି ଯାତ୍ରା ଜିଲାର ହରଭଙ୍ଗା ବ୍ଲକର ସରସରା ଗ୍ରାମ ପଞ୍ଚାୟତର ବଘାରପାଲି ଶିବ ମନ୍ଦିରଠାରୁ ଆରମ୍ଭ ହୋଇ ଧଳପୁର, ହରଭଙ୍ଗା, ଛତରଙ୍ଗ, ଚାରିଛକ, ପୁରୁଣାକଟକ, ହରେକୃଷ୍ଣପୁର, ରାଧାନଗର, ବାମଣ୍ଡା ଦେଇ ମାଉଳସିଙ୍ଗା ଛକ ପର୍ଯ୍ୟନ୍ତ ଯାଇଥିଲା। ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲୁ ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରା ସମୟରେ ସମରେଶ ମିଶ୍ର, ତାରେଣି ଜେନା, ଶାନ୍ତାନୁ ମାହାପାତ୍ର, ପଙ୍କଜ କର୍ଣ୍ଣ, ବାସୁଦେବ ପ୍ରଧାନ, ଗଣ୍ଡାଧର ସ୍ୱାଇଁ, ନାରାୟଣ ବେହେରା, ପୌଲସ୍ତି ପ୍ରଧାନ, ରୋହିତେଶ୍ୱର ବେହେରା, ନୀତିଶ ମେହେର, ଝରିଆ ସାହୁ, ଏସିଆ ଜେନା, ବିନୋଦ ସ୍ୱାଇଁ, ବେଣୁଧର ମେହେରଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ ।

# କୁଳି ମେହେର ସମାଜ ପାଳିଲା ଆଦିବାସୀ ଦିବସ

ଲୋଇସିଂହା, ୯।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଉଲବାଠାରେ ନିଖିଳ ଉତ୍କଳ କୁଳି ମେହେର ସମାଜ ତରଫରୁ ବିଶ୍ୱ ଆଦିବାସୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ମା କରମସାନୀ ଓ ପାରମ୍ପରିକ ଅସ୍ତ୍ରଶସ୍ତ୍ରକୁ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା। ରାଜ୍ୟ ସଭାପତି ଧନସିଂ ମେହେର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମେହେର, ମୁଖ୍ୟ ଉପଦେଷ୍ଟା ଦୀନବନ୍ଧୁ ମେହେର, ଜିଲା ଉପଦେଷ୍ଟା ଶଙ୍କର ମେହେର ଅତିଥିଭାବେ ଯୋଗଦେଇଥିଲେ। ସମାଜର ଭାଇଭାଉଣୀଙ୍କ ସାମ୍ବିଧାନିକ ଅଧିକାର, ପ୍ରକୃତି ସୁରକ୍ଷା, ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ସମ୍ପ୍ରସାରଣ, ଆଦିବାସୀ ମହିଳାଙ୍କ ଭୂମିକା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାଦେବ ମେହେର, ପ୍ରେମାନନ୍ଦ ମେହେର, ସୁଜାତା ମେହେର, ମହେନ୍ଦ୍ର ମେହେର, ହିମାଞ୍ଚଳ ମେହେର, ସୁରେଶ ମେହେର, ଦୁର୍ଗାପ୍ରସାଦ ମେହେର ସଭାରେ ଯୋଗଦେଇଥିଲେ ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମାଜର ଯୁବତୀ ଓ ଅନ୍ୟମାନେ।

# ଆଦିବାସୀଙ୍କ ଉନ୍ନତି ସରକାରଙ୍କ ମୂଳଲକ୍ଷ୍ୟ: ନିରଞ୍ଜନ

ତରଭା,୯।୮(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବିଶ୍ୱ ଆଦିବାସୀ ଦିବସ ପାଳିତ**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଆଦିବାସୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସଂଘ ସଭାପତି ଶିବ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ଉନ୍ନତି ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ ବୋଲି କହିଥିଲେ। ସୋନପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କହଁର, ତରଭା ଏନଏସି ଅଧ୍ୟକ୍ଷା ବନ୍ଦିତା ନାୟକ, ତରଭା ବ୍ଲକ ଅଧ୍ୟକ୍ଷା ସରୋଜ କୁମାର କମ୍ପ, ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ପୃଷ୍ଟି, ଭାରପ୍ରାପ୍ତ ବିଡ଼ିଓ ନିରଞ୍ଜନ ନାଏକ, ଜିଲା ଆଦିବାସୀ ସଂଘ ସଭାପତି ଯୋଗୀନ୍ଦ୍ର ଭୁଏ, ଜିଲା ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଆଦିବାସୀ ସମାଜ ସହିତ ସମ୍ପର୍କ ରଖି ସମାଜର ଉନ୍ନତି କରିବା ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ। ଆଦିବାସୀମାନଙ୍କ ପାଇଁ ସରକାରୀ ନିୟମାବଳୀ, ସୁବିଧା ନେଇ ପ୍ରକଳ୍ପ ନିର୍ଦ୍ଦେଶକ କହଁର କହିଥିଲେ। ଜିଲାସ୍ତରରେ ଆଦିବାସୀ ସମାଜର ସୁବିଧା ପାଇଁ ଏକ କଲ୍ୟାଣମଣ୍ଡପ ନିର୍ମାଣ, ଅଞ୍ଚଳରେ କୁଟିଆ ମଦ ଦୋକାନ ବନ୍ଦ କରିବା ପାଇଁ ସଂଘ ସଭାପତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଗାମୀ ଦିନରେ ଚୁଡାଖାଇ ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଆସିଯାଇଛି । ଏଣୁ ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରୋହିତ କୁଅଁର ଧନ୍ୟବାଦ ଦେଇଥିଲେ। ତରଭା ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମର ଆଦିବାସୀ ସମାଜର କର୍ମକର୍ତ୍ତା, ନିର୍ବାଚିତ ଲୋକପ୍ରତିନିଧିଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

## ରାସ୍ତାରୁ ଗଛ ହଟାଇଲେ ଅଗ୍ନିଶମ କର୍ମଚାରୀ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ୨୬ ନମ୍ବର ଜାତୀୟ ରାଜପଥଠାରୁ କନ୍ଦାଗଡ଼କୁ ସଂଯୋଗ କରୁଥିବା ଆରଡି ରାସ୍ତାରେ ଏକ ବିରାଟ ପଳାସ ଗଛ ପଡ଼ିଥିଲା। ଫଳରେ ଶୁକୁଲିଭଟା ନିକଟରେ ରାସ୍ତା ଅବରୋଧ ହୋଇଥିଲା। ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଆମପାଣି ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ କୋକସରା ଅଗ୍ନିଶମ କର୍ମଚାରୀଙ୍କୁ ୧୦୨ ଜରୁରୀ କାଳୀନ ସେବାରେ ଫୋନ କରି ଜଣାଇଥିଲେ। କିଛି ସମୟ ପରେ କୋକସରା ଅଗ୍ନିଶମ କର୍ମଚାରୀ ପହଞ୍ଚି ରାସ୍ତାରେ ପଡିଥିବା ଗଛକୁ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### କର୍ମନିଯୁକ୍ତି ମେଳାରେ ୨୫ ଯୁବତୀଯୁବକ ମନୋନୀତ

ଗୋଲାମୁଣ୍ଡା,୯।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଦିନଦୟଲ ଗ୍ରାମୀଣ କୋଶଳ କର୍ମ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୮ଟି ପଞ୍ଚାୟତର ଅନେକ ଶିକ୍ଷିତ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୫ଜଣ ଯୁବକଯୁବତୀ ବିଭିନ୍ନ ବିଭାଗରେ ତାଲିମ ନେବାକୁ ମନୋନୀତ ହୋଇଛନ୍ତି। ୪ଜଣ ଯୁବକ ପିଆଇଏ ଏଏସଏମଏସିଏସ କଟକରେ ଇଲେକ୍ଟ୍ରିସିଆନ ବିଭାଗରେ ତାଲିମ ନେବେ। ୧୭ଜଣ ଯୁବତୀ ପିଆଇଏ ଏଏସଏମଏସିଏସ ଭୁବନେଶ୍ୱରରେ ସିଲାଇ ବିଭାଗରେ ତାଲିମ ନେବେ ଓ ୪ଜଣ ଯୁବତୀ ପିଆଇଏ କାସ୍ୱଟନ ଭୁବନେଶ୍ୱରରେ ନର୍ସିଂ ବିଭାଗରେ ତାଲିମ ନେବେ। ଏହି ୨୫ ଜଣ ଯୁବକଯୁବତୀ କଟକ ଓ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ସୂଚନା ଦେଇଛନ୍ତି। ଏହି ଯୋଜନାରେ ବ୍ଲକର ଅନେକ ଯୁବକଯୁବତୀ ସାମିଲ ହୋଇ ମାଗଣାରେ ତାଲିମ ନେଇ ସରକାରଙ୍କ ସୀକୃତିପ୍ରାପ୍ତ ଅନେକ ବିଭିନ୍ନ ନାମିଦାମୀ କମ୍ପାନୀରେ ଚାକିରୀ କରି ସ୍ୱାବଲମ୍ବୀ ହେବାକୁ ଅଧକ୍ଷ ମହାନନ୍ଦ ଆହ୍ୱାନ କରିଛନ୍ତି।

### କର୍ଲାମୁଣ୍ଡା ବ୍ଲକ: ଯୁକ୍ତ ୨ରେ ୮୭.୧୪ % ପାସ୍

କର୍ଲାମୁଣ୍ଡା,୯।୮(ଡି.ଏନ.ଏ.): ଚଳିତବର୍ଷର ଯୁକ୍ତ ୨ କଳା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜେକେ କଲେଜ ଛାତ୍ରୀ ପୂଜା ଭୋଇ ୫୩୫ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ବ୍ଲକରେ ପ୍ରଥମ ଶ୍ରେଣୀରେ ୧୪୫ଜଣ, ଦ୍ୱିତୀୟ ଶ୍ରେଣୀରେ ୧୧୨ଜଣ, ତୃତୀୟ ଶ୍ରେଣୀରେ ୨୫୮ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୭୬ଜଣ ଛାତ୍ରୀଛାତ୍ର ଫେଲ ହୋଇଥିବା ଜଣାପଡିଛି। ବ୍ଲକର ୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ରିଷିଡ଼ା ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିରବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତେରେସିଙ୍ଗା, ହର ଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁସୁର୍ଲା, ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ଲାମୁଣ୍ଡା, ତେରେସିଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତେରେସିଙ୍ଗାର ରେଗୁଲାର ଓ ଏକ୍ସ ରେଗୁଲାର ମିଶି ମୋଟ ୫୯୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୧୫ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହା ୮୭.୧୪ % ପାସ୍ ହାର ରହିଛି।

# ଛାତ୍ରୀନିବାସରେ ରାତିରେ ରହୁନାହାନ୍ତି ୱାଡେନ

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ

■ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ

■ ୱାଡେନଙ୍କ ବଦଳି ଦାବି କଲେ ଅଭିଭାବକ




କେସିଙ୍ଗା,୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୨୦୦୬ରେ ସ୍ଥାପିତ ହୋଇଛି। ଛାତ୍ରୀନିବାସରେ ରାତିରେ ୱାଡେନ ରହୁ ନ ଥିବା ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟରେ ୨୦୦ଜଣ ଜନଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗର ଛାତ୍ରୀଙ୍କ ପାଇଁ ଛାତ୍ରୀନିବାସୀ ରହିଛି। ଛାତ୍ରୀନିବାସରେ ଜଣେ ହେଡ୍ କୁକର, ଜଣେ ଅତିରିକ୍ତ କୁକର, ୨ଜଣ ପାର୍ଟ ଟାଇମ ଶିକ୍ଷକ, ଜଣେ ଆଟେଣ୍ଡେଣ୍ଟ, ଜଣେ ୱାଡେନ ଓ ଜଣେ ଆକାଉଣ୍ଟ ରହିବା କଥା। ଏଥି ମଧ୍ୟରୁ ୨ ବର୍ଷ ହେଲା ଆକାଉଣ୍ଟ ପଦବୀ ଖାଲି ରହିଛି। ଛାତ୍ରୀ ନିବାସରେ ବର୍ତ୍ତମାନ ୧୦୬ଜଣ ଛାତ୍ରୀ ରହିଛନ୍ତି। ୨୦୧୦ରୁ ଜଣେ ମହିଳା ୱାଡେନ କାର୍ଯ୍ୟ କରି ଆସୁଛନ୍ତି।

ଛାତ୍ରୀନିବାସରେ ୱାଡେନ ୨୪ ଘଣ୍ଟା ଛାତ୍ରୀମାନଙ୍କ ସୁରକ୍ଷା ଦେବା, ସେମାନଙ୍କ ଖାଦ୍ୟ ପେୟଠାରୁ ସକାଳୁ ସନ୍ଧ୍ୟା ଓ ରାତିରେ ତାଙ୍କ ସହିତ ଶୋଇବା ନିୟମ ରହିଛି। କିନ୍ତୁ ରାତିରେ ୱାଡେନ ଛାତ୍ରୀନିବାସରେ ନ ଘରେ ରହୁଥିବା ଏବଂ ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଠାରେ ସମୁଦାୟ ୧୦୬ଜଣ ଛାତ୍ରୀ ରହୁଛନ୍ତି। ରାତିରେ ରହୁ ନ ଥିବାରୁ ୱାଡେନଙ୍କୁ ବଦଳି କରାଯିବା ପାଇଁ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସ୍କୁଲ ଶିକ୍ଷା କମିଟି ସଭାପତି କମଳ ବନଛୋରଙ୍କୁ ପଚାରିବାରୁ ୱାଡେନ ଛାତ୍ରୀ ନିବାସରେ ରହୁନାହାନ୍ତି। ୱାଡେନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା କଥା ବୋଲି କହିଛନ୍ତି। ୱାଡେନ ବନ୍ଦନା ସାହୁଙ୍କୁ ପଚାରିବାରୁ ମୋର ଦେହ ଠିକ ରହୁ ନ ଥିବାରୁ ଛାତ୍ରୀନିବା ସବୁ କାମ ସାରି ରାତ୍ରି ୧୧ଟା ପରେ ଘରକୁ ଯାଉଛି, ପୁଣି ସକାଳେ ଆସି ନିୟମିତ କାର୍ଯ୍ୟ କରୁଛି। ମୁଁ ଛାତ୍ରୀମାନଙ୍କୁ କେବେବି ଦୁର୍ବ୍ୟବହାର କରିନାହିଁ, ରାତିରେ ଅନ୍ୟ କର୍ମଚାରୀଙ୍କୁ ଦାୟିତ୍ୱ ଦେଇ ଘରେ ରହୁଛି ବୋଲି କହିଥିଲେ। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମାଝିଙ୍କୁ ପଚାରିବାରୁ ରାତ୍ରିରେ ଛାତ୍ରୀନିବାସରେ ୱାଡେନ ଛାତ୍ରୀମାନଙ୍କ ସହିତ ରାତିରେ ନିୟମିତ ରହୁନାହାନ୍ତି, ମୁଁ ନିଜେ ଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହିତ ଖାଦ୍ୟପେୟ, ମେଡ଼ିକାଲ ନେବା ଆଣିବା କାର୍ଯ୍ୟ କରୁଛି। ଅଭିଭାବକଙ୍କ ଅଭିଯୋଗ ଡିପିସିଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ନିକଟରେ ସବୁ ସମସ୍ୟା ଜଣେଇ ଦେଇଛି। ଡିପିସି ଭୁବନେଶ୍ୱର ଯାଇଛନ୍ତି, ଆସିଲେ ବିଚାର କରିବେ, ବର୍ତ୍ତମାନ ମୁଁ ହଷ୍ଟେଲ ଦାୟିତ୍ୱ ନେଇ ରହୁଛି ବୋଲି ପ୍ରକାଶ କରିଥିଲେ।

# ୨ ଯୁବକଙ୍କୁ ମାଡ଼ ମାରିବା ଘଟଣା: ୪ କୋର୍ଟ ଚାଲାଣ



ଗିରଫ ୪ ଅଭିଯୁକ୍ତ।

ଜୁନାଗଡ,୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ ସପ୍ତାହକ ତଳେ କାଲୋପଲା ଗ୍ରାମରୁ କାମ କରିଥିବା ପାରିଶ୍ରମିକ ଟଙ୍କା ଧରି ବଳଦିଆମାଲ ଗ୍ରାମର ଯୁଗସନ ପରାଭୋଇ ଓ ତାଙ୍କ ସମ୍ପର୍କୀୟ ଭାଇ ମଧୁ ପରାଭୋଇ ଫେରୁଥିବାବେଳେ ସେମାନଙ୍କୁ ଅଟକାଇ ଚୋର ଭାବି ସାନଫୁର୍ଲା ଗ୍ରାମବାସୀ ନିସ୍ତୁକ ମାଡ ମାରିଥିଲେ। ଏହି ଘଟଣା ସାନଫୁର୍ଲା ଗ୍ରାମର ଖଗେଶ୍ୱର ଅଧିକାରୀ (୩୨), ମହେନ୍ଦ୍ର ବନ୍ଧିଛୋଡ (୪୦), ପ୍ରେମଲାଲ ମାଝି (୩୬), ଦିବାକର ନାଏକ (୪୮)ଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ କିଛି ବ୍ୟକ୍ତି ଫେରାର ଥିବାବେଳେ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି। କାଲୋପଲା ଗ୍ରାମରୁ କାମ କରିଥିବା ପାରିଶ୍ରମିକ ଟଙ୍କା ଧରି ବଳଦିଆମାଲ ଗ୍ରାମର ଯୁଗସନ ଓ ତାଙ୍କ ସମ୍ପର୍କୀୟ ଭାଇ ମଧୁ ଫେରୁଥିବାବେଳେ ବାଟରେ ସେମାନଙ୍କୁ ଅଟକାଇ ଚୋର ଭାବି ନିସ୍ତୁକ ମାଡ ମାରିଥିଲେ ସାନଫୁର୍ଲା ଗ୍ରାମବାସୀ। ଯାହାକି ସେତେବେଳେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବିନା କାରଣରେ ମାଡ ମାରିଥିବା ଓ ତାଙ୍କ ୧୫ ହଜାର ଟଙ୍କା ଛଡେଇ ନେଇଥିବା ନେଇ ଯୁଗସେନ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଯୁଗସନଙ୍କ ଗ୍ରାମର ଶତାଧିକ ଜନସାଧାରଣ ମଧ୍ୟ ଥାନାକୁ ଆସି ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରିବା ଦାବି ନେଇ ବିକ୍ଷୋଭ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ. ୩୩୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ହକ୍ ପାଇଁ ଲଢ଼େଇ ଜାରି ରଖ



ସମାବେଶରେ ଯୋଗଦେଇଥିବା ଆଦିବାସୀମାନେ।

## ନିୟମଗିରି ସୁରକ୍ଷା ସମିତିର ବିଶ୍ୱ ଆଦିବାସୀ ଦିବସ ପାଳିତ

ଲାଞ୍ଜିଗଡ଼,୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ କଦମଗୁଡାଠାରେ ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଏ, ବରଗଡ ପଶ୍ଚିମ ଓଡିଶା ଚାଷୀ ନେତା ଲିଙ୍ଗରାଜ ଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କ ଏକତ୍ରିତ ହୋଇ ନିଜ ହକ ପାଇଁ ଲଢ଼େଇ ଜାରି ରଖିବାକୁ ନେଇ ଆହ୍ୱାନ ଦେଇଥିଲେ। ଲାଞ୍ଜିଗଡ, କୋରାପୁଟ, ଥୁଆମୁଳ ରାମପୁର ଅଞ୍ଚଳରେ ଖଣିଜ ସମ୍ପଦ ଭରି ରହିଛି। ଏହି ଅଞ୍ଚଳରେ ବନବାସୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ତାକୁ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ସେଥିପାଇଁ ନିଜ ଜୀବନକୁ ବାଜି ଲଗାଇ ଏହାର ସୁରକ୍ଷା କରିବା ଆମର ଦାୟିତ୍ୱ ବୋଲି ବିଶ୍ୱ ଆଦିବାସୀ ଦିବସରେ ମତପ୍ରକାଶ ପାଇଥିଲା। ସମାବେଶରେ ନିୟମଗିରୀ ଅଞ୍ଚଳରେ ବାସ କରୁଥିବା ଶତାଧିକ ଡଙ୍ଗରିଆ ଓ ଝରଣିଆ ପାରମ୍ପାରିକ ବେଶଭୁଷାରେ ସଜ୍ଜିତ ହୋଇ କଦମଗୁଡାଠାରୁ ଲାଞ୍ଜିଗଡ ବଂଶଧାରା ନଦୀ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରିଥିଲେ। ସେଠାରେ ଆଦିବାସୀଙ୍କ ହକ୍ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନିୟମଗିରୀ ସୁରକ୍ଷା ସମିତି ସଭାପତି ଲୋଦ ଶିକକା, ଖଣ୍ଡୁଆଲମାଳି ସୁରକ୍ଷା ସମିତି ବ୍ରିଟିଶ କୁମାର, କୋରାପୁଟ ଦେଓମାଳି ସୁରକ୍ଷା ସମିତି ବାସୁ ଖୋରା, ଲେନିନ କୁମାର, ଉପେନ୍ଦ୍ର ଦ୍ରାବିଡ, ସଚେତନ ନାଗରିକ ମଞ୍ଚ ସତ୍ୟ ମାହାର, ରାଜକିଶୋର ଦୋଳହରି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଲାଞ୍ଜିଗଡ ବଜାରପଡାଠାରେ ଲାଞ୍ଜିଗଡ ଆଦିବାସୀ ସଂଘ ପକ୍ଷରୁ ମଧ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ଫକୀର ମୋହନ ମାଝି, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ସମିତିସଭ୍ୟା ସୁମତି ମାଝି, ବାତେଲିମା ସରପଞ୍ଚ କରୁଣା ମାଝି, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝି, ଛତ୍ରପୁର ପଞ୍ଚାୟତର ସରପଞ୍ଚ ଓ ସମିତି, ହରିଶଙ୍କର ପାତ୍ର, ଯୁବନେତା ପାତ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରୀଙ୍କ ସହ ଆଲୋଚନା କଲେ ରାଜ୍ୟ ସଭା ସାଂସଦ

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସିବିଏସ୍ଇ ଏଫିଲିଏଶନ

ବଲାଙ୍ଗୀର ଅଫିସ,୯।୮

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ବଲାଙ୍ଗୀର ଜିଲାର ଡୁମେରବାହାଲ ଏକଲବ୍ୟ ମଡେଲ ରେସିଡେନସିଆଲ ସ୍କୁଲର ସିବିଏସ୍ଇ ଏଫିଲିଏସନ ପାଇଁ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଆଲୋଚନା କରିଛନ୍ତି। ଚଳିତ ଶିକ୍ଷାବର୍ଷ ୨୦୨୨-୨୩ରେ ଉକ୍ତ ସ୍କୁଲର ୫୫ ଜଣ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ଦେବେ। ସିବିଏସ୍ଇ ଏଫିଲିଏଶନ ପାଇଁ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପତ୍ର ଦ୍ୱାରା ଅବଗତ କରିସାରିଛନ୍ତି। ସିବିଏସ୍ଇ ପାଠ୍ୟକ୍ରମରେ ଆଦିବାସୀ ଛାତ୍ରୀଛାତ୍ର ପଢ଼ିବା ପାଇଁ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବଲାଙ୍ଗୀର ଜିଲାର ଡୁମେରବାହାଲଠାରେ ଏକଲବ୍ୟ ମୋଡେଲ ରେସିଡେନ୍ସିଆଲ ସ୍କୁଲ ପ୍ରତିଷ୍ଠା ହୋଇଛି। ଏହି ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଆଦିବାସୀ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨୦୧୬-୧୭ ଶିକ୍ଷାବର୍ଷରେ ଏହି ସ୍କୁଲରେ ଷଷ୍ଠ ଶ୍ରେଣୀରେ ୩୦ଆଦିବାସୀ ଛାତ୍ରୀ ଏବଂ ୩୦ ଛାତ୍ର ନାମ ଲେଖାଇଥିଲେ। ପ୍ରତ୍ୟେକ ଶ୍ରେଣୀରେ ୬୦ଲେଖାଏ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସ୍କୁଲ ଅନୁବନ୍ଧନ ସହିତ ଉପଯୁକ୍ତ ଭିତ୍ତିଭୂମି ଓ ବିକାଶ ପାଇଁ ପଦକ୍ଷେପ ଗ୍ରହଣ ପାଇଁ ସାଂସଦ ବିଶି ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ସିବିଏସ୍ଇ ଏଫିଲିଏସନ ପାଇଁ ମନ୍ତ୍ରୀ ଟୁଡୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଅଧିକାର ପାଇଁ ଏକଜୁଟ ହୁଅ



ବିଶ୍ୱ ଆଦିବାସୀ ଦିବସରେ ଅନୁଷ୍ଠିତ ଆଲୋଚନାରେ ମଞ୍ଚାସୀନ ଅତିଥି।

## ପାରମ୍ପରିକ ଜ୍ଞାନ ସଂରକ୍ଷଣରେ ମହିଳାଙ୍କ ଭୂମିକାକୁ ନେଇ ଆଲୋଚନା

ବଲାଙ୍ଗୀର ଅଫିସ,୯।୮

ଆଦିବାସୀ ସମନ୍ୱୟ ସମିତି ଓ ଆଦିବାସୀ ଅଧିକାର ମହାସଂଘ ମିଳିତ ଆନୁକୂଲ୍ୟରେ ଇନ୍ଦିରାନଗରସ୍ଥିତ ଶବରୀ ନାରାୟଣ ମନ୍ଦିରରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ପ୍ରଥମେ ଆଦିବାସୀଙ୍କ ଦେବାଦେବୀ ଓ ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଦମୟନ୍ତୀ କୁମୁରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥିଭାବେ ଦ୍ୱିଜ ଦଳପତି, କାଳିନ୍ଦୀ ମାଝି, ରାହାସ ବିହାରୀ ଭୋଇ ମଞ୍ଚାସୀନ ଥିଲେ। ଯଥା ବିଶ୍ୱାଳ ସଭା ପରିଚାଳନା କରିଥିଲେ। ସଭାରେ ଆଦିବାସୀମାନଙ୍କ ଅଧିକାର ଓ ସଂରକ୍ଷଣ ଉପରେ ମତାମତ ଉପସ୍ଥାପନ କରିଥିଲେ। ଏଥିସହିତ ଆଦିବାସୀମାନଙ୍କ ପାରମ୍ପରିକ ଜ୍ଞାନକୌଶଳର ସଂରକ୍ଷଣ ଏବଂ ଏହାର ପ୍ରସାରରେ ଆଦିବାସୀ ମହିଳାମାନଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଗୀତାଞ୍ଜଳି ଭୋଇ, ସୁଶୀଳା ପୁଟା, କୁଇ ଭୁଏ, କର୍ଲା ଖମନ, ପୂର୍ଣ୍ଣବାସୀ ଭୋଇ ମତ ରଖିଥିଲେ। ଆଗାମୀ ଦିନରେ ଏକଜୁଟ ହୋଇ ଅଧିକାର ପାଇଁ ଲଢେଇ କରିବାକୁ ଶପଥ ନେଇଥିଲେ। ଶେଷରେ କାଳନ୍ଦ୍ରି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାହକ ପଞ୍ଚାୟତ ପାଳିଲା କ୍ରାନ୍ତି ଦିବସ

ବଲାଙ୍ଗୀର ଅଫିସ, ୯।୮




ଅଖିଳ ଭାରତ ଗ୍ରାହକ ପଞ୍ଚାୟତ ପକ୍ଷରୁ କ୍ରାନ୍ତି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ଗାନ୍ଧୀ ଭବନଠାରେ ବଲାଙ୍ଗୀର ଶାଖା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳନ କରାଯାଇଥିଲା। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ରାଷ୍ଟ୍ର ପୂର୍ବ କ୍ଷେତ୍ର ସଙ୍ଗଠକ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ଯୋଗଦେଇ କ୍ରାନ୍ତି ଦିବସର ଐତିହାସିକ ପୃଷ୍ଠଭୂମି ଓ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଓଡିଶା ପଶ୍ଚିମ ପ୍ରାନ୍ତ ଗ୍ରାହକ ପଞ୍ଚାୟତ ଅଧକ୍ଷ ଶଶୀଭୂଷଣ ପୁରୋହିତ ବକ୍ତବ୍ୟ ରଖିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ଜିଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାହକ ପଞ୍ଚାୟତ ସଭ୍ୟାସଭ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ନାଗରିକ ଯୋଗଦାନ କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ ଆଡଭୋକେଟ୍ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲ।

# ବିଶ୍ୱ ଆଦିବାସୀ ଦିବସ ପାଳିତ

କର୍ଲାମୁଣ୍ଡା/ରୁପ୍ରା ରୋଡ,୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ଛକଠାରେ ଜୋରାଡବରା ପଞ୍ଚାୟତ କନ୍ଧ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପଞ୍ଚାୟତ କନ୍ଧ ସମାଜ ସଭାପତି ଭୀମ ଭୋଇ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ନନ୍ଦି କିଶୋର ମାଝି, ଶୋଭକର ଜାନୀ, ସୁଶାନ୍ତ ଜାନୀ, ସମରେନ୍ଦ୍ର ସିଂ ଭୋଇ, ବାବୁଲୁ ଜାନୀ, ମସ୍କାଦାଣ୍ଡି ଗାଁ କମିଟି ପ୍ରଦୀପ ଭୋଇ, କାସିଆ ଭୋଇ, କୁସୁରଲା ଗାଁ କମିଟି ରାମସାମୀ ଜାନୀ, ଜଳନ୍ଧର ମାଝି, ସିଲେଟପଡା ଦୁର୍ଗା ମାଝି, ପଙ୍କଜ ଜାନୀ, ଜୋରାଡବରାରୁ ହୀରାଲାଲ ମାଝି, ଯୁବ ସଙ୍ଗଠକ ଡମ୍ବରୁ ଧର ମାଝି, ତରୁଣ ଜାନୀଙ୍କ ସମେତ ଅନ୍ୟାନ୍ୟ ଗ୍ରାମ କମିଟି କର୍ମକର୍ତ୍ତା ଯୋଗଦେଇ ଆଦିବାସୀ ଦିବସ ପାଳନ ଲକ୍ଷ୍ୟ ଉଦ୍ଦେଶ୍ୟ ତଥା ଆଦିବାସୀଙ୍କ ହକ ଓ ଅଧିକାର ଉପରେ ଆଲୋଚନା କରିଥିଲେ। ସେହିପରି ନର୍ଲା କନ୍ଧ ସମାଜ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ନର୍ଲା ନିର୍ମାଣାଧୀନ ମା' ଢୁକୁରୀ ଦେବୀ ପୀଠରେ ପାଳିତ ହୋଇଛି। ଆଦିବାସୀ ଶହୀଦମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଇତିହାସ ପୃଷ୍ଠାରେ ସ୍ଥାନିତ କରିବାକୁ ଦାବି କରିଥିଲେ। ଆଦିବାସୀମାନଙ୍କ ସଂସ୍କୃତି, ପରମ୍ପରା, ଭାଷା ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ବିଶ୍ୱ ଆଦିବାସୀ ଦିବସକୁ ସର୍ବଭାରତୀୟସ୍ତରରେ ଛୁଟି ଘୋଷଣା ପାଇଁ ଦାବି ହୋଇଥିଲା। ବିଶ୍ୱ ଆଦିବାସୀ ଦିବସ କିପରି ଘରେ ଘରେ ପାଳନ କରାଯିବ ଏହାର ପ୍ରଚାର ପ୍ରସାର ପାଇଁ ଯୁବ କନ୍ଧ କବି କ୍ଷିତୀଶ ଚନ୍ଦ୍ର ମାଝି ମତାମତ ଦେଇଥିଲେ।



ବିଶ୍ୱ ଆଦିବାସୀ ଦିବସ ପାଳନରେ ଉପସ୍ଥିତ କର୍ମକର୍ତ୍ତା ।

# ଶୋଭାଯାତ୍ରା କଲେ ଆଦିବାସୀ



ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ଆଦିବାସୀଙ୍କ ଶୋଭାଯାତ୍ରା।

## ଧର୍ମଗଡରେ ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ

■ ୧୩ ଦଫା ଦାବିପତ୍ର ପ୍ରଦାନ

ଧର୍ମଗଡ଼,୯।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ରେ ମଙ୍ଗଳବାର ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମା' ଭଣ୍ଡାରଘରଣୀ ମନ୍ଦିରଠାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଆଦିବାସୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଚାରିଛକଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ପରେ ବିଜୁ କଲ୍ୟାଣ ମଣ୍ଡପରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଜିଲା ସଭାପତି ପ୍ରକାଶ ମାଝି, ସାଧାରଣ ସମ୍ପାଦକ ରତୁରାଜ ମାଝି, ଯୁବ ଗବେଷକ ଅଜିତ ଭୋଇ, ଜିଲା ଉପସଭାପତି ଲଳିତ ନାଏକ, ବ୍ଲକ ସଭାପତି ଭବେଶ ଗଇତା, ସମ୍ପାଦକ ଗୋବର୍ଦ୍ଧନ ଶବର ଆଦିବାସୀ ନେତା ଦିଲୀପ ମାଝି, ଲିଙ୍ଗରାଜ ଭୋଇ ପ୍ରମୁଖଙ୍କ ସମେତ ବହୁ ଆଦିବାସୀ ନେତା ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ୧୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ମଧ୍ୟରେ ବିଶ୍ୱ ଆଦିବାସୀ ଜାତୀୟ ଦିବସର ମାନ୍ୟତା ପ୍ରଦାନ, ୨୦୦୬ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ, କଳାହାଣ୍ଡି ଲୋକ ସଭା ଆସନର ସଂରକ୍ଷଣ ସହ ୨ ବିଧାନସଭା ଆସନ ସଂରକ୍ଷିତ ରଖିବା, ନିର୍ମାଣଧୀନ ମେଡିକାଲ କଲେଜକୁ ଶହୀଦ ରେଣ୍ଡୋ ମାଝିଙ୍କ ନାମରେ ନାମିତ କରିବା, ଆଗାମୀ ଜନଗଣନା ସମୟରେ ଆଦିବାସୀଙ୍କ ପାଇଁ ସତନ୍ତ୍ର ଧାର୍ମିକ ପରିଚୟ ବ୍ୟବସ୍ଥା ଆଦି ଦାବି ରହିଛି। ମଞ୍ଚ ସଂଯୋଜନା ପଦ୍ମ ଲୋଚନ ନାଏକ କରିଥିବା ବେଳେ ବ୍ଲକ ଆଦିବାସୀ ସଂଘ ସଭାପତି ଭବେଶ ଗଇନ୍ତା, ଗୋବର୍ଦ୍ଧନ ଶବର, ଶ୍ୟାମସୁନ୍ଦର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକରୁ ହଜାର ହଜାର ଆଦିବାସୀ ସାମିଲ ହୋଇଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୦ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ସୋହେଲାରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ

ସୋହେଲା,୯।୮(ଡି.ଏନ.ଏ.) : ବରଗଡ଼ ଜିଲା ସୋହେଲା ମୁଖ୍ୟ ଛକ ସ୍ଥିତ ସଂଗ୍ରାମୀ ସ୍ମୃତି ପୀଠରେ ମଙ୍ଗଳବାର ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଛି। ମା ଗୌରୀଦେବୀ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅଂଶୁମାନ ଷଡଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ମହାତ୍ମା ଗାନ୍ଧୀଙ୍କ ସମେତ ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଡାକ୍ତର ଶିଶିର କୁମାର ସାହୁ, ନଥୁରାମ ଅଗ୍ରବାଲ, ଟଙ୍କଧର ଝାଙ୍କର, ଥାନାଧିକାରୀ ହାଡ଼ିବନ୍ଧୁ ଗଡ଼ତିଆ, ଅଧାପକ ଡ. ତୁଷାରକାନ୍ତ ସାହୁ, ସଞ୍ଜୀବ ଝାଙ୍କର, ମୁକେଶ ଅଗ୍ରୱାଲ, କିଶୋର ଗଡ଼ତିଆ, ତୁଳସୀ ପାଣିଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

### ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ

ଅମ୍ବାଭୋନା,୯।୮(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ସମ୍ମିଳନୀ କକ୍ଷରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ପରିବର୍ତ୍ତନ ସହାୟତା ଏବଂ ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ଦୁଇଦିନିଆ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ନୀଳକୁମାରୀ ନାୟକ, ବିପିଏମ ମୁରଲିଧର ଗଡ଼ତିଆ, ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ରାଜେଶ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ପିଡ଼ିସି, ଭୁବନେଶ୍ୱରରୁ ସୁଧୀର କୁମାର ଦାସ, ସମ୍ପୂର୍ଣ୍ଣା ପ୍ରକଳ୍ପ ଅଧିକାରୀ ଅମ୍ରିତା କୁମାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବ୍ଲକ ସଂଯୋଜିକା ସସ୍ମିତା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅମ୍ବାଭୋନା ବ୍ଲକର ୪ଟି ପଞ୍ଚାୟତରୁ ୧୫ ଉତ୍ପାଦକ ଦଳର ୪୦ ସଦସ୍ୟା ଯୋଗଦାନ କରିଥିଲେ। ପ୍ରକଳ୍ପର ଗୋଷ୍ଠୀ ସମ୍ବଳ କର୍ମୀ ପଙ୍କଜିନୀ ସାହୁ, ରୀନା ବେହେରା, କୁସୁମ ପଟେଲ, ଉର୍ମିଳା ଚୌଧୁରୀ, ଲକ୍ଷ୍ମୀ ବଗର୍ତ୍ତି, କସ୍ତୁରୀ ଦେହେରୀ ପ୍ରମୁଖ ସହଯୋଗ କରିଥିଲେ।

### ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

ବରପାଲି,୯।୮(ଡି.ଏନ.ଏ.): ବରଗଡ ଜିଲା ବରପାଲି ସାମ୍ବାଦିକ ସଂଘର ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସ୍ଥାନୀୟ ଜବାହାର ଯୁବ ପରିଷଦରେ ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ମାସରେ ସଂଘର ୩୬ତମ ବାର୍ଷିକୋତ୍ସବ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଏକ ସ୍ମରଣିକା ପ୍ରକାଶ ପାଇବ। ସମାଜସେବା, ସାମ୍ବାଦିକ ଓ ଆଞ୍ଚଳିକ ସମସ୍ୟା ଏବଂ ସାମାଜିକ ଜୀବନରେ ମଣିଷର ଭୂମିକା ଉପରେ ସ୍ୱ ଲିଖିତ ଲେଖା ସାମ୍ବାଦିକ ସଂଘ ସଭାପତିଙ୍କ ନିକଟକୁ ସେପ୍ଟେମ୍ବର ୨୫ତାରିଖ ସୁଦ୍ଧା ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସୂଚନା ଦିଆଯାଇଥିଲା। ବୈଠକରେ ବାଲକିଶୋର ଖାଡାଙ୍ଗା, ରକ୍ଷାକାରୀ ବିଶି, ପଦ୍ମଲୋଚନ ସାହୁ, ହର୍ଷ ବେହେରା, ସୂର୍ଯ୍ୟ ଦାସ, ବ୍ରଜ ମେହେର, ଅଶୋକ ବରାଇ, ଅରକ୍ଷିତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବ୍ରଜ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଡ଼ି ଧକ୍କାରେ ଯୁବକ ମୃତ

ବୌଦ୍ଧ,୯।୮(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ମଙ୍ଗଳବାର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପରିଚୟ ମିଳି ପାରିନାହିଁ । ପୁରୁଣାକଟକ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ-ନୟାଗଡ ଜିଲା ସୀମାନ୍ତ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ କେତେବେଳେ ଏହି ଦୁର୍ଘଟଣା ଘଟିଛି ଜଣାପଡିନାହିଁ । ସକାଳେ ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି । ମୃତକଙ୍କ ବୟସ ୪୦ରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ । ତେବେ ମୃତ ଯୁବକ ଜଣକ ପୁରୁଣାକଟକର ଛତ୍ରପୁର ଗ୍ରାମର ବୋଲି ଅନୁମାନ କରାଯାଉଛି । ଆଡେଣୀଗଡ ଫାଣ୍ଡି ଅଧିକାରୀ କିଶୋର ବେହେରାଙ୍କୁ ପଚାରିବାରେ ଏନେଇ ଏକ ମାମଲା ହୋଇଛି । ପରିବାର ଲୋକ ଆସି ମୃତଦେହ ଚିହ୍ନଟ କଲା ପରେ ପରିଚୟ ଜଣାପଡିବ ବୋଲି ପ୍ରକାଶ କରିଥିଲେ ।

# ଅଗଷ୍ଟ କ୍ରାନ୍ତିରେ ଦେଶପ୍ରେମର ଝଲକ୍

ବରଗଡ଼ ଅଫିସ,୯।୮

ଦେଶ ମାତୃକାର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଭାରତବର୍ଷରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି । ଏହି ଅବସରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଚାଲିଛି । ମଙ୍ଗଳବାର କ୍ରାନ୍ତି ଦିବସରରେ ବରଗଡ଼ର ବିକାଶ ଗ୍ରୁପ୍ ଏହାକୁ ନିଆରା ଢ଼ଙ୍ଗରେ ପାଳନ କରିଛି। ବିକାଶ ଗ୍ରୁପ୍‌ର ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ୧କି.ମି ଲମ୍ବର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଏଥିରେ ସହର ତ୍ରିରଙ୍ଗାମୟ ହୋଇପଡ଼ିଥିବାବେଳେ ଛାତ୍ରୀଛାତ୍ରଙ୍କ ବନ୍ଦେ ମାତରଂ, ଭାରତ ମାତା କି ଜୟ ଧ୍ୱନି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା।

ସକାଳ ପ୍ରାୟ ୭ଟାରୁ ବିକାଶ ଗ୍ରୁପ୍‌ର କର୍ମକର୍ତ୍ତା, କର୍ମଚାରୀ ଏବଂ ଛାତ୍ରୀଛାତ୍ର ବରଗଡ଼ ସହର ମୁଖ୍ୟରାସ୍ତା ପାର୍ଶ୍ୱରେ ଏକାଠି ହୋଇଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରିଷ୍ଣାଙ୍କ ନେତୃତ୍ୱରେ ସକାଳ ପ୍ରାୟ ସାଢ଼େ ୭ଟାରେ ଲେଙ୍ଗୁ ମିଶ୍ର ଛକରୁ ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ରେ ଏଭଳି ଆୟୋଜନ ଏବଂ ସେଥିରେ ସେ ସାମିଲ ହୋଇଥିବା ଯୋଗୁ ନିଜେ ଗର୍ବିତ ବୋଲି କହିଥିଲେ। ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଦେଶ ମାତୃକା ପାଇଁ ବିକାଶର ଏଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ତ୍ରିରଙ୍ଗା ଶୋଭାଯାତ୍ରା ଥାନା ଛକ, ଗୌରପଡ଼ା ଛକ, କଚେରୀ ଛକ, ଗାନ୍ଧୀଛକ, ଘରୋଇ ବସ୍‌ଷ୍ଟାଣ୍ଡ ଛକ, ଗୁରୁଦ୍ୱାରା ଛକ ଦେଇ ଗଣପତି ହୋଟେଲ ପର୍ଯ୍ୟନ୍ତ ଯାଇଥିଲା। ବିକାଶ ଛାତ୍ରୀଛାତ୍ର ବିଭିନ୍ନ ଛକ ସ୍ଥାନରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଝିପିଝିପି ବର୍ଷା ସତ୍ତ୍ୱେ ତ୍ରିରଙ୍ଗା ଶୋଭାଯାତ୍ରା ସହିତ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ବିକାଶ ଗ୍ରୁପ୍‌ର ଛାତ୍ରୀଛାତ୍ର, କର୍ମଚାରୀ, କର୍ମକର୍ତ୍ତାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଙ୍ଗଠନ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ସଚେତନ ନାଗରିକ ପ୍ରମୁଖ ଯୋଗଦାନ କରିଥିଲେ ।

ତ୍ରିରଙ୍ଗା ଶୋଭାଯାତ୍ରା ସମସ୍ତଙ୍କୁ ଏକଜୁଟ୍ କରିବା ସହିତ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଫଳ ସାଧିତ ହୋଇଥିବା ଯୋଗୁ ବିକାଶ ଗ୍ରୁପର ଚେୟାରମ୍ୟାନ ମୁରଲି କ୍ରିଷ୍ଣା ଧନ୍ୟବାଦ ଜଣାଇଛନ୍ତି। ସେହିପରି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ, ସାମାଜିକ, ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇଥିବାରୁ ଏହା ବରଗଡ଼ର ଭାଇଚାରାକୁ ପ୍ରତିଫଳିତ କରଛି ବୋଲି ସେ କହିଛନ୍ତି। ସଫଳ ଆୟୋଜନ ପାଇଁ ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର (ଆଡ୍‌ମିନିଷ୍ଟ୍ରେଶନ) ଡି. ବିବେକ, ଡାଇରେକ୍ଟର (ଏକାଡ଼େମିକ୍ସ) ଜି. ରାମକ୍ରିଷ୍ଣା, ଡାଇରେକ୍ଟର ଡି. ରାମକୁମାର, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଗ୍ରୁପ୍‌ର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




ତ୍ରିରଙ୍ଗା ଶୋଭାଯାତ୍ରାରେ ବିକାଶ ଗ୍ରୁପ୍ ଛାତ୍ରୀଛାତ୍ରଙ୍କ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ। ବରଗଡ଼ରେ ବିକାଶର ତ୍ରିରଙ୍ଗା ଶୋଭାଯାତ୍ରା ।

**୧ କି.ମି. ଲମ୍ବ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରା**

### ହର୍ ଘର୍ ତ୍ରିରଙ୍ଗା ଅଭିଯାନ ପ୍ରସ୍ତୁତି

ଡୁଙ୍ଗୁରିପାଲି, ୯।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଆଜାଦ ହିନ୍ଦ କ୍ଲବଠାରେ ମଙ୍ଗଳବାର ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ନେଇ ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାଜପା ଡୁଙ୍ଗୁରିପାଲି ମଣ୍ଡଳ ସଭାପତି ନୀତେଇ ପାଲଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ତଥା ହର୍ ଘର୍ ତ୍ରିରଙ୍ଗା ଅଭିଯାନର ସଂଯୋଜକ ହେମନ୍ତ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପାୟନ ଉପରେ ଆଲୋକପାତ କରିଥିଲେ। ମଣ୍ଡଳ ସଭାପତି ପାଲ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ପ୍ରତିଟି ଘରେ ଜାତୀୟ ପତାକା ଉତ୍ତୋଳନ କରାଯିବ ଓ ନିଜ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ନିଜ ମତ ରଖିଥିଲେ। ଆସନ୍ତା ୧୩, ୧୪ ଓ ୧୫ ତାରିଖ ଦିନ ସକାଳ ସମୟରେ ମୋଟର ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ । ଏହାଛଡା ପ୍ରତ୍ୟେକ ଘରକୁ ଯାଇ ତ୍ରିରଙ୍ଗା ପତାକା ଉଡାଇବା ପାଇଁ ଲୋକଙ୍କୁ ତ୍ରିରଙ୍ଗା ଝଣ୍ଡା ବଣ୍ଟନ କରାଯିବ । ଶୁଖା ମଣ୍ଡଳ ସଭାପତି ସୁରେଶ ପଧାନ, ଅଶୋକ ପଧାନ, ରଥ ସାହୁ, ଅଭିନାଶ ମିଶ୍ର, ଶୁଶାନ୍ତ ସାହୁ, ନେହେରୁ ପଧାନ, ବେଣୁଧର ଦଣ୍ଡସେନା, ବିକାଶ ପତି, କଳାକାହ୍ନୁ ମହାନନ୍ଦଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବରଗଡ଼ରେ ବିଶ୍ୱ ଆଦିବାସୀ ଦିବସ




ବିଶ୍ୱ ଆଦିବାସୀ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ,୯।୮

ବରଗଡ଼ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି କୁଞ୍ଜ ବିହାରୀ ଭୋଇ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି, ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ, ଅମ୍ବାଭୋନା ତହସିଲଦାର ସୀତାରାମ ଭୋଇ ସମ୍ମାନିତ ଅତିଥି, ଭଟଲି ବ୍ଲକ ଶିକ୍ଷାଧିକାରୀ ସରୋଜ କୁମାର ଭୁଏ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକରୁ ସଂଘ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ବରଗଡ଼ ବ୍ଲକରୁ ଚତୁର୍ଭୁଜ ଭୋଇ, ଗଜାନନ ଭୋଇ, ଭଟଲିରୁ ଲକ୍ଷ୍ମୀ ନାରାୟଣ ସିଂ, ତରଣୀ କୁମୁରା, ଗୁରୁଦେବ ଭୋଇ, ରୂପାନନ୍ଦ ନାଏକ, ଅମ୍ବାଭୋନାରୁ ମହାଦେବ ବାଗ, ଅତାବିରାରୁ ଶ୍ୟାମସୁନ୍ଦର ଭୋଇ, ସୁରେନ୍ଦ୍ର ମିର୍ଦ୍ଧା, ଶଶୀଭୂଷଣ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ଭେଡ଼େନ ବ୍ଲକରୁ ଦୟାସାଗର ଭୋଇ, ସୁଶିଲ କୁମାର ଭୁଏ, ପଣ୍ଡରୁ ଭୁଏ, ବରପାଲିରୁ ତରଣୀ ଛତ୍ରିଆ, ବୀରେନ ମିର୍ଦ୍ଧା, ବିଜେପୁରରୁ ସୁଶାନ୍ତ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଭ୍ୟା ମେରିୟମ ବାର୍ଲା ଏବଂ ତାଙ୍କ ଗ୍ରୁପ୍ କରମା ନାଚ ପରିବେଷଣ କରିଥିଲେ। ରବିଚନ୍ଦ୍ର ବୁଡ଼େକ ମଞ୍ଚ ପରିଚାଳନା କରିଥିଲେ।

### ଚିରନ୍ତନ ଧାନ ଉତ୍ପାଦନ ଯୋଜନା କର୍ମଶାଳା

ବରଗଡ଼ ଅଫିସ,୯।୮

ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ କୋର୍ କାର୍ବନ ସଲ୍ୟୁଶନ୍ ଏବଂ ମହାଶକ୍ତି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଚିରନ୍ତନ ଧାନ ଉତ୍ପାଦନ ଯୋଜନା ସମ୍ପର୍କିତ ସହଭାଗୀ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା, ବରଗଡ଼ କୃଷି ଜିଲା ଅଧିକାରୀ ଅଶୋକ କୁମାର ଅମାତ, ଆତ୍ମାର ପ୍ରକଳ୍ପ ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତି, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ବରିଷ୍ଠ ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା, କୋର୍ କାର୍ବନ ସଲ୍ୟୁଶନର ରାଜ୍ୟ ମୁଖ୍ୟ ଅପର୍ତ୍ତି ସେଠୀ, ପ୍ରକଳ୍ପ ଅଧିକାରୀ ସ୍ମୃତିରଞ୍ଜନ ସେଠୀ, ବରିଷ୍ଠ ପରିଚାଳକ ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଚିରନ୍ତନ ଧାନ ଉତ୍ପାଦନ ଯୋଜନାରେ ଚାଷୀଙ୍କୁ ସାମିଲ କରିବାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସେମାନେ ପରାମର୍ଶ ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ବରଗଡ଼ ଜିଲାର ବରପାଲି ବ୍ଲକରେ ୫ହଜାର ହେକ୍ଟର ଜମିକୁ ଏହି ଯୋଜନାରେ ସାମିଲ କରାଯାଇଥିବା ସୂଚନା ଦିଆଯାଇଥିଲା। ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଚାଷୀ ଏକର ପିଛା ୮୦୦ ଟଙ୍କା କମ୍ପାନୀ ପକ୍ଷରୁ ପ୍ରୋତ୍ସାହନ ରାଶି ପାଇବା ସହିତ ମାଟିର ଉର୍ବରତା, ଅମଳ ବୃଦ୍ଧିରେ ଚିରନ୍ତନ ଭାବେ ସହାୟକ ହେବେ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ବରପାଲି ବ୍ଲକର ପଞ୍ଚାୟତ ପ୍ରତିନିଧି, ଅଗ୍ରଣୀ ଚାଷୀ, କୃଷି ଅଧିକାରୀ ଅଂଶଗ୍ରହଣ କରିଥିଲେ। ମହାଶକ୍ତି ଫାଉଣ୍ଡେଶନର କୃଷି ବିଶେଷଜ୍ଞ ମିହିର ରଞ୍ଜନ ସାଗର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ବ୍ଲକ ସଂଯୋଜକ ସୁବୋଧ କୁମାର ସାହୁ ସହଯୋଗ କରିଥିଲେ। ଉପସଭାନେତ୍ରୀ ରୋଜାଲିନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତାର ଗୌରବ ଯାତ୍ରା




ବୀରମହାରାଜପୁର ଉପକଣ୍ଠ ଷଣ୍ଢାରେ କଂଗ୍ରେସର ଗୌରବ ଯାତ୍ରା ।

ଅମରପାଲି,୯।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଷଣ୍ଢା ଏବଂ ଝାରକୁମୁଣ୍ଡା ଗ୍ରାମରେ ଜିଲା କଂଗ୍ରେସ କମିଟି ତରଫରୁ କ୍ରାନ୍ତି ଦିବସ ପାଳନ ଅବସରରେ ସ୍ୱାଧୀନତାର ଗୌରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ଜିଲାର ବିଭିନ୍ନ ବ୍ଲକରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତ୍ୟାଗ ଓ ବଳିଦାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଷଣ୍ଢା ଗ୍ରାମର ବର୍ଷୀୟାନ କଂଗ୍ରେସ କର୍ମୀ ଆନନ୍ଦ ରାୟ ଜାତୀୟ ପତାକା ଉତ୍ତୋଳନ କରି ଯାତ୍ରାର ଶୁଭାରମ୍ଭ କରିଥିଲେ। ଦୁର୍ଗା ପାଢ଼ୀ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ଜିଲା କଂଗ୍ରେସ ଉପସଭାପତି ରାଜଗୋପାଳ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, ଜିଲା ସାଙ୍ଗଠନିକ ସଭାପତି ସୁଧୀର ପଣ୍ଡା, ମାଧବ କୁମ୍ଭାର, ସୂର୍ଯ୍ୟକାନ୍ତି ବାଘ, ପ୍ରଦୀପ ସେଠୀ, ନରେନ୍ଦ୍ର ପଣ୍ଡା, ଶ୍ୟାମ ନନ୍ଦ, ଗରିବ ଦଣ୍ଡସେନା, ସୁରେଶ ପଣ୍ଡା, ଭୋଲାନାଥ ସାଗର, ନରେନ୍ଦ୍ର ସାହୁ, ରାଜୁ ବାଦିଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

## ସେପ୍ଟେମ୍ବରରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର କଢ଼ି

ସୋନପୁର,୯।୮(ନି.ପ୍ର.)

ବାଲ୍ୟ ବିବାହ ସଚେତନଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର କଢିର ସୁଟିଂ ସରିଛି। କିଛି ଦିନ ଧରି ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଏହି ଚଳଚ୍ଚିତ୍ରର ସୁଟିଂ ଚାଲିଥିଲା। ଆସନ୍ତା ସେପ୍ଟେମ୍ବର ମାସରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅବିନାଶ ହୋତା, ସୁଲଗ୍ନା ନାୟକ, ସୁବାଷ ରଣା ଓ ସର୍ବଦମନ ସାହୁ ଅଭିନୟ କରିଛନ୍ତି। ରଚନା, ସଂଳାପ ଓ ପ୍ରଯୋଜନା କରିଛନ୍ତି ସନ୍ତୋଷ ରଣା । ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୟ ବାରିକ୍।



ଚଳଚ୍ଚିତ୍ର କଢ଼ିର ସୁଟିଂ ସମୟର ଦୃଶ୍ୟ।

## ଶରତ ପୂଜାରୀଙ୍କ ଜୟନ୍ତୀ ସମାରୋହ



ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ଅତାବିରା,୯।୮(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ବା କଲେଜରେ ମଙ୍ଗଳବାର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଶରତ ପୂଜାରୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ଭୋଇ, ସଭାପତି ସୋମେନ ପୂଜାରୀ, କଲେଜ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ପ୍ରାଧ୍ୟାପିକା ଅମୃତା ସାମନ୍ତ, ଜୟକୁମାରୀ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପୂଜାରୀଙ୍କ ଜୀବନୀ ତଥା ଶିକ୍ଷାକ୍ଷେତ୍ରରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦାନ କରିଥିଲେ।

## ଡାଲତଲିଏନ ପୂଜା ମଣ୍ଡଳୀର ପ୍ରତିଷ୍ଠା ମହୋତ୍ସବ

ବରଗଡ଼ ଅଫିସ,୯।୮

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ଭୂତଟିକ୍ରାରେ ମଙ୍ଗଳବାର ମା' ମାହେଶ୍ୱରୀ ଡାଲତଲିଏନ ପୂଜା ମଣ୍ଡଳୀର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫକୀର କର୍ଣ୍ଣ, ସ୍ତ୍ରୀ ସନ୍ତୋଷିନୀ କର୍ଣ୍ଣା ଦାୟିତ୍ୱ ନିର୍ବାହ କରିଥିଲେ। ଲିଙ୍ଗରାଜ ପ୍ରଧାନ, ଭୁବନ ମହାକୁର, ସନ୍ତୋଷ ଗୁରୁ, ସରପଞ୍ଚ ଶେଷଦେବ ଛନ୍ଦ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପୂଜା ସମାପନ ପରେ ପ୍ରସାଦ ସେବନ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



ଡାଲତଲିଏନ ପୂଜା ମଣ୍ଡଳୀ ପ୍ରତିଷ୍ଠା ସମାରୋହରେ ପୂଜାର୍ଚ୍ଚନା ।

# ଧନୁଯାତ୍ରାକୁ ଜାତୀୟ ମହୋତ୍ସବ ମାନ୍ୟତା ଦିଆଯାଉ

ବରଗଡ଼ ଅଫିସ,୯।୮

ବରଗଡ଼ ଧନୁଯାତ୍ରାକୁ ଜାତୀୟ ମହୋତ୍ସବ ମାନ୍ୟତା ପ୍ରଦାନ ପାଇଁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଦାବି କରିଛି। ଏହି ଦାବି ନେଇ ମହାସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ।

ବରଗଡ଼ ଧନୁଯାତ୍ରା ଭାରତୀୟ କଳା, ସଂସ୍କୃତି, ପରମ୍ପରା ଓ ପୌରାଣିକ କଥାବସ୍ତୁ ଉପରେ ଆଧାରିତ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଏବେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏଭଳି ସମୟରେ ବରଗଡ଼ ଧନୁଯାତ୍ରାକୁ ଜାତୀୟ ମହୋତ୍ସବ ମାନ୍ୟତା ଦିଆଗଲେ ତାହା ସ୍ମରଣୀୟ ହୋଇ ରହିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହାସହିତ ବରଗଡ଼ ଧନୁଯାତ୍ରାର ପ୍ଲାଟିନମ ଜୁବୁଲି ମଧ୍ୟ ପାଳନ କରିବାକୁ ସେଥିରେ ଦାବି କରାଯାଇଛି। ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ, ଉପସଭାପତି ତଥା କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ, ପଶ୍ଚିମାଞ୍ଚଳ ମିଳିତ କଳାକାର ମଞ୍ଚର ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ, ଜିଲା ସଂକୀର୍ତ୍ତନ୍ୟ ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ବିଶିଷ୍ଟ କଳାକାର କାହ୍ନା ବାଗ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।



ପଶ୍ଚିମ ଓଡ଼ିଶା କଳାକାର ମହାସଂଘ କର୍ମକର୍ତ୍ତାଙ୍କଠାରୁ ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

**ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଦାବି**

